ଧରିତ୍ରୀ
51 Years
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୯/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, March 19/2025 | Page 16 | ₹ 7.00 | BERHAMPUR
୫୧ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 113 | ମୂଲ୍ୟ ₹୭/-

# ଗୁଣି ସନ୍ଦେହରୁ ସଂଘର୍ଷ, ବାପପୁଅଙ୍କ ସମେତ ୩ ମୃତ

**ଧରାକୋଟ/ବ୍ରହ୍ମପୁର,୧୮।୩ (ବିଷ୍ଣୁକେଶରୀ ଆଚାର୍ଯ୍ୟ/ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲାରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ପୁଣିଥରେ ମୁଣ୍ଡ ନେଇଛି। ବଡ଼ଗଡ଼ ଥାନା ଅନ୍ତର୍ଗତ ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଖାରିପଲ୍ଲୀ ଗ୍ରାମରେ ଗୁଣିଗାରେଡ଼ିକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ୨ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଛି। ଏଥିରେ ବାପପୁଅଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଖାରିପଲ୍ଲୀ ଗାଁର ଖଦାଳ ବେହେରା(୬୫), ତାଙ୍କ ପୁଅ ରତ୍ନାକର ବେହେରା(୩୫) ଓ ଅନ୍ୟ ଗୋଷ୍ଠୀର ରମେଶ ବେହେରା(୩୨)। ଗ୍ରାମର ଅରୁଣ ବେହେରା (୩୦), ଭିକାରୀ ବେହେରା (୧୮), ଜଗା ବେହେରା (୧୮)ଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧରାକୋଟ ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଛି। ପୋଲିସ ଫୋର୍ସ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛି। ୫ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି।

ଖାରିପଲ୍ଲୀ ଗାଁର ଖଦାଳ ଗୁଣିଗାରେଡ଼ି କରୁଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ତେଣୁ କିଛିବର୍ଷ ତଳେ ତାଙ୍କୁ ବିରୋଧ କରାଯିବାରୁ ସେ ଗାଁ ଛାଡ଼ି ଚାଲିଯାଇଥିଲେ। ପରେ ସେ ଥାନା ଦ୍ୱାରସ୍ଥ ହୋଇଥିଲେ। ପୋଲିସ ହସ୍ତକ୍ଷେପ ପରେ ଖଦାଳ କିଛିମାସ ହେଲା ଗାଁକୁ ଫେରି ନିଜ ଘରେ ରହୁଥିଲେ। ଗ୍ରାମବାସୀ ପୁଣି ତାଙ୍କୁ ସନ୍ଦେହ କରି ଗାଁରୁ ତଡ଼ି ଦେବାପାଇଁ ଯୋଜନା କରିଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଗ୍ରାମବାସୀ ଏକଜୁଟ ହୋଇ ଖଦାଳଙ୍କ ଘରକୁ ଯାଇ ପ୍ରବଳ ପାଟିତୁଣ୍ଡ କରିବା ସହିତ ଗାଁ ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ଖଦାଳ ଓ ତାଙ୍କ ପୁଅ ରତ୍ନାକର ଏହାର ପ୍ରତିବାଦ କରିବାରୁ ଗ୍ରାମବାସୀ ଉଭୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ରତ୍ନାକର ମଧ୍ୟ ମାରଣାସ୍ତ୍ର ଧରି ପ୍ରତିଆକ୍ରମଣ କରିଥିଲେ। ଗାଁ ଦାଣ୍ଡରେ ବାପପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଗୋଷ୍ଠୀର ଗୁରୁତର ରମେଶଙ୍କ ଧରାକୋଟ ମେଡିକାଲରେ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୪

# ନିର୍ମାଣ ହେବ ୭ ବ୍ୟାରେଜ

**ମହାନଦୀ ଅବବାହିକା ଉପରେ ଓଡ଼ିଶା ସରକାର ୭ ନୂଆ ବ୍ୟାରେଜ ନିର୍ମାଣ କରିବେ। ଜଳସେଚନ ବ୍ୟବସ୍ଥାରେ ଉନ୍ନତି ଆଣି ଚାଷଜମିକୁ ପାଣି ମଡ଼ାଇବା, ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଏବଂ ଜଳ ସମ୍ପଦର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବା ବିଷୟ ମଙ୍ଗଳବାର ବିଧାନସଭାକୁ ଅବଗତ କରାଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା ହୋଇଛି। ମହାନଦୀରେ ଓଡ଼ିଶାକୁ ଜଳ ପ୍ରବାହକୁ ସୁଗମ କରାଇବା ସକାଶେ ପଡ଼ୋଶୀ ଛତିଶଗଡ଼ ସହ ମଧ୍ୟ ଆଲୋଚନା ଜାରି ରହିଥିବା ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଗୃହରେ ସୂଚନା ଦେଇଛନ୍ତି। ଏତିକି ନୁହେଁ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟରେ ଠିକା କମ୍ପାନୀଗୁଡ଼ିକ ଜଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ନ କଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଏତଲା ରୁଜୁ ସହ ସେଗୁଡ଼ିକୁ କଳାତାଲିକାଭୁକ୍ତ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।**

- **ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ରାଜ୍ୟ ସରକାରଙ୍କ ଗୁରୁତ୍ୱ**
- **ଅବହେଳା କଲେ କଳାତାଲିକାଭୁକ୍ତ ହେବେ ଠିକାସଂସ୍ଥା**



**ଭୁବନେଶ୍ୱର,୧୮।୩(ରବିନାରାୟଣ ଜେନା)**

ରାଜ୍ୟରେ ପାନୀୟ ଜଳର ସଙ୍କଟ ଏଡ଼ାଇବା ଏବଂ କୃଷିକ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ମହାନଦୀ ଅବବାହିକାରେ ୭ଟି ସେତୁ ନିର୍ମାଣ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ମଙ୍ଗଳବାର ପ୍ରଶ୍ନକାଳରେ ବିଜେଡି ସଦସ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାଏକ କହିଥିଲେ, ମହାନଦୀ ଅବବାହିକାରେ ସେତୁ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ମୋହନ ସରକାର ଅମଳରେ ମହାନଦୀ ଅବବାହିକାରେ ୭ଟି ବ୍ୟାରେଜ୍ ନିର୍ମାଣ କରାଯିବ। ଏଥିସହ ପାଣିର ସଙ୍କଟ ଟାଳିବା ପାଇଁ ଉଦୟପୁରଠାରେ ଛତିଶଗଡ଼ ଜଳସମ୍ପଦ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଏବଂ ଉଭୟ ରାଜ୍ୟର କମିଶନର ବସି ଆଲୋଚନା କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ମହାନଦୀ ଅବବାହିକାରେ ଧୀରେ ଧୀରେ ଜଳର ସ୍ରୋତ ହ୍ରାସ ପାଉଛି। ଏଥିଯୋଗୁ ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏନେଇ ବିଭାଗୀୟସ୍ତରରେ ଆଲୋଚନା ହୋଇଥିବାବେଳେ ଅବବାହିକା ଅଞ୍ଚଳରେ ବ୍ୟାରେଜ ନିର୍ମାଣର ସର୍ବାଧିକ ଆବଶ୍ୟକତା ରହିଛି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ବକେୟା ବିଜୁଳି ବିଲ୍‌ର ବାହାନା ଦେଖାଇ କୌଣସି ପାନୀୟ ଜଳ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ କାଟି ପାରିବେ ନାହିଁ। ଏପରି କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ☞ପୃଷ୍ଠା-୪

**ଗଣତାନ୍ତ୍ରିକ ରାଷ୍ଟ୍ର 'ପୋଲିସ ଷ୍ଟେଟ୍' ଭଳି କାର୍ଯ୍ୟ ନ କରୁ: ସୁପ୍ରିମକୋର୍ଟ**

**୮୧୨ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ**

ପୃଷ୍ଠା-୩

# ୬ ବର୍ଷରୁ ୧ମ ଶ୍ରେଣୀ ନାମଲେଖା

**ଭୁବନେଶ୍ୱର,୧୮।୩ (ସୁଚିସ୍ମିତା ସାହୁ)**

ପ୍ରଥମ ଶ୍ରେଣୀରେ ନାମଲେଖା ନେଇ ବୟସ ଦ୍ୱନ୍ଦ୍ୱ ଦୂର କରିଛି ରାଜ୍ୟ ଶିକ୍ଷା ବିଭାଗ। ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ପିଲାଙ୍କ ବୟସ ୬ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହେବାର ଆବଶ୍ୟକତା ରହିଛି। ୨୦୨୫-୨୬ ଶିକ୍ଷାବର୍ଷରୁ ଏହି ନିୟମ କାର୍ଯ୍ୟକାରୀ କରାଯିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ନିୟମ ଲାଗୁ ପାଇଁ ଶିକ୍ଷାବିତ୍ ଓ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ୬ବର୍ଷ ବୟସ ଗଣନା ନେଇ ମଧ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ୬ବର୍ଷ ପୂରଣ କରିବାର ଶେଷ ତାରିଖ ମାର୍ଚ୍ଚ ୩୧ ପରିବର୍ତ୍ତେ ସେପ୍ଟେମ୍ବର ୧କୁ ବୃଦ୍ଧି କରାଯାଇଛି। ସେପ୍ଟେମ୍ବର ୧ ସୁଦ୍ଧା ଛାତ୍ରୀଛାତ୍ରଙ୍କ ବୟସ ସୀମା ୬ ବର୍ଷ ନଚେତ୍ ଅଧିକ ହୋଇଥିବ ବୋଲି ବିଭାଗ ପକ୍ଷରୁ ମଙ୍ଗଳବାର ଏକ୍ସ ମାଧ୍ୟମରେ କୁହାଯାଇଛି।

# 'ମୋଦି ପୂର୍ବଜନ୍ମରେ ଛତ୍ରପତି ଶିବାଜୀ ଥିଲେ'

**ନୂଆଦିଲ୍ଲୀ,୧୮।୩**

**ପ୍ରଦୀପ ପୁରୋହିତଙ୍କ ମନ୍ତବ୍ୟକୁ ନେଇ ବିବାଦ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବଜନ୍ମରେ ମରାଠା ରାଜା ଛତ୍ରପତି ଶିବାଜୀ ମହାରାଜ ଥିଲେ ବୋଲି ବରଗଡ଼ର ଭାଜପା ଏମ୍‌ପି ପ୍ରଦୀପ ପୁରୋହିତ ଲୋକ ସଭାରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୁରୋହିତ କହିଛନ୍ତି, ଜଣେ ସନ୍ଥଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା। ମୋଦି ପୂର୍ବଜନ୍ମରେ ଛତ୍ରପତି ଶିବାଜୀ ଥିଲେ ବୋଲି ସନ୍ଥ ଜଣକ ତାଙ୍କୁ କହିଥିଲେ। ବାସ୍ତବରେ ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି, ଶିବାଜୀ ମହାରାଜ, ଯିଏ ମହାରାଷ୍ଟ୍ର ଏବଂ ଦେଶକୁ ପ୍ରଗତି ଓ ବିକାଶ ଦିଗରେ ଆଗେଇ ନେବା ନିମନ୍ତେ ପୁନର୍ଜନ୍ମ ଲାଭ କରିଥିବା ପୁରୋହିତ କହିଛନ୍ତି।

ତେବେ ପୁରୋହିତଙ୍କ ଏହି କଥାକୁ କେତେଜଣ କଂଗ୍ରେସ ନେତା ଓ ନାଗରିକ ସହଜରେ ନେଇନାହାନ୍ତି। ଏଭଳି ମନ୍ତବ୍ୟ ଛତ୍ରପତି ଶିବାଜୀ ମହାରାଜଙ୍କ ଲିଗାସି ଏବଂ ମହାନତା ପ୍ରତି ଅପମାନ ବୋଲି ସେମାନେ ସମାଲୋଚନା କରିଛନ୍ତି। ଅନେକ ୟୁଜର୍ସ ସାମାଜିକ ଗଣମାଧ୍ୟମ ଜରିଆରେ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ତୁଳନା ଆଦରଣୀୟ ଐତିହାସିକ ବ୍ୟକ୍ତିତ୍ୱଙ୍କ ପ୍ରତି ଅପମାନଜନକ। ଏଥିପାଇଁ ଏମ୍‌ପି ପୁରୋହିତ କ୍ଷମା ମାଗନ୍ତୁ ବୋଲି କେତେଜଣ ଦାବି କରିଛନ୍ତି। କଂଗ୍ରେସ ନେତ୍ରୀ ବର୍ଷା ଗାଏକ୍ୱାଡ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜଙ୍କ ମର୍ଯ୍ୟାଦାଜନକ ପଗଡ଼ିକୁ କେତେଜଣ ନରେନ୍ଦ୍ର ମୋଦିଙ୍କ ମୁଣ୍ଡରେ ରଖି ତାଙ୍କୁ ଅପମାନିତ କରିଥିଲେ। ଭାଜପା ଏମ୍‌ପି ଏବେ ତାଙ୍କୁ ଶିବାଜୀଙ୍କ ସହ ତୁଳନା କରୁଛନ୍ତି। ଶିବସେନା(ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଭାଜପାର ଏଭଳି ନିର୍ଲଜ୍ଜ ଚାମ୍‌ଚାଗିରି ବନ୍ଦ ହେବା ଆବଶ୍ୟକ। ମୋଦିଙ୍କୁ ଛତ୍ରପତି ଶିବାଜୀଙ୍କ ସହ ତୁଳନା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଶିବାଜୀ ମହାରାଜଙ୍କ ଲିଗାସିକୁ ନେଇ ରାଜନୀତି ହେଉଥିବାରୁ ଅନ୍ୟଜଣେ ୟୁଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶିବାଜୀ ସ୍ୱରାଜ୍ୟର ପ୍ରତିଷ୍ଠାତା ଥିଲେ, ସେ କୌଣସି ଦଳର ପ୍ରତୀକ ନ ଥିଲେ। ନିର୍ଭୀକତା, ତ୍ୟାଗ ଓ ବିଚାରଧାରାକୁ ରାଜନୀତି ସହ ଯୋଡ଼ି ତାଙ୍କ ମହାନତାକୁ ସୀମିତ କରା ନ ଯାଉ ବୋଲି ୟୁଜର କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଜଙ୍ଗଲ ନିଆଁ**

# ଆଜିଠୁ ମାଟ୍ରିକ୍ ଖାତାଦେଖା


**୫୧ ମୂଲ୍ୟାୟନ କେନ୍ଦ୍ରରେ ୧୧,୮୦୦ ପରୀକ୍ଷକ**

**କଟକ,୧୮।୩(କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଖାତାଦେଖା ୧୯ ତାରିଖ ବୁଧବାରଠାରୁ ଆରମ୍ଭ ହେଉଛି। ରାଜ୍ୟର ମୋଟ ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହେବ। ସେହିପରି ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମଧ୍ୟ ଦେଖାଯିବ। ଏଥିପାଇଁ ମୋଟ ୧୧,୮୦୦ ଜଣ ପରୀକ୍ଷକଙ୍କୁ ନିୟୋଜିତ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସମସ୍ତ ମୂଲ୍ୟାୟନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖାତାଦେଖା କାର୍ଯ୍ୟ ଚାଲିବ। ଏହି କାର୍ଯ୍ୟରେ ନିୟୋଜିତ ପରୀକ୍ଷକ ଓ କର୍ମଚାରୀମାନେ ଖାତାଦେଖା ସମୟରେ କେନ୍ଦ୍ର କ୍ୟାମ୍ପସ୍ ବାହାରକୁ ☞ପୃଷ୍ଠା-୪

**ସି-ସେଟ୍ ବିଜ୍ଞାନରେ ମିଳିବ ଗ୍ରେସ୍ ମାର୍କ**

ମାଟ୍ରିକ୍ ପରୀକ୍ଷାର ବିଜ୍ଞାନ ସି ସେଟ୍ ପ୍ରଶ୍ନପତ୍ରରେ ୪ ନମ୍ବର ପ୍ରଶ୍ନ ନ ଥିବା ପରୀକ୍ଷାର୍ଥୀମାନଙ୍କୁ ଗ୍ରେସ୍ ମାର୍କ ମିଳିବ। ଏନେଇ ବୋର୍ଡର ପରୀକ୍ଷା କମିଟି ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବ ବୋଲି ବୋର୍ଡ ପକ୍ଷରୁ ସୂଚନା ମିଳିଛି।




## ଗାଜାରେ ଇସ୍ରାଏଲ୍‌ର ଜୋର୍‌ଦାର ଆକ୍ରମଣ

# ୪୧୩ ପାଲେଷ୍ଟିନୀୟ ମୃତ



ଗାଜା ଷ୍ଟ୍ରିପ୍ ଉତ୍ତର ଭାଗରେ ଥିବା ଜବାଲିଆଠାରେ ଏକ ଆବାସିକ ବିଲ୍ଡିଂ ମଙ୍ଗଳବାର ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ଧ୍ୱଂସ ହୋଇଯାଇଛି। ପାଲେଷ୍ଟିନୀୟମାନେ ଉକ୍ତ ଧ୍ୱଂସାବଶେଷ ସ୍ଥଳକୁ ଦେଖୁଛନ୍ତି।

ଦେଇର୍ ଅଲ୍-ବଲାହ, ୧୮।୩

ଇସ୍ରାଏଲ୍ ସେନା ମଙ୍ଗଳବାର ସକାଳେ ଗାଜାଷ୍ଟ୍ରିପ୍ ଉପରେ ଆକାଶମାର୍ଗରୁ ଜୋର୍‌ଦାର ଆକ୍ରମଣ କରିଛି। ଏଥିରେ ମହିଳା ଓ ପିଲାଙ୍କ ସମେତ ୪୧୩ ଜଣଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ହସ୍ପିଟାଲରେ ୪୧୩ ମୃତଦେହ ପହଞ୍ଚିଥିବାବେଳେ ଭଗ୍ନାବଶେଷ ତଳେ ଆହୁରି ଅନେକ ରହିଯାଇଥିବାରୁ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ହେବା ଅନୁମାନ କରାଯାଉଛି। ଭଗ୍ନାବଶେଷ ତଳୁ ମୃତଦେହଗୁଡ଼ିକୁ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

ଦୀର୍ଘ ୧୭ ମାସର ଯୁଦ୍ଧ ପରେ ଜାନୁଆରୀରୁ ଯୁଦ୍ଧବିରତି ରାଜିନାମା ଚାଲିଥିଲା। ରାଜିନାମାର ପ୍ରଥମ ପର୍ଯ୍ୟାୟରେ ସର୍ତ୍ତ ଅନୁଯାୟୀ ଗାଜାର ଶାସକ ହମାସ୍ କେତେକ ପଣବନ୍ଦୀଙ୍କୁ ମୁକ୍ତ କରିଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ଛାଡ଼ିଥିଲା। ତେବେ ଚୁକ୍ତିନାମାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ଇସ୍ରାଏଲ୍‌ର ଅଚାନକ ଆକ୍ରମଣ ଏହାକୁ ଭଣ୍ଡୁର କରିଛି। ଅସ୍ତ୍ରବିରତି ଚୁକ୍ତିନାମାରେ ପରିବର୍ତ୍ତନ ପାଇଁ ଇସ୍ରାଏଲ୍‌ର ଦାବିକୁ ହମାସ୍ ଗ୍ରହଣ କରିବାକୁ ରାଜି ନ ହେବାରୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। ଆକ୍ରମଣ ଅଧିକ ଦିନ ଚାଲିବା ସମ୍ଭାବନା ରହିଛି। ଇସ୍ରାଏଲ୍ ଆକ୍ରମଣ କରିବା ପୂର୍ବରୁ ଆମେରିକାର ପରାମର୍ଶ ନେଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

ଗାଜାର ଉତ୍ତରରେ ଥିବା ବେଇଟ୍ ହାନୋଉନ୍ ସହର, ଦକ୍ଷିଣର ଅନ୍ୟାନ୍ୟ ସମ୍ପ୍ରଦାୟ ସମେତ ପୂର୍ବ ଗାଜାକୁ ଖାଲି କରିବାକୁ ଇସ୍ରାଏଲ୍ ସେନା ନିର୍ଦ୍ଦେଶ ଦେଇଛି। ଖୁବ୍‌ଶୀଘ୍ର ଇସ୍ରାଏଲ୍ ସ୍ଥଳଯୁଦ୍ଧ ଆକ୍ରମଣ କରିପାରେ ବୋଲି ଏଥିରୁ ସୂଚନା ଦେଇଛି। ଏବେଠାରୁ ହମାସ୍ ବିରୋଧରେ ଅଧିକ ସାମରିକ ଶକ୍ତି ସହିତ ଆକ୍ରମଣ କରାଯିବ ବୋଲି ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମୁସଲମାନଙ୍କ ପବିତ୍ର ରମଜାନ୍ ମାସ ଚାଲିଥିବାବେଳେ ଅଚାନକ ଆକ୍ରମଣ ଯୋଗୁ ଶାନ୍ତି ବାଧାପ୍ରାପ୍ତ ହୋଇଛି। ଗତ ୧୭ ମାସର ଯୁଦ୍ଧରେ ଅନେକ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ଗାଜାରେ ଧ୍ୱଂସର ତାଣ୍ଡବ ସୃଷ୍ଟି ହୋଇଥିଲା। ଏବେ ଯୁଦ୍ଧ ପୂରା ଦମ୍‌ରେ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି। ତେବେ ହମାସ୍ ନିକଟରେ ଏବେ ବି ପଣବନ୍ଦୀ ରହିଥିବା ୨ ଡଜନ୍‌ରୁ ଊର୍ଦ୍ଧ୍ୱ ଇସ୍ରାଏଲ୍‌ଙ୍କ ଭାଗ୍ୟ କ'ଣ ହେବ, ତାକୁ ନେଇ ପ୍ରଶ୍ନ ଉଠିଛି। ପୁଣି ଯୁଦ୍ଧ ପାଇଁ ନେତାନ୍ୟାହୁଙ୍କ ନିଷ୍ପତ୍ତି ଅବଶିଷ୍ଟ ପଣବନ୍ଦୀଙ୍କ ପାଇଁ ମୃତ୍ୟୁଦଣ୍ଡ ସଦୃଶ ବୋଲି ଜଣେ ବରିଷ୍ଠ ହମାସ୍ ଅଧିକାରୀ କହିଛନ୍ତି।

ପଣବନ୍ଦୀ ସଙ୍କଟର ସମାଧାନରେ ସରକାରଙ୍କ ବିଫଳତା ଏବଂ ଇସ୍ରାଏଲ୍ ଅନ୍ତରୀଣ ସୁରକ୍ଷା ସଂସ୍ଥା ମୁଖ୍ୟଙ୍କୁ ବହିଷ୍କାର ନିଷ୍ପତ୍ତିକୁ ନେଇ ନେତାନ୍ୟାହୁ ଦେଶ ଭିତରେ ପ୍ରବଳ ଚାପ ଓ ଗଣ ଆନ୍ଦୋଳନର ସମ୍ମୁଖୀନ ହେବା ପରେ ଆକ୍ରମଣ ପାଇଁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ପଣବନ୍ଦୀମାନଙ୍କ ପରିବାରର ପ୍ରତିନିଧିତ୍ୱ କରୁଥିବା ମୁଖ୍ୟ ସଂଗଠନ ଅଭିଯୋଗ କରିଛି, ସରକାର ଯୁଦ୍ଧବିରତିକୁ ସମର୍ଥନ କରୁଥିବାବେଳେ ଏହାକୁ ପଣବନ୍ଦୀଙ୍କ ଉପରେ ଛାଡ଼ିଦେବାକୁ ଚାହୁଁଛନ୍ତି। ହମାସ୍ କବଳରୁ ଆମ ପ୍ରିୟଜନଙ୍କୁ ଫେରାଇ ଆଣିବା ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରାଯାଉଥିବାରୁ ଆମେ ମର୍ମାହତ ଏବଂ କ୍ଷୁବ୍ଧ ବୋଲି ହୋଷ୍ଟେଜ୍ ଆଣ୍ଡ୍ ମିସିଂ ଫାମିଲିଜ୍ ଫୋରମ୍ ପକ୍ଷରୁ କୁହାଯାଇଛି। ଗାଜା ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ପକ୍ଷରୁ ଟ୍ରମ୍ପ୍ ପ୍ରଶାସନ ଓ ହ୍ୱାଇଟ୍ ହାଉସ୍ ସହ ପରାମର୍ଶ କରାଯାଇଥିଲା। ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଏଭିଟ୍ଟ ଏହା କହିଛନ୍ତି। କେବଳ ଇସ୍ରାଏଲ୍ ନୁହେଁ ଆମେରିକାକୁ ଆତଙ୍କିତ କରି ରଖିବାକୁ ଚାହୁଁଥିବା ହମାସ୍, ହୁଟି ଏବଂ ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି। ଗାଜାର ପ୍ରଜନନ କେନ୍ଦ୍ରଗୁଡ଼ିକ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଗଣହତ୍ୟା ଏବଂ ଲିଙ୍ଗଗତ ହିଂସା ବୋଲି ଜାତିସଂଘର ତଦନ୍ତକାରୀ ସଂସ୍ଥା କହିଛି।

## ହମାସ୍ ସରକାର ମୁଖ୍ୟ ନିହତ



ଇସାମ୍ ଅଲ୍-ଡାଲିସ୍

ଗାଜାରେ ୨ ମାସର ଯୁଦ୍ଧବିରତି ପରେ ମଙ୍ଗଳବାର ଇସ୍ରାଏଲ୍‌ର ଅଚାନକ ଏୟାରଷ୍ଟ୍ରାଇକ୍‌ରେ ହମାସ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ ୪୧୩ ଜଣଙ୍କ ମୃତ୍ୟୁ ଘଟିଛି। ହମାସ୍ ଶୀର୍ଷ ନେତାଙ୍କ ମଧ୍ୟରେ ଗାଜାରେ ଏହାର ସରକାରର ମୁଖ୍ୟ ଇସାମ୍ ଅଲ୍-ଡାଲିସ୍ ନିହତ ହୋଇଛନ୍ତି। ଏହା ବ୍ୟତୀତ ଅନ୍ତରୀଣ ମନ୍ତ୍ରଣାଳୟ ମୁଖ୍ୟ ମହମଦ ଅବୁ ୱାଟ୍‌ଫା ଏବଂ ଅନ୍ତରୀଣ ସୁରକ୍ଷା ସେବା ମହାନିର୍ଦ୍ଦେଶକ ବହଜତ ଅବୁ ସୁଲ୍‌ତାନ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ମୃତ୍ୟୁ ଘଟିଥିବା ହମାସ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ବିଜ୍ଞାପନ ମୂଲ୍ୟକୁ ନେଇ ଫିକ୍ସିଂ

### ଗ୍ରୁପ୍‌ଏମ୍, ଡେଣ୍ଟସୁ, ପ୍ରସାରଣକାରୀ ସଂସ୍ଥା ଉପରେ ସିସିଆଇ ଚଢ଼ାଉ

ନୂଆଦିଲ୍ଲୀ, ୧୮।୩

ମୂଲ୍ୟକୁ ନେଇ ଗୋପନ ବୁଝାମଣା ଅଭିଯୋଗରେ ଭାରତର କମ୍ପିଟେଶନ କମିଶନ (ସିସିଆଇ) ପକ୍ଷରୁ ଗ୍ରୁପ୍‌ଏମ୍, ଡେଣ୍ଟସୁ ଏବଂ ଇଣ୍ଟରପବ୍ଲିକ୍ ଗ୍ରୁପ୍ ଭଳି ବିଶ୍ୱସ୍ତରୀୟ ବିଜ୍ଞାପନ ସଂସ୍ଥା ଏବଂ ପ୍ରସାରଣକାରୀ ଶିଳ୍ପସଂଘ ବିରୋଧରେ ଚଢ଼ାଉ କରାଯାଇଛି। ବିଜ୍ଞାପନ ଦର ଏବଂ ରିହାତିରେ ଫିକ୍ସିଂ ଅଭିଯୋଗରେ ସିସିଆଇର ଅଧିକରୀମାନେ ଉପରୋକ୍ତ ସଂସ୍ଥାର ମୁମ୍ବାଇ, ନୂଆଦିଲ୍ଲୀ ଏବଂ ଗୁରୁଗ୍ରାମ ଆଦି ୧୦ଟି ସ୍ଥାନରେ ଥିବା କାର୍ଯ୍ୟାଳୟରେ ଚଢ଼ାଉ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ୱାଲ୍ଟ ଡିସ୍‌ନି ଏବଂ ରିଲାଏନ୍ସର ଭାରତରେ ଥିବା ମିଡିଆ ଆସେଟ୍ ମଧ୍ୟରେ ୮.୫ ବିଲିୟନ ଡଲାର ମିଶ୍ରଣ ପରେ ଦେଶର ବିଜ୍ଞାପନ ଦୃଶ୍ୟପଟ୍ଟରେ ବଡ଼ ପରିବର୍ତ୍ତନ ଘଟିଛି। ଏହା ଟିଭି ଏବଂ ପ୍ରସାରଣ ବିଭାଗ ବିଜ୍ଞାପନ ବଜାରର ୪୦ ପ୍ରତିଶତ ଶେୟାର ବୋଲି ବିଶ୍ଳେଷକମାନେ କହିଛନ୍ତି। ସେହିପରି ବିଶ୍ୱର ସର୍ବବୃହତ୍ ବିଜ୍ଞାପନ ସଂସ୍ଥା ଇଣ୍ଟରପବ୍ଲିକ୍ ଗ୍ରୁପ୍‌କୁ କିଣିବା ପାଇଁ ଓମ୍‌ନିକମ୍ ଗ୍ରୁପ୍ ଡିସେମ୍ବରରେ ୧୩.୨୫ ବିଲିୟନ ଡଲାରର ଡିଲ୍ କରିଥିଲା। ଏନେଇ ରଏଟର୍ସର ପ୍ରଶ୍ନରେ ଓମ୍‌ନିକମ୍ ପକ୍ଷରୁ କୌଣସି ଜବାବ ମିଳିନାହିଁ। ସେହିପରି ବ୍ରିଟେନ୍‌ର ଡବ୍ଲ୍ୟୁପିପି ମାଲିକାନାରେ ଥିବା ଗ୍ରୁପ୍‌ଏମ୍, ଆମେରିକାର ଇଣ୍ଟରପବ୍ଲିକ୍ସ ଆଇପିଜି ମିଡିଆବ୍ରାଣ୍ଡସ୍ ୟୁନିଟ ଏବଂ ଜାପାନର ଡେଣ୍ଟସ ପକ୍ଷରୁ ମଧ୍ୟ କୌଣସି ଜବାବ ଦିଆଯାଇନାହିଁ। ଏପରିକି ଇଣ୍ଡିଆନ୍ ବ୍ରଡକାଷ୍ଟିଂ ଆଣ୍ଡ ଡିଜିଟାଲ ଫାଉଣ୍ଡେଶନ ଏବଂ କମ୍ପିଟେଶନ କମିଶନ ମଧ୍ୟ ରଏଟର୍ସ ପ୍ରଶ୍ନର କୌଣସି ଉତ୍ତର ଦେଇନାହାନ୍ତି। ମୂଲ୍ୟକୁ ନେଇ ଗୋପନ ବୁଝାମଣା ଅଭିଯୋଗରେ ସିସିଆଇ ଏହାର କାର୍ଯ୍ୟାନୁଷ୍ଠାନ ଏବଂ ମାମଲା ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିନାହିଁ। ନିର୍ଦ୍ଦିଷ୍ଟ ପ୍ରସାରଣକାରୀ ସଂସ୍ଥା ସହ ବିଜ୍ଞାପନ ସଂସ୍ଥାଗୁଡ଼ିକ ଗୋପନ ବୁଝାମଣା କରି କ୍ଲାଏଣ୍ଟମାନଙ୍କୁ ବିଜ୍ଞାପନ ବିକିବା ବେଳେ କିପରି ମୂଲ୍ୟ ଧାର୍ଯ୍ୟ କରୁଥିଲେ, ସିସିଆଇ ତାହାର ତଦନ୍ତ କରୁଥିବା ଏକ ସୂତ୍ରରୁ କୁହାଯାଇଛି।

## 'ବୁଥ୍ ୱାରି ମତଦାତାଙ୍କ ତଥ୍ୟ ଅନ୍‌ଲାଇନରେ ଉପଲବ୍ଧ କରାଇବାକୁ ଆଲୋଚନା ପାଇଁ ପ୍ରସ୍ତୁତ'

### ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଇସି

ନୂଆଦିଲ୍ଲୀ, ୧୮।୩

ନିର୍ବାଚନ ଆୟୋଗ (ଇସି)ଙ୍କ ପକ୍ଷରୁ ବୁଥ୍ ୱାରି ମତଦାତାଙ୍କ ତଥ୍ୟ ଅନ୍‌ଲାଇନରେ ପୋଷ୍ଟ କରିବା ଆବେଦନର ଶୁଣାଣି ମଙ୍ଗଳବାର ସୁପ୍ରିମକୋର୍ଟରେ ହୋଇଥିଲା। ବୁଥ୍ ୱାରି ମତଦାତାଙ୍କ ତଥ୍ୟ ନିଜ ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ ଆବେଦନକାରୀଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ଇସି କହିଛନ୍ତି। ୧୦ ଦିନ ମଧ୍ୟରେ ଆଲୋଚନା ପାଇଁ ଇସିଙ୍କ ନିକଟକୁ ନିଜ ପ୍ରତିନିଧିଙ୍କୁ ପଠାଇବାକୁ ସିଜେଆଇ ସଞ୍ଜୀବ ଖନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଓ ଜଷ୍ଟିସ୍ କେ. ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରା ଓ ନିର୍ବାଚନରେ ସଂସ୍କାର ଆଣିବା ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଏହି ଆବେଦନ କରାଯାଇଥିଲା।

# ହିଂସା ପରେ ନାଗପୁରରେ କର୍ଫ୍ୟୁ



ଦଙ୍ଗାକାରୀମାନେ ସୋମବାର ପୋଡି ଦେଇଥିବା ଏକ କାର୍‌କୁ ଲୋକେ ଦେଖୁଛନ୍ତି।

- ୫୦ରୁ ଊର୍ଦ୍ଧ୍ୱ ଗିରଫ
- ହିଂସାକାଣ୍ଡ ଯୋଜନାବଦ୍ଧ ଥିଲା: ଫଡ୍‌ନବିସ୍

ନାଗପୁର/ମୁମ୍ବାଇ, ୧୮।୩

ମହାରାଷ୍ଟ୍ରର ନାଗପୁରରେ ମୋଗଲ ସମ୍ରାଟ ଔରଙ୍ଗଜେବ୍‌ଙ୍କ କବରକୁ ବିରୋଧ କରି ସୋମବାର ବିକ୍ଷୋଭ ହିଂସାତ୍ମକ ରୂପ ନେବା ପରେ ସହରର ବିଭିନ୍ନ ଅଞ୍ଚଳରେ କର୍ଫ୍ୟୁ ଜାରି ହୋଇଛି। ବିକ୍ଷୋଭବେଳେ ସଂଘର୍ଷ ଘଟି ୪୦ରୁ ଅଧିକ ଆହତ ହେବା ସହ ଆନ୍ଦୋଳନକାରୀ ବହୁ ଗାଡ଼ି ପୋଡ଼ିଦେଇଥିଲେ। ଏହି ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯିବା ସହ ୫ଟି ଏତଲା ଦାଏର ହୋଇଥିବା ପୋଲିସ କମିଶନର ରବୀନ୍ଦ୍ର ସିଙ୍ଗଲ୍ କହିଛନ୍ତି। ହିଂସାକାଣ୍ଡ ବେଳେ ୩୪ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିବା ମନ୍ତ୍ରୀ ଚନ୍ଦ୍ରଶେଖର ବଓ୍ୱାଙ୍କୁଲେ କହିଛନ୍ତି। ଆହତ ୫ ନାଗରିକଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ହିଂସାବେଳେ ୪୫ ଗାଡ଼ି ଭଙ୍ଗାରୁଜା ହୋଇଛି। ସହରରେ ଶାନ୍ତି ବଜାୟ ରଖିବାକୁ ମନ୍ତ୍ରୀ ସବୁ ସମ୍ପ୍ରଦାୟକୁ ନିବେଦନ କରିଛନ୍ତି। ସମାଜ ବିରୋଧୀ ତତ୍ତ୍ୱଙ୍କୁ କଦାପି ସମର୍ଥନ କରାଯିବ ନାହିଁ ବୋଲି ସେ କହିଛନ୍ତି।

ନାଗପୁର ହିଂସାକୁ ନେଇ ବିରୋଧୀ ଦଳଗୁଡ଼ିକ ଦେବେନ୍ଦ୍ର ଫଡ୍‌ନବିସ୍ ସରକାରଙ୍କୁ ସମାଲୋଚନା କରିଛନ୍ତି। ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଏସ୍‌ପି ନେତ୍ରୀ ମାୟାବତୀ ଏବଂ ଶିବସେନା (ୟୁବିଟି) ନେତାମାନେ ଦାବି କରିଛନ୍ତି। ମହାରାଷ୍ଟ୍ରରେ କାହାର କବର ଭାଙ୍ଗିବା ଠିକ୍ ନୁହେଁ, କାରଣ ଏହା ପାରସ୍ପରିକ ଭ୍ରାତୃଭାବ, ଶାନ୍ତି ଓ ସୌହାର୍ଦ୍ଦ୍ୟ ନଷ୍ଟ କରିଦେବ ବୋଲି ମାୟାବତୀ ଏକ୍ସ'ରେ ଲେଖିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ୍ କହିଛନ୍ତି, ଔରଙ୍ଗଜେବ୍‌ଙ୍କ କବର ହଟାଇବା ଦାବିରେ ବିକ୍ଷୋଭ ଚାଲିଥିବାବେଳେ ମୁସଲମାନଙ୍କ ପବିତ୍ର ଗ୍ରନ୍ଥ ପୋଡ଼ି ଗୁଜବରୁ ହିଂସାକାଣ୍ଡ ଘଟିଥିଲା। ଏହା ଏକ ଯୋଜନାବଦ୍ଧ ହିଂସାକାଣ୍ଡ ଭଳି ଜଣାପଡୁଛି। ସୋସିଆଲ ମିଡିଆରେ ଗୁଜବକୁ ନେଇ ପାଖାପାଖି ୧୦୦ ଜଣ ଲୋକ ଏକାଠି ହୋଇ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। କୌଣସି ଅପରାଧୀଙ୍କୁ ଛଡ଼ାଯିବ ନାହିଁ। ପୋଲିସ ଶାନ୍ତି ବଜାୟ ରଖିବା ପାଇଁ ଉଦ୍ୟମ କରୁଥିବା ଫଡ୍‌ନବିସ୍ କହିଛନ୍ତି। ସେ ଆହୁରି କହିଛନ୍ତି, ଶିବାଜୀ ମହାରାଜଙ୍କ ପୁଅ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ଆଧାରିତ ଛାଭା ଚଳଚ୍ଚିତ୍ରକୁ ଦେଖିବା ପରେ ଲୋକେ ଭାବପ୍ରବଣ ହୋଇ ଔରଙ୍ଗଜେବ୍‌ଙ୍କ ପ୍ରତି ସେମାନଙ୍କ କ୍ରୋଧ ପ୍ରଦର୍ଶନ କରିଥିଲେ। ଏହା ସତ୍ତ୍ୱେ ଆମକୁ ସଂଯମତା ଅବଲମ୍ବନ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସପ୍ତାହର ଯାତ୍ରା, ବିତିଗଲା ୯ ମାସ




ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ କାମନା କରି ଅହମଦାବାଦର ଏକ ସ୍କୁଲ୍‌ରେ ମଙ୍ଗଳବାର ପୂଜକ, ଶିକ୍ଷକ ଓ ଛାତ୍ରୀଛାତ୍ର ଯଜ୍ଞ କରୁଛନ୍ତି।

ୱାଶିଂଟନ, ୧୮।୩

ଆମେରିକୀୟ ମହାକାଶ ଏଜେନ୍ସି ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କ ସାଥୀ ମହାକାଶଚାରୀ ବୁଚ୍ ୱିଲମୋର ଦୀର୍ଘ ୯ ମାସ ପରେ ପୃଥିବୀକୁ ଆସିବା ପାଇଁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଛାଡ଼ିଛନ୍ତି। ସ୍ପେସ୍ ଏକ୍ସ'ର ଡ୍ରାଗନ କ୍ୟାପ୍‌ସୁଲରେ ସୁନୀତା ଓ ବୁଚ୍‌ଙ୍କ ସହ 'କ୍ରିଉ ୯' ମିଶନର ଅନ୍ୟ ୨ ସଦସ୍ୟ ଆମେରିକୀୟ ମହାକାଶଚାରୀ ନିକ୍ ହଗ୍ ଓ ରୁଷୀୟ କସ୍ମୋନଟ୍ ଆଲେକଜାଣ୍ଡର ଗୋର୍ବୁନୋଭ ମଧ୍ୟ ପୃଥିବୀ ଫେରୁଛନ୍ତି। ଆମେରିକୀୟ ସମୟ ସୋମବାର ରାତି ୧.୦୫ (ଭାରତୀୟ ସମୟ ମଙ୍ଗଳବାର ସକାଳ ୧୦ଟା ୩୫)ରେ ଡ୍ରାଗନ କ୍ୟାପ୍‌ସୁଲ ୪ ମହାକାଶଚାରୀଙ୍କୁ ଧରି ଆଇଏସ୍‌ଏସ୍‌ରୁ ଅଲଗା ହୋଇଥିଲା। ନାସାର ସୂଚନା ଅନୁଯାୟୀ, ୧୭ ଘଣ୍ଟା ମଧ୍ୟରେ ଡ୍ରାଗନ କ୍ୟାପ୍‌ସୁଲ କ୍ରିଉ ୯ ମିଶନର ୪ ସଦସ୍ୟଙ୍କୁ ପୃଥିବୀ ଫେରାଇ ଆଣିବ। ଆମେରିକୀୟ ସମୟ ମଙ୍ଗଳବାର ସନ୍ଧ୍ୟା ୫ଟା ୫୭ ମିନିଟ (ଭାରତୀୟ ସମୟ ବୁଧବାର ଭୋର୍ ୩ଟା ୨୭)ରେ ଡ୍ରାଗନ କ୍ୟାପ୍‌ସୁଲ ଫ୍ଲୋରିଡା ଉପକୂଳରେ ଅବତରଣ କରିବ। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଏହି କ୍ୟାପ୍‌ସୁଲ ନିଜର ଅବତରଣର ଗତିକୁ ଧିମା କରିବା ପାଇଁ ୪ଟି ପାରାଚ୍ୟୁଟ ନିୟୋଜିତ କରିବ। ଏହାପରେ ଫ୍ଲୋରିଡା ଉପକୂଳସ୍ଥିତ ଜଳଭାଗରେ ୪ ଆଷ୍ଟ୍ରୋନଟ୍ ସୁରକ୍ଷିତ ଭାବେ ଅବତରଣ କରିବେ। ଅବତରଣର ଠିକ୍ ପରେ ସୁନୀତା ଓ ବୁଚ୍‌ଙ୍କ ସହ ତାଙ୍କର ୨ ସାଥୀଙ୍କୁ ସ୍ଥଳଭାଗକୁ ଆଣିବା ପାଇଁ ସ୍ପେସ୍ ଏକ୍ସ'ର ଏକ ରିକୋଭରି ଜାହାଜ ପ୍ରସ୍ତୁତ ରହିଛି ବୋଲି ନାସା ସୂଚନା ଦେଇଛି। ଏକ ୭ ଦିନିଆ ମିଶନରେ ସୁନୀତା ଓ ବୁଚ୍ ଆଇଏସ୍‌ଏସ୍ ଯାଇଥିବାବେଳେ ବୋଇଂ ଷ୍ଟାର୍‌ଲାଇନର୍ କ୍ୟାପ୍‌ସୁଲରେ ଯାନ୍ତ୍ରିକ ତ୍ରୁଟି ଏବଂ ହିଲିୟମ୍ ଲିକ୍ ସମସ୍ୟା ଦେଖାଯିବା ଯୋଗୁ ଉଭୟଙ୍କୁ ଦୀର୍ଘ ୯ ମାସ ଧରି ଆଇଏସ୍‌ଏସ୍‌ରେ ବିତାଇବାକୁ ପଡ଼ିଥିଲା। ଏହି ଅବସରରେ ଉଭୟେ ମହାକାଶରେ ୧୫୦ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣ କରିଥିଲେ। ତେବେ ଗତ ବର୍ଷ ସେପ୍ଟେମ୍ବରରେ ଡ୍ରାଗନ କ୍ୟାପ୍‌ସୁଲ ଯୋଗେ କ୍ରିଉ ୯ ମିଶନ ସଦସ୍ୟ ନିକ୍ ହଗ୍ ଓ ଆଲେକଜାଣ୍ଡର ଗୋର୍ବୁନୋଭ ଆଇଏସ୍‌ଏସ୍‌ରେ ପହଞ୍ଚି ସୁନୀତା ଓ ବୁଚ୍‌ଙ୍କ ସହ ଯୋଗ ଦେଇଥିଲେ।

### ଭାରତ ଆସିବାକୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ

ଦୀର୍ଘ ୯ ମାସ ପରେ ସୁନୀତାଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନକୁ ନେଇ ଭାରତରେ ଉତ୍ସବର ମାହୋଲ ଦେଖାଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନୀତାଙ୍କୁ ଏକ ଭାବପ୍ରବଣ ଚିଠି ଲେଖି ତାଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ପାଇଁ କାମନା କରିଛନ୍ତି। ଏହି ଚିଠିକୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏକ୍ସ'ରେ ଶେୟାର କରିଛନ୍ତି। ଚିଠିରେ ମୋଦି ଲେଖିଛନ୍ତି, ସୁନୀତାଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ସାରା ବିଶ୍ୱ ଚାହିଁରହିଛି। ପ୍ରତିଟି ଭାରତୀୟଙ୍କ ହୃଦୟରେ ସୁନୀତା ଅତି ନିକଟତର। ପୃଥିବୀ ପ୍ରତ୍ୟାବର୍ତ୍ତନ ପରେ ଭାରତ ଆସିବାକୁ ସେ ସୁନୀତାଙ୍କୁ ନିମନ୍ତ୍ରଣ କରିଛନ୍ତି। ସୁନୀତାଙ୍କ ପୈତୃକ ଗ୍ରାମ ଗୁଜରାଟର ମେହସାନା ଜିଲା ଝୁଲ୍‌ସନ୍‌ରେ ଉତ୍ସବର ମାହୋଲ ଦେଖାଦେଇଛି। ଗ୍ରାମବାସୀ ବିଶେଷ ପୂଜାର୍ଚ୍ଚନା କରିବା ସହ ପ୍ରତ୍ୟାବର୍ତ୍ତନ ପରେ ଦୀପାବଳି ପରି ବାଣ ଫୁଟାଇ, ଶୋଭାଯାତ୍ରା କରି ଉତ୍ସବ ମନାଇବେ ବୋଲି ସ୍ଥିର କରିଛନ୍ତି।

## ଫୁରସତ୍

# 'ପାଇ'ର ୨୮୦ ଡିଜିଟ୍ ମନେପକାଇ ବିଶ୍ୱ ରେକର୍ଡ

### ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନିତ ହେଲେ ୧୦ ବର୍ଷୀୟ ବାଳକ





ଲଣ୍ଡନ

ଗଣିତ ପ୍ରତି ଆଗ୍ରହ ଥିବା ୧୦ ବର୍ଷୀୟ ବ୍ରିଟିଶ୍ ଛାତ୍ର ଆଲବର୍ଟ ଡାଭିଲା ଆରାଗନ ମ୍ୟାଥମେଟିକାଲ କନ୍‌ଷ୍ଟାଣ୍ଟ ଭାବେ ପରିଚିତ ପ୍ରସିଦ୍ଧ ସଂଖ୍ୟା 'ପାଇ'($\pi$)ର ଦଶମିକ ପରବର୍ତ୍ତୀ ସର୍ବାଧିକ ଡିଜିଟକୁ ସ୍ମରଣ କରି ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ବ୍ରିଷ୍ଟଲ ନିବାସୀ ଆଲବର୍ଟ ମାତ୍ର ୬୦ ସେକେଣ୍ଡ ମଧ୍ୟରେ 'ପାଇ'ର ୨୮୦ ଡିଜିଟକୁ ସ୍ମରଣ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି ଓ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ନିଜ ନାମକୁ ସ୍ଥାନିତ କରିଛନ୍ତି।

୨୦୨୪ ମାର୍ଚ୍ଚରେ ଆଲବର୍ଟଙ୍କର ଏହି ଅସାଧାରଣ ସଫଳତା ଆରମ୍ଭ ହୋଇଥିଲା, ଯେତେବେଳେ ତାଙ୍କ ବିଦ୍ୟାଳୟରେ 'ପାଇ ଡିଜିଟ୍ସ' ନାମକ ଏକ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ପ୍ରତିଯୋଗିତାରେ ସେ ପାଇ'ର ୧୫୦ ଡିଜିଟକୁ ସଫଳତାର ସହ ସ୍ମରଣ କରି ବିଜୟୀ ହୋଇଥିଲେ, ଯାହା ତାଙ୍କ ପାଇଁ ଏକ ରୋମାଞ୍ଚକର ଅନୁଭୂତି ଥିଲା। ଏହି ପ୍ରତିଯୋଗିତା ପରେ ଆଲବର୍ଟ 'ପାଇ'ର ଆହୁରି ଅଧିକରୁ ଅଧିକ ଡିଜିଟକୁ ସ୍ମରଣ କରିବା ଅଭ୍ୟାସ ଜାରି ରଖିଲେ। ଫଳରେ ତାଙ୍କର ସ୍ମୃତି ଶକ୍ତି କ୍ରମାଗତ ଭାବରେ ଉନ୍ନତ ହୋଇଥିଲା। ଶେଷରେ ସେ 'ପାଇ'ର ସର୍ବାଧିକ ଡିଜିଟକୁ ସ୍ମରଣ କରି ବିଶ୍ୱ ରେକର୍ଡ ଭାଙ୍ଗିବା ସହ ଗିନିଜ୍ ବୁକ୍‌ରେ ନିଜ ନାମ ରେକର୍ଡ କରିବାକୁ ସ୍ଥିର କରିଥିଲେ। ଆଲବର୍ଟଙ୍କ ମା'ବାପା ଗିନିଜ୍ ବୁକ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ଜିଡବ୍ଲ୍ୟୁଆର୍ ପକ୍ଷରୁ ଆଲବର୍ଟଙ୍କ ପରୀକ୍ଷା ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବ୍ରିଷ୍ଟଲ୍ ବିଶ୍ୱବିଦ୍ୟାଳୟର ଜଣେ ଗଣିତଜ୍ଞଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏକ ସ୍ୱତନ୍ତ୍ର ସ୍ଥାନରେ କରିବାକୁ ଆଲବର୍ଟଙ୍କ ଅଭିଭାବକ ସ୍ଥିର କରିଥିଲେ। ଆଲବର୍ଟ କହିଛନ୍ତି, ଏହି ରେକର୍ଡ କରିବା ପାଇଁ ଏକ ପ୍ରତୀକାତ୍ମକ ସ୍ଥାନକୁ ବଛା ଯାଇଥିଲା, ଯାହା ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। କ୍ଲିଫ୍‌ଟନ୍ ଅବଜରଭେଟୋରୀ ନିକଟସ୍ଥ ବ୍ରିଷ୍ଟଲ୍ ସସ୍‌ପେନ୍ସନ୍ ବ୍ରିଜ ଉପରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ପ୍ରତିଦିନ ସ୍କୁଲ ଯିବା ସମୟରେ ସେ ଏହି ବ୍ରିଜ୍ ଦେଇ ପାର ହେଉଥିବା ଆଲବର୍ଟ କହିଛନ୍ତି। ମାର୍ଚ୍ଚ ୧୪ ପାଇ' ଦିବସ ଉପଲକ୍ଷେ ଜିଡବ୍ଲ୍ୟୁଆର୍ ପକ୍ଷରୁ କରାଯାଇଥିବା କାର୍ଯ୍ୟକ୍ରମରେ ଆଲବର୍ଟ ୬୦ ସେକେଣ୍ଡ ମଧ୍ୟରେ ପାଇ'ର ସର୍ବାଧିକ ଡିଜିଟକୁ ସ୍ମରଣ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ।

## 'ସିକନ୍ଦର ନାଚେ'ରେ ସଲମାନଙ୍କ ଡବ୍‌କେ ଡ୍ୟାନ୍ସ

**ମୁମ୍ବାଇ:** ଅଭିନେତା ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସିକନ୍ଦର'ର ଆଉ ଏକ ଗୀତ 'ସିକନ୍ଦର ନାଚେ'କୁ ମଙ୍ଗଳବାର ରିଲିଜ୍ କରାଯାଇଛି। ସୋମବାର ଏହାର ଟିଜରକୁ ଜାରି କରାଯାଇଥିଲା। ଏହି ଗୀତ ରିଲିଜ୍ ହେବା ପରେ ଏହାର କ୍ରେଜ୍ ସଲମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ଦେଖିବାକୁ ମିଳିଛି। ଗୀତରେ ସଲମାନଙ୍କୁ ହୁକ୍ ଷ୍ଟେପ୍ ସହ ନାଚୁଥିବାର ଦେଖିବାକୁ ମିଳିଥିଲା। ଏହାସହ ତାଙ୍କୁ ଏହି ଗୀତରେ ପାଲେଷ୍ଟାଇନ, ଜୋର୍ଡାନ, ସିରିଆ ଏବଂ ଲେବାନନ୍ ଆଦି ଦେଶର ଲୋକପ୍ରିୟ ପାରମ୍ପରିକ ନୃତ୍ୟ ଡବ୍‌କେ ଡ୍ୟାନ୍ସ ଷ୍ଟେପ୍ ସହ ନାଚୁଥିବାର ମଧ୍ୟ ଦେଖିବାକୁ ମିଳିଛି। ଏହି ଗୀତର ଗ୍ରାଣ୍ଡ ସେଟ୍‌ଅପ୍ ଦର୍ଶକଙ୍କୁ ପସନ୍ଦ ଆସିଛି। ଗୀତରେ ସଲମାନଙ୍କ ସହ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କେମେଷ୍ଟ୍ରିକୁ ସିନେପ୍ରେମୀ ପସନ୍ଦ କରିଛନ୍ତି। 'ସିକନ୍ଦର ନାଚେ' ଗୀତରେ ସଲମାନ ଓ ରଶ୍ମିକାଙ୍କ ସହ ତାଳ ମିଳାଇ ତୁର୍କୀର କେତେଜଣ ସ୍ୱତନ୍ତ୍ର ଡ୍ୟାନ୍ସର ଡ୍ୟାନ୍ସ ଷ୍ଟେପ୍ କରୁଥିବାର ନଜରକୁ ଆସିଛନ୍ତି। ଏହି ଗୀତରେ ଅହମଦ ଖାନ୍‌ଙ୍କର କୋରିଓଗ୍ରାଫିକୁ ଚାରିଆଡୁ ପସନ୍ଦ କରାଯାଉଛି। ପ୍ରକାଶ ଯେ, ସାଜିଦ ନାଡିଆଡ୍‌ୱାଲାଙ୍କ ନିର୍ମିତ ଏବଂ ଏ. ଆର୍. ମୁରୁଗାଦୋସ୍‌ଙ୍କ ନିର୍ଦ୍ଦେଶିତ 'ସିକନ୍ଦର' ଫିଲ୍ମ ଆସନ୍ତା ୨୮ ତାରିଖରେ ରିଲିଜ୍ ହେବ।



# ୮୧୨ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ



କୃଷି ଶିକ୍ଷା ସଦନଠାରେ ଆୟୋଜିତ ନିଯୁକ୍ତି ମେଳାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

**ଭୁବନେଶ୍ୱର,୧୮।୩(ସୁନିତ୍ ମିଶ୍ର)**

ସରକାରୀ ଚାକିରି ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କ ସେବକ ଭାବେ ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣକରିବା ଏବଂ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ରହିବା ଆବଶ୍ୟକ। ଲୋକମାନଙ୍କ ସେହି ଭରସାକୁ କୌଣସି ସମୟରେ କିମ୍ବା ପରିସ୍ଥିତିରେ ଭାଙ୍ଗିବେ ନାହିଁ ବୋଲି ଆଶା କରୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

**ସରକାରୀ ଚାକିରି ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ: ମୋହନ**

କୃଷି ଶିକ୍ଷା ସଦନଠାରେ ମଙ୍ଗଳବାର ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୫ଟି ବିଭାଗର ୮୧୨ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ଦେବା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଆୟୁଷ ନିର୍ଦ୍ଦେଶାଳୟରେ ୪୪୨ ଜଣ ଆୟୁଷ ଆସିଷ୍ଟାଣ୍ଟ, କୃଷି ବିଭାଗରେ ୬୫ ଜଣ ମୃତ୍ତିକା ସମ୍ପ୍ରସାରଣ କର୍ମଚାରୀ ଏବଂ ୩୩ ଜଣ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଶକ୍ତି ବିଭାଗରେ ୪୮ ଜଣ ମ୍ୟାନେଜମେଣ୍ଟ ଟ୍ରେନି, ଜଳ ସମ୍ପଦ ବିଭାଗରେ ୧୨ ଜଣ କନିଷ୍ଠ ସହାୟକ ଓ ୧୪ ଜଣ ଅମିନ ଏବଂ ଇସ୍ପାତ ଓ ଖଣି ବିଭାଗରେ ୧୮୯ ଜଣ କନିଷ୍ଠ ଖଣି ଅଧିକାରୀ ଓ ୯ ଜଣ କନିଷ୍ଠ ସହାୟକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ବିକାଶଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୂ କରିବା ଦିଗରେ ଦକ୍ଷ ଓ ଉତ୍ତମ ମାନବ ସମ୍ବଳ ଅପରିହାର୍ଯ୍ୟ। ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ସରକାରୀ ବ୍ୟବସ୍ଥା ସକ୍ରିୟ ଓ ସଜାଗ ରହିଥାଏ। ଏହି ମୌଳିକ ସତ୍ୟକୁ ଉପଲବ୍ଧିକରି ସରକାର ଦାୟିତ୍ୱ ନେବା ପରେ ପରେ ଦୀର୍ଘବର୍ଷ ଧରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି। ରାଜ୍ୟର ବିକାଶ ଦିଗରେ ଆମ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଣୁ ଆପଣମାନଙ୍କ ପରି ଯୁବ ଏବଂ ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କ କଠିନ ପରିଶ୍ରମ, ନିଷ୍ଠା ଦ୍ୱାରା ହିଁ ଲୋକମାନେ ଏହି ପଦକ୍ଷେପଗୁଡିକର ସୁଫଳ ପାଇବାକୁ ସକ୍ଷମ ହେବେ। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତଙ୍କୁ ନିଜ ବିଭାଗରେ ଖାଲିଥିବା ପଦବୀକୁ ଚିହ୍ନଟକରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସରକାରୀ କ୍ଷେତ୍ରରେ ୫ ବର୍ଷ ମଧ୍ୟରେ ଦେଢ଼ ଲକ୍ଷ ନିଯୁକ୍ତିର ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ।

# ଗଣତାନ୍ତ୍ରିକ ରାଷ୍ଟ୍ର 'ପୋଲିସ ଷ୍ଟେଟ୍' ଭଳି କାର୍ଯ୍ୟ ନ କରୁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୮।୩**

ତଦନ୍ତ ଶେଷ ହେବା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥିବା ମାମଲାରେ ତଳକୋର୍ଟଗୁଡ଼ିକ ଜାମିନ ଆବେଦନକୁ ଖାରଜ କରିଦେଉଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପୋଲିସ ରାଷ୍ଟ୍ର ଭଳି କାର୍ଯ୍ୟ କରିପାରିବ ନାହିଁ ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ପ୍ରକୃତ ଆବଶ୍ୟକତା ନ ଥାଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଅକାରଣରେ କ୍ଷମତାର ଉପଯୋଗ କରୁଥିବାରୁ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଖଣ୍ଡପୀଠ କହିଛନ୍ତି, ୨ ଦଶନ୍ଧି ପୂର୍ବରୁ ଛୋଟମୋଟ ମାମଲାରେ ଜାମିନ ଆବେଦନ କ୍ୱଚିତ ହାଇକୋର୍ଟରେ ପହଞ୍ଚୁଥିଲା। ଏବେ ତଳକୋର୍ଟରେ ଯାହାର ସମାଧାନ ହେବା କଥା ସେଭଳି ମାମଲାରେ ଜାମିନ ଆବେଦନ ସୁପ୍ରିମକୋର୍ଟରେ ପହଞ୍ଚୁଯାଉଛି। ବ୍ୟବସ୍ଥାକୁ ଅନାବଶ୍ୟକ ଭାବେ ଚାପଗ୍ରସ୍ତ କରାଯାଉଥିବା ଜଷ୍ଟିସ୍ ଓକା ଏକ ଜାମିନ ଆବେଦନର ଶୁଣାଣି ବେଳେ କହିଛନ୍ତି। ପୂର୍ବରୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଏକାଧିକ ଥର ଏହି ପ୍ରସଙ୍ଗ ଉଠାଇଛନ୍ତି। ବିଶେଷ ଗୁରୁତ୍ୱ ନ ଥିବା ମାମଲାରେ ଜାମିନ ପ୍ରଦାନରେ ଟ୍ରାଏଲ୍ କୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ଅଧିକ ଉଦାର ଆଭିମୁଖ୍ୟ ଆପଣାଇବା ପାଇଁ ସୁପ୍ରିମକୋର୍ଟ ବାରମ୍ବାର କହିଆସୁଛନ୍ତି। ହାଜତରେ ରହିବା ଆବଶ୍ୟକ ନ ଥିଲେ ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷାକୁ ଗୁରୁତ୍ୱ ଦେବା ଉପରେ ବିଭିନ୍ନ ନିର୍ଦ୍ଦେଶରେ କୁହାଯିବା ସତ୍ତ୍ୱେ ତଳକୋର୍ଟ 'ବୌଦ୍ଧିକ ଅସାଧୁତା' ଦର୍ଶାଇ ଜାମିନ ମଞ୍ଜୁର ନ କରିବା ଘଟଣାରେ ସର୍ବୋଚ୍ଚ ଅଦାଲତ ପୂର୍ବରୁ କ୍ଷୋଭ ପ୍ରକାଶ କରିଥିଲେ।

ଏକ ଠକେଇ ମାମଲାରେ ୨ ବର୍ଷରୁ ଊର୍ଦ୍ଧ୍ୱ ବିଚାରବିଭାଗୀୟ ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଅଭିଯୋଗର ତଦନ୍ତ ଶେଷ ହୋଇ ଚାର୍ଜଶିଟ୍ ଦାଖଲ ସତ୍ତ୍ୱେ ତଳକୋର୍ଟ ଏବଂ ଗୁଜରାଟ ହାଇକୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାରଯୋଗ୍ୟ ମାମଲାରେ ଜାମିନ ଆବେଦନ ସୁପ୍ରିମକୋର୍ଟକୁ ଆସିବା ଦୁର୍ଭାଗ୍ୟଜନକ ବୋଲି ଜଷ୍ଟିସ୍ ଓକା କହିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶତାବ୍ଦୀର କଳାକାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ଅପରାହ୍ନ ୧୨ଟା ୩୦।
- ଗୁରୁ ରଘୁନାଥଙ୍କ ସଙ୍ଗୀତ ଯାତ୍ରାର ଅର୍ଦ୍ଧଶତାବ୍ଦୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଲାବଣ୍ୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ମା' ଦକ୍ଷିଣକାଳୀ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଶଙ୍ଖାମେରୀ ଦକ୍ଷିଣକାଳୀ ମନ୍ଦିର ପରିସର, ବଡ଼ମ୍ବା, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଶଙ୍ଖାମେରୀ (କପାପଦା ସାହି )ମଙ୍ଗଳା ମନ୍ଦିର ପରିସର, ବଡ଼ମ୍ବା, ସମୟ: ସକାଳ ୮ ଟା।
- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବଡ଼ମ୍ବା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବିଶ୍ୱ ପଖାଳ ଦିବସ ଅପସରରେ ୨ୟ ଫର୍ଦ୍ଦ ଓଡ଼ିଆ ଅସ୍ମିତା କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଜଗନ୍ନାଥ ଚାରଣ ଗୋଷ୍ଠୀ ଖଇରା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଳିହା ପଞ୍ଚାୟତ କାର୍ଯ୍ୟାଳୟ, ଖଇରା, ସମୟ: ଅପରାହ୍ନ ୩ଟା।
- ହାପି ଫାଉଣ୍ଡେଶନ ପକ୍ଷରୁ ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଫୁଲବଣୀ ନାୟିକାଣୀ ମନ୍ଦିର ପଡ଼ିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୯ରୁ ଅପରାହ୍ନ ୩ଟା।

## ଭଦ୍ରକ
- ପଞ୍ଚମୀ ଦୋଳ ପର୍ବ ଓ ନାମଯଜ୍ଞ, ସ୍ଥାନ: ଆରୁହା, ତିହିଡ଼ି, ସମୟ: ସକାଳ ୭ଟା।
- ଦୋଳ ମେଳଣ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଭଜନ ସନ୍ଧ୍ୟା ଓ ପାଲା ପରିବେଷଣ, ସ୍ଥାନ: ବାଲିମେଦ ଦୋଳ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ରସିକରାୟ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା,ସ୍ଥାନ: ମାନଗୋବିନ୍ଦପୁର ବଡ଼ସାହି, ସମୟ: ସକାଳ ୮ଟା।
- କରଞ୍ଜିଆ ମହୋତ୍ସବ, ସ୍ଥାନ: କରଞ୍ଜିଆ,ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ବ୍ରହ୍ମପୁର ଦଣ୍ଡନାଚ ମହାସଂଘର ବୈଠକ, ସ୍ଥାନ:ଅଭିରାମ ମଠ,ସମୟ: ସକାଳ ୯ଟା ୩୦।
- ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ଧାରଣା, ସ୍ଥାନ: ବ୍ରହ୍ମପୁର ରେଲୱେ ଷ୍ଟେଶନ,ସମୟ: ପୂର୍ବାହ୍ନ ୧୦ଟା।
- ଫଳ ଓ ପନିପରିବା ସଂରକ୍ଷଣ ପାଇଁ ଫୁଡ ଫେଷ୍ଟା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ
- ଜିଲାସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ପୋଲିସ ପଡିଆ, ସମୟ: ସକାଳ ୭ଟାରୁ ଆରମ୍ଭ।
- ଓୟୁଜେ କନ୍ଧମାଳ ଶାଖାର ସାଧାରଣ ବୈଠକ, ସ୍ଥାନ: ଦାରିଙ୍ଗବାଡି ଜୁଲୁରୀ ପାଇନବଣ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ପିଆର କନକ୍ଲେଭ୍, ସ୍ଥାନ: ଆଇଆଇଏମ୍‌ସି, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଆଇସିଏଆର ପକ୍ଷରୁ ଇକୋଲାଇଙ୍ଗ୍ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କାଣ୍ଡବିନ୍ଧା, ଓଡାପଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଦିବଙ୍ଗତ ରାଜନେତା ଦେବେନ୍ଦ୍ର ପ୍ରଧାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର,ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପିଇଡିଏ ଅନୁଷ୍ଠାନ ପକ୍ଷରୁ ଅଲିଭରିଡ୍‌ଲେ କଇଁଛ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଛଧରା ବନ୍ଦର ପରିସର, ନେହେରୁବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ନାଟକ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ପଞ୍ଚୁଦୋଳ ଛାମୁ ମେଳଣ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସ୍ଥାନ: ସକାଳ ୮ଟା।

## ଯାଜପୁର
- ଜାରକା ମେଳଣ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ମହୋତ୍ସବ ପଡିଆ, ସମୟ: ରାତ୍ର ୧୦ଟା।

## ନୟାଗଡ଼
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ଓଡ଼ଗାଁ ବ୍ଲକ୍ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ, ସ୍ଥାନ: ଜିସିଡ଼ି ହାଇସ୍କୁଲ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ସ୍ଥାୟୀ ଗ୍ରାମ୍ୟ ଜୀବିକା ସହ ମୁଖ୍ୟ ଯୋଜନାରେ ମିଶ୍ରଣ ସୁନିଶ୍ଚିତ ଉପରେ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧି ପାର୍କ, ସମୟ : ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତିର ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦି ପରିସର, ସମୟ : ସକାଳ ୭ଟା।

## ବରଗଡ଼
- ରେନ୍‌ବୋ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସୌଖୀନ କଳାକାର ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ରେଡକ୍ରସ୍ କାଉନସେଲରଙ୍କ ପ୍ରଶିକ୍ଷଣ ଉଦଯାପନୀ ସମାରୋହ, ସ୍ଥାନ: ସମଲେଶ୍ୱରୀ ନୋଡ଼ାଲ ସ୍କୁଲ, ଅମ୍ବାପାଲି, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତାଲପାଲି, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଭାରତ ଯୁବ ସଂସଦୀୟ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଆଜ୍ଞାମାଳ ସଂଗ୍ରହ ଓ କଳସ ଶୋଭାଯାତ୍ରା, ସ୍ଥାନ: ରୟାଲ ପଡିଆ, ସମୟ: ସକାଳ ୮ଟା।
- ତରଭା ବ୍ଲକସ୍ତରୀୟ ୱାଟର ସେଡ୍ ଯାତ୍ରା ଶୁଭାରମ୍ଭ, ସ୍ଥାନ: ବଘିଆ ପଞ୍ଚାୟତର ସରଧାପାଲି ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଟିଠିପାଲିରେ ନବାହ୍ନ ପାରାୟଣର ତୃତୀୟ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ଛତୁ ଚାଷ ପାଇଁ ତାଲିମ ଶିବିର ଉଦ୍‌ଯାପନୀ ଦିବସ, ସ୍ଥାନ: ବୀରମହାରାଜପୁର ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ତରଭାବ୍ଲକର କୁଲ୍‌ଥିଆପଦରରେ ଜଳଛାୟା ପ୍ରକଳ୍ପ ପକ୍ଷରୁ କର୍ମଶାଳା, ସ୍ଥାନ: କୁଲ୍‌ଥିଆପଦର ଗାଁ ପଡିଆ, ସମୟ: ଅପରାହ୍ନ ୩ଟା।
- ତରଭା ବ୍ଲକର ସିଲାଟି ମୁଣ୍ଡାରେ ଚବିଶ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗ୍ରାମ୍ୟ କୀର୍ତ୍ତନ୍ୟ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଚଇତି ପର୍ବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ମଧ୍ୟାହ୍ନ ୧୨ଟା।

## ଝାରସୁଗୁଡ଼ା
- ପଞ୍ଚଦୋଳ ମେଳଣ କାର୍ଯ୍ୟକ୍ରମ, ସ୍ଥାନ: ପୂଝାରୀପାଳି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଜଙ୍ଗଲ ନିଆଁ ବିଷୟରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କପିଳାସପୁର, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: କୋଇଲିଘୁଗର, ସମୟ: ସକାଳ ୮ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ବିଭାଗୀୟ ଆଲୋଚନା ନୁହେଁ, ଆରୋପ ପ୍ରତ୍ୟାରୋପରେ ସରିଗଲା

ଭୁବନେଶ୍ୱର,୧୮।୩(ସୁନିତ୍ ମିଶ୍ର)

ବିଧାନସଭାରେ ମଙ୍ଗଳବାର କ୍ରୀଡ଼ା ଓ ଯୁବବ୍ୟାପାର, ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଛି। ଏହି ଆଲୋଚନା କାଳରେ ଉପରୋକ୍ତ ୩ଟି ଯାକ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ହେବା ପରିବର୍ତ୍ତେ ବିଜେଡି ଏବଂ ଭାଜପା ସଦସ୍ୟମାନଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଅଧିକ ମାତ୍ରାରେ ହୋଇଥିବା ଲକ୍ଷ୍ୟ କରାଯାଇଛି। କଂଗ୍ରେସ ସଦସ୍ୟମାନେ ମଙ୍ଗଳବାର ଦ୍ୱିତୀୟାର୍ଦ୍ଧରେ ୪ଟା ୨ ମିନିଟ୍‌ରେ ଗୃହ ଛାଡ଼ି ଚାଲିଯାଇଥିବା ବେଳେ ବିଜେଡି ସଦସ୍ୟମାନେ ଆରମ୍ଭରୁ ଭାଜପା ସରକାର ଉପରେ ବର୍ଷିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ପାଲଟା ବିଜେଡି ସଦସ୍ୟମାନଙ୍କୁ ଟାର୍ଗେଟ କରିବାକୁ ପଛାଇ ନ ଥିଲେ। ଏଭଳି ଅବସ୍ଥାରେ ଆଲୋଚନା ଶେଷ ହୋଇ ୩ ବିଭାଗର ଖର୍ଚ୍ଚଦାବି ଗୃହରେ ଅନୁମୋଦିତ ହୋଇଛି।

ବିଜେଡି ବିଧାୟକ ବ୍ୟୋମକେଶ ରାୟ ଆଲୋଚନାରେ ଅଂଶଗ୍ରହଣକରି କହିଛନ୍ତି, ଭାଜପାର ବରିଷ୍ଠ ସଦସ୍ୟ ଓଡ଼ିଶାକୁ ଭାଗ ଭାଗ କରିବା ଭଳି ମତ ଦେଇଥିଲେ। ଏହାପରେ ବିଜେଡି ଗୃହରେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଦାବି କରିଥିଲା। ଶେଷରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ ଏନେଇ ଉତ୍ତର ରଖିଥିଲେ। ଯଦି ବିଜେଡି ଦାବି ନ କରିଥାଆନ୍ତା ତେବେ ଶାସକ ଦଳ ଏହି ଘଟଣାରେ ମୁହଁ ଖୋଲି ନ ଥାଆନ୍ତା। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ରାଜ୍ୟ ସରକାର ଛୁଟି ଘୋଷଣା କରିବା ସହ ଏହିଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଥିଲେ। ଭାଜପା ମେଣ୍ଟ ସରକାରରେ ଥିବାବେଳେ ମଧ୍ୟ ବିଜୁ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରଥିଲା। ଏହି ସମୟରେ ଭାଜପା ସଦସ୍ୟମାନେ ହୋହଲ୍ଲା କରିବା ବେଳେ ବ୍ୟୋମକେଶ କହିଥିଲେ, ସେ ୩ ଥରର ବିଧାୟକ, ତୁମେମାନେ ପ୍ରଥମ ଥର ଜିତିକି ଆସିଛ, ତେଣୁ ତାଙ୍କୁ ନ ବୁଝାନ୍ତୁ ବୋଲି କହିଥିଲେ। ଏହା ସହ ସେ କହିଥିଲେ, କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଛନ୍ତି, ଓଡ଼ିଶାରେ ଯିଏ ମନ୍ତ୍ରୀ ରହିଛନ୍ତି ସେ ଜଣେ ଯୁବନେତା, ବହୁ ଚାଲାକ୍। ତେଣୁ କେନ୍ଦ୍ରରୁ ଓଡ଼ିଶାରୁ ଉଚ୍ଚଶିକ୍ଷା ଲାଗି କେତେ ଟଙ୍କା ଆସିଛି ମନ୍ତ୍ରୀ କୁହନ୍ତୁ। ମନ୍ତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଗଲେ କ'ଣ ହେବ ଯାଇକି କେନ୍ଦ୍ରମନ୍ତ୍ରୀଙ୍କ ପାଖରେ ବସିକି ଟଙ୍କା ଆଣନ୍ତୁ। ଇଂଲଣ୍ଡ ଏବଂ ଭାରତ କ୍ରିକେଟ ମ୍ୟାଚ୍ ବାରବାଟୀରେ ଚାଲିଥିବା ବେଳେ ଲାଇଟ୍ କଟିଗଲା। ଏଥିରେ ଓଡ଼ିଶାରେ ଇଜ୍ଜତ ଯାହା ତ ଗଲା ମନ୍ତ୍ରୀ ଷ୍ଟାଡିୟମ ପଡିଆରେ ଗାଡ଼ି ଧରି ବୁଲୁଛନ୍ତି ବୋଲି ସେ କହିଛନ୍ତି।

ଭାଜପା ସଦସ୍ୟ ସନାତନ ବିଜୁଳି କହିଛନ୍ତି, ବିଜେଡି ସଦସ୍ୟମାନେ ଏତେ କଥା କହୁଛନ୍ତି, ଜଗନ୍ନାଥଙ୍କୁ ଏମାନେ ଗାଁ ଗାଁରେ ବୁଲାଇ ଟଙ୍କା ଆଦାୟ କରୁଥିଲେ। ଯାହାଙ୍କ ପାଖରେ ପ୍ରତ୍ୟେକ ଦିନ ୬୦ ପଉଠିର ଭୋଗ ଲାଗେ ତାଙ୍କୁ ଏମାନେ ଭିକାରୀ ସଜେଇଦେଲେ। ପାଣ୍ଡିଆନ୍ କଥାରେ ମନ୍ତ୍ରୀ, ବିଧାୟକମାନେ ଟେଣ୍ଟ ବାନ୍ଧିଲେ। ଏହା ହେଉଛି ଏମାନଙ୍କ ଓଡ଼ିଆ ଅସ୍ମିତା। ସୁଭାଷ ବୋଷଙ୍କୁ ଯେତେବେଳେ ଭାରତ ରତ୍ନ ଦେବାକୁ ଘୋଷଣା ହେଲା ତାଙ୍କ ନାତି ଏହା ଗ୍ରହଣ କରିବାକୁ ମନାକଲେ। ତାଙ୍କ ନାତି ଉତ୍ତର ଦେଇଥିଲେ, ଭାରତ ରତ୍ନଠାରୁ ତାଙ୍କ ଜେଜେ ବହୁତ ଉଚ୍ଚରେ। ଯଦି ଭାରତ ରତ୍ନ ଗ୍ରହଣ କରିବେ ତାଙ୍କ ସମ୍ମାନ ରହିବ ନାହିଁ। ବିଜୁବାବୁଙ୍କ ଜୟନ୍ତୀରେ ଛୁଟି ଘୋଷଣା କରିବାକୁ ବିଜେଡି ଜିଦ୍ଦି କରି ତାଙ୍କୁ ନିଚ୍ଚା ଦେଖାଇବାକୁ ଚେଷ୍ଟା କରୁଛି। ଭାରତର ରାଷ୍ଟ୍ରପତି ଯେତେବେଳେ ଭାଷଣ ଦେଉଥିଲେ ଗତ ସରକାର ସମୟରେ ଲାଇଟ୍ ୯ ମିନିଟ୍ କଟିଯାଇଥିଲା। ବିରୋଧୀ ବୋଲି ଯାହା ଇଚ୍ଛା କହିବେ, ତାକୁ କ'ଣ ଆମେ ସହ୍ୟ କରିବୁ ବୋଲି ସନାତନ କହିଛନ୍ତି।

ବିଧାୟକ ସାରଦା ପ୍ରଧାନ କହିଛନ୍ତି, ବିଜୁବାବୁଙ୍କ ଜୟନ୍ତୀରେ କାହିଁକି ସରକାରୀ ଛୁଟି ହେଲାନାହିଁ ବୋଲି ବିଜେଡି ସଦସ୍ୟମାନେ କହୁଛନ୍ତି। କାହିଁକି ମଧୁବାବୁ, ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଛୁଟି ହେଉ ନାହିଁ ସେକଥା ତ କହୁନାହାନ୍ତି। ବିଜୁ ଜୟନ୍ତୀରେ କାହିଁକି ସରକାରୀ ଛୁଟି ହେବ। ୨୦୦୦ ମସିହାରେ ବିଜେଡି ଯେତେବେଳେ ସରକାରକୁ ଆସିଥିଲା ସେଥର ବିଜୁ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରି ନ ଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପାଇଁ କ'ଣ କରିଛନ୍ତି ସାରଦା ଗୃହରେ ତା'ର ହିସାବ ଦେଇ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି।

ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି, ମନ୍ତ୍ରୀଙ୍କ ପାଖରେ ଅଭିଯୋଗ ରହିଛି ଖେଳିବା ଲାଗି ଆସିଥିବା କିଛି ସୁଇମର ଆଥ୍‌ଲେଟମାନଙ୍କୁ ନିକଟରେ ମାଡ଼ ମରାଯାଇଥିଲା। ଏହାସହ ସେମାନଙ୍କୁ ଆବଶ୍ୟକ ନ୍ୟୁଟ୍ରେନ୍‌ଯୁକ୍ତ ଖାଦ୍ୟ ନ ଦିଆଯାଇ ନ ଥିଲା। ଏହା ଉପରେ ମନ୍ତ୍ରୀ କ'ଣ କରିଛନ୍ତି କୁହନ୍ତୁ ବୋଲି ଦେବୀ ପ୍ରଶ୍ନ କରିଥିଲେ।

ଭାଜପା ସଦସ୍ୟ ସନ୍ତୋଷ ଖଟୁଆ କହିଛନ୍ତି, ୨୪ ବର୍ଷର ବିଜେଡି ସରକାର ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି। ବିଜେଡି ସଦସ୍ୟ କହୁଥିଲେ ସେ ୩ଥରର ବିଧାୟକ ଆମେମାନେ ପ୍ରଥମ ଥର ଜିତିକି ଆସିଛୁ। ସେ ଜାଣିରଖିବା ଦରକାର ସେ ୩ ଥର ଜିତିକି ଏଥର ୪୧ ପ୍ରତିଶତ ଭୋଟ୍ ପାଇ ଆସିଛନ୍ତି। ପ୍ରଥମ ଥର ପାଇଁ ସେ ୫୫ ପ୍ରତିଶତ ଭୋଟ୍ ପାଇ ଜିତିକି ଆସିଛନ୍ତି। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଯାହା ରହିଛି ସେହି ଅନୁସାରେ ସେ ସବୁ କିଛି ତର୍ଜମା ମଧ୍ୟ କରିପାରୁଛନ୍ତି। ବିଜେଡି ଶାସନ ସମୟରେ ଏମାନେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଚୟନ ବ୍ୟବସ୍ଥା ନିଜ ହାତରେ ରଖିଲେ। ସେବେଠାରୁ ଶିକ୍ଷା ବ୍ୟବସ୍ଥାକୁ ତଳିତଳାନ୍ତ କରିବା ଆରମ୍ଭ କଲେ। ଏମାନେ ଭିସି(ଭାଇସ୍ ଚାନ୍‌ସେଲର) ଆସନକୁ ଘରୋଇକରଣ କରିଦେଲେ। ଏମାନେ ମ୍ୟାଚ୍ ସମୟରେ ଲାଇଟ୍ କଟିବା କଥା କହୁଛନ୍ତି, ୨୦୧୫ରେ ବାରବାଟୀରେ ଇଣ୍ଡିଆ ମ୍ୟାଚ୍ ଚାଲିଥିବା ସମୟରେ ଲାଇଟ୍ କଟିବା ସହ ବୋତଲ ମାଡ଼ ମଧ୍ୟ ହୋଇଥିଲା ବୋଲି ସେ କହିଛନ୍ତି।

ବିଧାୟକ ସାରଦା ନାୟକ କହିଛନ୍ତି, ଡବଲ ଇଞ୍ଜିନ ସରକାରଠାରୁ ବହୁ କିଛି ଆଶା ଥିଲା ହେଲେ ସେମିତି କିଛି ହେଲା ନାହିଁ। ରାଉରକେଲା ଏନ୍‌ଆଇଟି ବିଜୁ ପଟ୍ଟନାୟକ କରିଥିଲେ। ଆଜିର ବର୍ତ୍ତମାନ କାଲିକୁ ଇତିହାସ ହେବ। ଇତିହାସକୁ କେବେ ଭୁଲିଯିବା କଥା ନୁହେଁ ବୋଲି ସେ କହିଛନ୍ତି। ଭାଜପାର ବାବୁ ସିଂ କହିଛନ୍ତି, ଅସ୍ମିତାର ଅର୍ଥ ବିଜେଡି ସଦସ୍ୟମାନେ ଖୋଜୁଛନ୍ତି ହେଲେ ତାହା ସେମାନେ ପାଉନାହାନ୍ତି। ଚରଣ ଚୁଟିଆ ଗୋଟେ ଶବ୍ଦ ରହିଛି, ଯାହାର ଅର୍ଥ ଦରକାର ପଡ଼ିଲେ ଗୋଡ଼ ଧରିବେ, ଦରକାର ନ ଥିଲେ ଡ୍ରାମା କରିବେ ବୋଲି ସେ କହିଛନ୍ତି। ବିଧାୟକ ସାରଦା ଜେନା କହିଛନ୍ତି, ଏଠାରେ ବିଭାଗୀୟ ଆଲୋଚନା ହେବା ପରିବର୍ତ୍ତେ ଆକ୍ଷେପ ପ୍ରତ୍ୟାକ୍ଷେପ ଅଧିକ ଚାଲିଛି। କିଟ୍ ତଦନ୍ତ ରିପୋର୍ଟ ସରକାର ଏ ଗୃହରେ କେବେ ଉପସ୍ଥାପନ କରିବେ ସେକଥା କୁହନ୍ତୁ ବୋଲି ସେ କହିଛନ୍ତି। ଭାଜପା ସଦସ୍ୟା ଉପାସନା ମହାପାତ୍ର କହିଛନ୍ତି, ୨୦୨୪ରୁ ସବୁ ନିର୍ବାଚନ ଯେମିତି ଥିଲା ଏଥର ସମ୍ପୂର୍ଣ୍ଣ ଅଲଗା ଥିଲା। ୨୦୨୪ରେ ଓଡ଼ିଆ ଅସ୍ମିତା ମୁଖ୍ୟ ପ୍ରସଙ୍ଗ ପାଲଟିଲା ବୋଲି ସେ କହିଛନ୍ତି। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଲୋଚନା ସମୟରେ ଭାଜପା ସରକାର ଉପରେ ପ୍ରବଳ ବର୍ଷିଛନ୍ତି।

## ନିର୍ମାଣ ହେବ...

ପ୍ରଥମ ପୃଷ୍ଠାରୁ...

ପ୍ରତି ପରିବାର ନିକଟରେ କିଭଳି ବିଶୁଦ୍ଧ ପାନୀୟଜଳ ପହଞ୍ଚିପାରିବ ସେଥିପ୍ରତି ରାଜ୍ୟ ସରକାର ସଚେତନ ଅଛନ୍ତି। ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବକୁ ନେଇ ପ୍ରଶ୍ନ ଉଠୁଛି। ଏଥିପାଇଁ ନିକଟରେ କେତେକ ଠିକାସଂସ୍ଥା ଉପରେ ଜରିମାନା କରାଯାଇଛି।

ଏହି ଅବସରରେ ମୂଳ ପ୍ରଶ୍ନକର୍ତ୍ତା ବେହେରା ଅତିରିକ୍ତ ପ୍ରଶ୍ନ କରିଥିଲେ ଯେ, ଅନେକ ସ୍ଥାନରେ ବୃହତ୍ ପ୍ରକଳ୍ପଗୁଡ଼ିକ ନିର୍ମାଣ ହୋଇ ମଧ୍ୟ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ସେଗୁଡ଼ିକ ଅଚଳ ରହିଛି। ସେ କ୍ଷେତ୍ରରେ ସରକାର କି ପଦକ୍ଷେପ ଗ୍ରହଣ କରିବେ? ମନ୍ତ୍ରୀ ଉତ୍ତରରେ କହିଥିଲେ, ଆସନ୍ତା ୭ ଦିନ ମଧ୍ୟରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ କରୁଥିବା ସବୁ କମ୍ପାନୀର ମୁଖ୍ୟଙ୍କୁ ନେଇ ଆମେ ଏକ ସମୀକ୍ଷା ବୈଠକ କରିବୁ। ଯଦି ସମୟସୀମା ମଧ୍ୟରେ ସେମାନେ କାମ ନ କରନ୍ତି ଏବଂ ତାହା ଉପଯୋଗୀ ନ ହୁଏ ତେବେ ସେମାନଙ୍କୁ କଳାତାଲିକାଭୁକ୍ତ କରାଯିବ।

ସେ କହିଥିଲେ ଯେ, କେତେକ ସ୍ଥାନରେ ଲୋକେ ପାଇପ୍ ଭାଙ୍ଗି ପାଣିର ଗତିପଥକୁ ବଦଳାଇବା ସହ ନଷ୍ଟ କରୁଛନ୍ତି। ସେସବୁ ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଯଦି କୌଣସି କମ୍ପାନୀ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ କରି ନ ପାରିବ, ତେବେ ଉକ୍ତ କମ୍ପାନୀ ନିକଟରୁ କାମ ନିଆଯାଇ ଅନ୍ୟ ସଂସ୍ଥା ଦ୍ୱାରା ପ୍ରକଳ୍ପ ନିର୍ମାଣ ଶେଷ କରାଯିବ। ଏଥିପାଇଁ କେତେକ ସଂସ୍ଥାକୁ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ରମେଶ ଏବଂ ଅତିରିକ୍ତ ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା କମ୍ପାନୀଙ୍କ ବିଳମ୍ବକୁ ସରକାର ଆଦୌ ବରଦାସ୍ତ କରିବେ ନାହିଁ। ଓଡ଼ିଶାରେ ଯେଉଁ ସଂସ୍ଥା ପ୍ରକଳ୍ପ କାର୍ଯ୍ୟ କରୁଛି, ଉକ୍ତ କମ୍ପାନୀ ମଧ୍ୟ ଅନ୍ୟ ରାଜ୍ୟରେ ସମାନ ଧରଣର ପ୍ରକଳ୍ପ ଦାୟିତ୍ୱରେ ଅଛି। ଯଦି ସେହି ସଂସ୍ଥା ସମୟ ମଧ୍ୟରେ ପାନୀୟ ଜଳ ପ୍ରକଳ୍ପ କାମ ନ ସାରେ, ତାହେଲେ ସଂସ୍ଥାର ଅବହେଳା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

ଏହି ଅବସରରେ ସଦସ୍ୟ ସିଦ୍ଧାନ୍ତ ମହାପାତ୍ର, ସଦସ୍ୟା ପ୍ରମିଳା ମଲ୍ଲିକ, ଦୁର୍ଗାପ୍ରସାଦ ନାୟକ, ଗଣେଶ୍ୱର ବେହେରା ଓ ବିଜୟ ଦଳବେହେରା ପ୍ରମୁଖଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ କହିଥିଲେ, ଯେଉଁଠାରେ ନଳକୂପ ଅଚଳ ରହିଛି ବା ପାନୀୟ ଜଳର ଅଭାବ ଅଛି ସେଠାରେ ତୁରନ୍ତ ମରାମତି ସହ ଖନନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ପୁଣି କହିଥିଲେ, ରାଜ୍ୟରେ ୨୪ ବର୍ଷ ଧରି ଗୋଟିଏ ସରକାର ରହିଲା, ହେଲେ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇପାରିଲେ ନାହିଁ। ଏବେ ୯ ମାସର ସରକାରଠାରୁ ଯେଉଁ ଆଶା ରଖିଛନ୍ତି ତାହାକୁ ପୂରଣ କରିବୁ। ଏଥିପାଇଁ ଧୈର୍ଯ୍ୟ ରଖିବାକୁ ପଡ଼ିବ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ଷମ ଲାଗି ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କ ସହ ବୈଠକ ସରିଛି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

## ଗୁଣ୍ଡି ସନ୍ଦେହରୁ...

ଘଟଣାସ୍ଥଳରେ ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା ଓ ବଡ଼ଗଡ଼ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା, ଶେରଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ଶିଅଳ ଓ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଆଜିଠୁ ମାଟ୍ରିକ୍...

ଯାଇପାରିବେ ନାହିଁ। ଏଥିସହ ମୋବାଇଲ ପ୍ରବେଶ ମନା କରାଯାଇଛି। କୌଣସି ମୂଲ୍ୟାୟନ କେନ୍ଦ୍ରରେ ନିୟମ ଉଲ୍ଲଂଘନ ହେଉଥିବା ଜଣାପଡିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ସୂଚନାନୁସାରେ, ଖାତାଦେଖା ଲାଗି ପରୀକ୍ଷକମାନେ ମଙ୍ଗଳବାର ସୁଦ୍ଧା ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ବିଭିନ୍ନ ଜିଲାରେ ଜିଲା ଶିକ୍ଷାଧିକାରୀ ମୂଲ୍ୟାୟନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିଛନ୍ତି। ଖାତାଦେଖା ପ୍ରକ୍ରିୟାକୁ ସହଜ କରିବା ପାଇଁ କେତେକ ୟୁନିଟ୍ ଗଠନ କରାଯାଇଛି। ପ୍ରତି ୟୁନିଟ୍‌ରେ ଜଣେ ମୁଖ୍ୟ ପରୀକ୍ଷକ, ଦୁଇଜଣ ଉପପରୀକ୍ଷକ, ଦୁଇ ଜଣ ସ୍କ୍ରୁଟିନାଇଜର, ତଦାରଖ ନିମନ୍ତେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯାଇଛି। ବୋର୍ଡ ପକ୍ଷରୁ ଜଣେ କ୍ୟାମ୍ପ ଅଫିସର ମଧ୍ୟ ଦାୟିତ୍ୱରେ ରହିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନକାରୀ ଓ କର୍ମଚାରୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ କେନ୍ଦ୍ର ନିମନ୍ତେ ୧୦ରୁ ଅଧିକ ପରୀକ୍ଷକ ସଂରକ୍ଷଣ ଭାବେ ରଖାଯାଇଛି। ଆବଶ୍ୟକସ୍ଥଳେ ଏହା ବୃଦ୍ଧି କରାଯାଇପାରିବ। ପରୀକ୍ଷକମାନେ ପ୍ରତ୍ୟେକ ସବ୍‌ଜେକ୍ଟିଭ୍ ପ୍ରଶ୍ନର ନିର୍ଦ୍ଦିଷ୍ଟ ଏକ ଉତ୍ତର ହିସାବରେ ମୂଲ୍ୟାୟନ କରିବେ। ପ୍ରତିଦିନ ମୂଲ୍ୟାୟନ ପରେ ନମ୍ବର ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରାଯିବ। ଏଥିଲାଗି ବୋର୍ଡ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିୟୋଜିତ କରାଯାଇଛି। ନମ୍ବର ଏଣ୍ଟ୍ରି ସମୟରେ ଯେପରି ତ୍ରୁଟି ନ ରୁହେ, ସେଥିପ୍ରତି ଯତ୍ନବାନ୍ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ପ୍ରାୟ ୧୨ରୁ ୧୫ ଦିନ ମଧ୍ୟରେ ମୂଲ୍ୟାୟନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ମୋଟ ୫୧ଟି ମୂଲ୍ୟାୟନ କେନ୍ଦ୍ର ମଧ୍ୟରୁ ମାଟ୍ରିକ ପରୀକ୍ଷା ଖାତାଦେଖା ପାଇଁ ୪୭ଟି କେନ୍ଦ୍ର କରାଯାଇଛି। ସେହିପରି ୨ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨ଟି କେନ୍ଦ୍ରରେ ମଧ୍ୟମା ପରୀକ୍ଷା ଖାତା ମୂଲ୍ୟାୟନ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପାରିବାରିକ ଜୀବନରେ ଟେନ୍‌ସନ କିଛି ମାତ୍ରାରେ କମିଯାଇପାରେ। ପ୍ରତ୍ୟେକ କାମରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସାମାଜିକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି କାମ ହାସଲ କରିପାରିବେ।

**ବୃଷ** ସକାଳୁ ବନ୍ଧୁ ମିଳନରୁ ଉତ୍ସାହିତ ହେବେ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବଜନିତ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ମିଥୁନ** ଏକାଧିକ କାମରେ ଅନୁପ୍ରବେଶ କରିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ତଥାପି ଆପଣ ମିଠା ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ କାମ ହାସଲରେ ସମର୍ଥ ହେବେ। ବ୍ୟବସାୟ,ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପ, ସାହିତ୍ୟ, ସାମ୍ବାଦିକତାରୁ ଖୁସି ରହିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କର୍କଟ** ଭାବ ପ୍ରବଣତାକୁ ଲଗାମ ଦେଇ ଆଗକୁ ବଢ଼ି ଚାଲିଲେ ସବୁ ଠିକ୍ ହୋଇଯିବ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ ଅନ୍ୟଥା ପରେ ଅନୁତାପ କରିବାକୁ ପଡ଼ିପାରେ। ରଚନାତ୍ମକ କାର୍ଯ୍ୟ,ଗବେଷଣା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉନ୍ନତି କରିବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯାଇପାରନ୍ତି।

**ସିଂହ** ନିଜ ପରିସରରେ ସ୍ନେହ, ଶ୍ରଦ୍ଧା, ଆଦର ଗୌରବାଦି ଲାଭକରି ଖୁସି ଅନୁଭବ କରିପାରନ୍ତି। କୌତୂହଳ ପ୍ରକାଶକରି ସହକର୍ମୀ କିମ୍ବା ପଡ଼ୋଶୀ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**କନ୍ୟା** କର୍ମକ୍ଷେତ୍ରରେ କାର୍ଯ୍ୟ ହାସଲଜନିତ ମାନସିକ ସ୍ଥିତି ଭଲ ରହିବ। ଯେଉଁ ଜିନିଷଟିକୁ ପାଇବାକୁ ବହୁତ ଦିନରୁ ଆଶା କରି ବସିଛନ୍ତି ତାହା ଆଜି ପାଇପାରିବେ। ରାଜନୀତି, ପ୍ରଶାସନ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ତୁଳା** ଆଜି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହି କାମ କରିବା ଭଲ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ବିବାଦୀୟ ପରିସ୍ଥିତିରେ ବନ୍ଧୁଙ୍କ ସହାୟତାରେ ଆଇନ ସହାୟତା ପାଇପାରିବେ। ପାରସ୍ପରିକ ଉତ୍ତମ ବୁଝାମଣାଜନିତ ପାରିବାରିକ ପରିସ୍ଥିତି ଭଲ ରହିବ।

**ବିଛା** ଅବସର ସମୟରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ଯାତ୍ରାକାଳୀନ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତିରେ ଯୋଗଦେଲେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟରେ ଆସି କାମ ହାସଲ କରିପାରିବେ। କାର୍ଯ୍ୟବ୍ୟସ୍ତତା କାରଣରୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ଧନୁ** ପରିବାରରେ କେତେକ ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ବିବାଦୀୟ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରି ଅଶାନ୍ତ ରହିପାରନ୍ତି। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ୍ୟ ହେବେ।

**ମକର** ଗଠନମୂଳକ ପ୍ରେରଣା ଦେଇ ନିଜର ଦକ୍ଷତା ଓ ସହଯୋଗୀ ମନୋବୃତ୍ତି କାରଣରୁ କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ବିଭିନ୍ନ ପ୍ରକାରର ସମସ୍ୟାର ଅନ୍ତ ଘିଟି ନ ଥିବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଦେହ ଭଲ ରହିଲେ ମଧ୍ୟ ସାମୟିକ ବାତବ୍ୟାଧିଜନିତ ରୋଗରେ କଷ୍ଟ ପାଇପାରନ୍ତି।

**କୁମ୍ଭ** ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ତିକ୍ତତା ଯୋଗୁ ମନ ଭଲ ରହିବନାହିଁ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ଆପଣଙ୍କ କାର୍ଯ୍ୟଶୈଳୀରେ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବାରୁ ସାମୟିକ ମନସ୍ତାପ କରିପାରନ୍ତି।

**ମୀନ** ବିଶିଷ୍ଟବ୍ୟକ୍ତିଙ୍କ ଆମନ୍ତ୍ରଣ ରକ୍ଷାକରି ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଆଜି ବନ୍ଧୁ ଠିକ ଖବର ଦେବାରେ ହେଳା କରିପାରନ୍ତି। ଆର୍ଥିକ ସ୍ଥିତି କେତେକାଂଶରେ ବଦଳି ଯାଇଥିବାରୁ କାମ ସ୍ଥଗିତ ରହିଯାଇପାରେ । ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

ଆଜି ମାର୍ଚ୍ଚ ୧୯ ତାରିଖ, ଚୈତ୍ର କୃଷ୍ଣ ୫ମୀ ବୁଧବାର, ରାଶିନକ୍ଷତ୍ର- ବିଶାଖା/ତୁଳା, ଦିବା ଘ.୦୨.୦୬ମି. ଗତେ, ବିଛା ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୫ମି. ଗତେ ଘ.୦୭.୩୧ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୧.୫୪ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁକାଳ।




# ୩ ବର୍ଷରେ ଶିମିଳିପାଳରେ ୧୦୩ ବନ୍ୟପ୍ରାଣୀ ଅପରାଧ ମାମଲା: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୧୮।୩ (ବନ୍ଦନା ସେଠୀ)

## ଆଗାମୀ ୧୦ବର୍ଷ ପାଇଁ ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା ଅନୁମୋଦିତ

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା 'ପ୍ରୋଜେକ୍ଟ ବ୍ୟାଘ୍ର (ସିଏସ୍ଏସ୍-ପିଟି ସ୍କିମ୍)' ମାଧ୍ୟମରେ ଆର୍ଥିକ ସହଯୋଗର ବ୍ୟବସ୍ଥା କରାଯାଉଛି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟଜନ୍ତୁ ସଂରକ୍ଷଣକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ୧୦ବର୍ଷ ପାଇଁ ୨୦୨୩-୨୪ ଠାରୁ ୨୦୩୨-୩୩ ପର୍ଯ୍ୟନ୍ତ ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା ଅନୁମୋଦିତ ହୋଇଛି। ଶିକାରୀ ଓ ବନ୍ୟଜନ୍ତୁଙ୍କ ତଦାରଖ ନିମନ୍ତେ ଏଆଇ କ୍ୟାମେରା, ଇନଫ୍ରା ରେଡ୍ କ୍ୟାମେରା ଏବଂ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବୃକ୍ଷ ଏବଂ ବନ୍ୟଜନ୍ତୁଙ୍କ ଉନ୍ନତ ବିବିଧତାର ସୁରକ୍ଷା ନିମନ୍ତେ ଶିମିଳିପାଳ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବାହିନୀ/ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ (ଏସ୍ଏସ୍ଟିପିଏଫ୍)ମାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ଗତ ୩ବର୍ଷ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ୧୦୩ଟି ବନ୍ୟପ୍ରାଣୀ ଅପରାଧ ମାମଲା ରୁଜୁ କରାଯାଇଛି। ଏଥିସହ ୨୫୫ ଜଣ ଶିକାରୀ ଗିରଫ ହୋଇଥିବାବେଳେ ୫୭ଟି ବନ୍ଧୁକ ଜବତ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଛନ୍ତି।

ମଙ୍ଗଳବାର ବିଧାନସଭାରେ ଉପସ୍ଥାପନ ହୋଇଥିବା ଏ ସଂକ୍ରାନ୍ତ ତଥ୍ୟ ଅନୁଯାୟୀ, ଶିମିଳିପାଳ ପାଦଦେଶରେ ବନ ସୁରକ୍ଷା ବାହିନୀ ଏବଂ ଇକୋ-ଡେଭଲପମେଣ୍ଟ କମିଟି ମାଧ୍ୟମରେ ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଉଛି। ଶିକାର ଖବର ପ୍ରାପ୍ତ ପାଇଁ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଗାଡ଼ି ଏବଂ ତଥ୍ୟ ସରବରାହ ପାଇଁ ସ୍ଥାୟୀ ବେତାର କେନ୍ଦ୍ରମାନ ସ୍ଥାପନ କରାଯାଇଛି। ନିଷେଧାଦେଶ ବନ୍ୟଜନ୍ତୁ ପ୍ରବନ୍ଧଗୁଡ଼ିକର ଚୋରା କାରବାର ଉପରେ ତଥ୍ୟ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏସ୍-ୱିନ (ଶିମିଳିପାଳ ୱାଇଲ୍ଡ ଲାଇଫ୍ ଇଣ୍ଟେଲିଜେନ୍ସ ନେଟ୍ୱର୍କ) ଗଠନ କରାଯାଇଛି। ଶିକାରୀମାନଙ୍କ ଗତିବିଧି ଏବଂ ଅନ୍ୟାନ୍ୟ ଅବାଧ ପ୍ରବେଶ କରୁଥିବା ଦୁର୍ବୃତ୍ତମାନଙ୍କ ପଦକ୍ଷେପକୁ ପ୍ରତିହତ କରିବା ପାଇଁ ୧୩୫ଟି ଶିକାର ନିରୋଧକ ଶିବିର ଓ ଅସ୍ଥାୟୀ ମଞ୍ଚା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡରେ ସ୍ଥାପନ କରାଯାଇଛି। ସେହିପରି ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡରେ ୭୯ଟି ଶିକାର ନିରୋଧକ ଶିବିର ସ୍ଥାପନ ହୋଇଛି। ସୁରକ୍ଷାକୁ ପ୍ରଭାବଶାଳୀ କରିବା ପାଇଁ ଇନ୍ସାସ୍, ଏକ୍ସ-କାଲିବର ରାଇଫଲ ଏବଂ ସ୍ୱୟଂଚାଳିତ ପିସ୍ତଲ ଆଦି ଅତ୍ୟାଧୁନିକ ଅସ୍ତ୍ର ବନ କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଇଛି। ନିଆଁ ଦାଉରୁ ସୁରକ୍ଷା ପାଇଁ ଗ୍ରୀଷ୍ମଋତୁରେ ଅଗ୍ନିରେଖା ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ସ୍କ୍ୱାଡ୍ ସୃଷ୍ଟି କରାଯାଉଛି। ବାଘ ତଥା ଅନ୍ୟ ବନ୍ୟଜନ୍ତୁଙ୍କ ଗତିବିଧିକୁ ଅନୁସରଣ କରିବା ପାଇଁ ଏମ୍ ଷ୍ଟ୍ରାଇପ୍ସ ଓ ଫେଜ୍-୪ ବ୍ୟବସ୍ଥା ହୋଇଛି। ବନ୍ୟଜୀବଙ୍କ ଖାଦ୍ୟ ଓ ପାନୀୟର ଆବଶ୍ୟକତା ପୂରଣ ପାଇଁ ଘାସ ପଡ଼ିଆ ପରିଚାଳନା, ସଲ୍ଟ ଲିକ୍ ପରିଚାଳନା ତଥା ଜଳାଶୟ ଆଦି ନିର୍ମାଣ କରାଯାଇଛି। ବନ୍ୟଜନ୍ତୁ ଉଦ୍ଧାର ନିମନ୍ତେ ଦ୍ରୁତ ପ୍ରତିକ୍ରିୟା ଦଳ ଗଠନ କରାଯାଇଛି। ବନ୍ୟଜନ୍ତୁଙ୍କ ବୃଦ୍ଧି ତଥା ଚଳପ୍ରଚଳ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଯୋଗାଇବାକୁ କେବଳ ବକୁଆ ଗ୍ରାମକୁ ବାଦ୍ ଦେଇ ଶିମିଳିପାଳ ଅଭ୍ୟନ୍ତରରେ ଥିବା ସମସ୍ତ ଗ୍ରାମକୁ ସମୂଳ ସ୍ଥାନାନ୍ତରଣ କରାଯାଇଛି। ଶିମିଳିପାଳରେ ବ୍ୟାଘ୍ର ସଂଖ୍ୟା ବୃଦ୍ଧି ଓ ସେମାନଙ୍କ ଜିନ୍‌ର ଉନ୍ନତି ପାଇଁ ବାହାର ରାଜ୍ୟରୁ ବ୍ୟାଘ୍ର ସ୍ଥାନାନ୍ତରଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ଉଲ୍ଲେଖ କରାଯାଇଛି।

# କାନ୍ଥ ପଡ଼ି ୩ୟ ଶ୍ରେଣୀ ଛାତ୍ରୀ ମୃତ

ହାଟଡିହୀ/ଛେନାପଦି,୧୮।୩
(ଶୁଭକାନ୍ତ ନାୟକ/
ନିରାକାର ପରିଡ଼ା)

## ସମ୍ପର୍କୀୟ ଭାଇ ଗୁରୁତର

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବଡ଼ରମ୍ପାସ ଗ୍ରାମରେ ମଙ୍ଗଳବାର ସକାଳେ କାନ୍ଥ ପଡ଼ି ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କ ଜୀବନ ଦୀପ ଲିଭିଯାଇଛି। ଘରେ ଖାଉଥିବା ସମୟରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ସମ୍ପର୍କୀୟ ଭାଇ ଗୁରୁତର ହୋଇଛନ୍ତି। ମୃତା ଛାତ୍ରୀ ହେଲେ ଗ୍ରାମର ମହେଶ୍ୱର ସାହୁଙ୍କ ଭାଣିଜୀ ସ୍ନେହଲତା ସାହୁ(୮)। ଗୁରୁତର ଥିବା ମହେଶ୍ୱରଙ୍କ ପୁଅ ସାଇପ୍ରସାଦ(୫) ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ବାପାଙ୍କ ମୃତ୍ୟୁ ପରେ ମା'ଙ୍କ ସହ ସ୍ନେହଲତା ମାମୁଘରେ ରହୁଥିଲେ। ସକାଳେ ପରୀକ୍ଷା ଦେବା ପାଇଁ ସ୍ଥାନୀୟ ସ୍କୁଲକୁ ଯିବାର ଥିଲା। ସକାଳ ପ୍ରାୟ ୬ଟା ୩୦ ବେଳେ ଘରେ ଖାଉଥିବା ବେଳେ ମାଟି କାନ୍ଥ ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। ପଡ଼ୋଶୀଙ୍କ ସହାୟତାରେ ପରିବାର ଲୋକେ ସ୍ନେହଲତା ଏବଂ ସାଇପ୍ରସାଦଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସ୍ନେହଲତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିପଦା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୫) ରୁଜୁ କରାଯାଇଥିବା ଇନ୍ସପେକ୍ଟର ରବୀନ୍ଦ୍ର ପାତ୍ର କହିଛନ୍ତି। ଏହି ଘଟଣାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ବଡ଼ରମ୍ପାସ ସରପଞ୍ଚ ରବୀନ୍ଦ୍ର କୁମାର ଜେନା ଶୋକବ୍ୟକ୍ତ କରିଛନ୍ତି। ଉଭୟ ପରିବାରକୁ କିପରି ତୁରନ୍ତ ସରକାରୀ ସହାୟତା ମିଳିପାରିବ ସେନେଇ ସରପଞ୍ଚ ତତ୍ପରତା ଦେଖାଇଛନ୍ତି।

# କେନ୍ଦୁଝରରେ ଝାଡ଼ାବାନ୍ତି ଆତଙ୍କ

କେନ୍ଦୁଝର,୧୮।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ଜଣେ ମୃତ, ୧୦ ଆକ୍ରାନ୍ତ

କେନ୍ଦୁଝର ସଦର ବ୍ଲକ୍ ବାଉରିପଦା ଗ୍ରାମପଞ୍ଚାୟତର ମୁକୁନା, ବାଉରିପଦା ଏବଂ ସାହାଡ଼ାପୁର ଗ୍ରାମରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଗତ ୧୬ତାରିଖରୁ ଏହା ବ୍ୟାପିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି ଓ ୧୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଝାଡ଼ାବାନ୍ତି ବ୍ୟାପିବାର କାରଣ ଜଣାପଡ଼ି ନ ଥିଲେ ହେଁ ଡାକ୍ତରୀ ଟିମ୍ ପହଞ୍ଚି ଅନୁଧ୍ୟାନ କରିଛି। ଅନ୍ୟପକ୍ଷରେ ଦୂଷିତଜଳ ଯୋଗୁ ଏହା ବ୍ୟାପୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ମୁକୁନା, ବାଉରିପଦା ଏବଂ ସାହାଡ଼ାପୁର ଗ୍ରାମରେ ପାନୀୟଜଳ ସମସ୍ୟା ଲାଗି ରହିଥିବାରୁ ଲୋକେ ଅରଡ଼େଇ ନଦୀର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଏହି ଦୂଷିତ ଜଳ ପିଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ଝାଡ଼ାବାନ୍ତିରେ ମୁକୁନା ଗ୍ରାମର ଗୋପାଳ ଦେହୁରୀ(୬୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସୂଚନା ପାଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଡାକ୍ତରଖାନାରୁ ଡାକ୍ତରୀ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାରେ ୫ ଜଣ ଓ ଅନ୍ୟମାନେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତେବେ ପରିସ୍ଥିତି ନିୟନ୍ତ୍ରଣରେ ଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିନୋଦ ବିହାରୀ ମିଶ୍ର କହିଛନ୍ତି।

# ଆଦିବାସୀ ଯୁବକଙ୍କ ସହ ଭଲିବଲ ଖେଳିଲେ ରାଜାମୌଲୀ

କୋରାପୁଟ,୧୮।୩
(ଅମିତାଭ ବେହେରା)

ଏସ୍ଏସ୍ଏମ୍‌ବି୨୯ ଫିଲ୍ମର ଶୁଟିଂ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ତଳମାଳି ପର୍ବତ ଅଞ୍ଚଳରେ ଚାଲିଛି। ଶୁଟିଂ ପରେ ରବିବାର ରାତିରେ ନିର୍ଦ୍ଦେଶକ ରାଜାମୌଲୀ ନିକଟ ତାଙ୍କୁବେଡ଼ା ଗାଁକୁ ଯାଇ ସେଠାରେ ଆଦିବାସୀ ଯୁବକମାନଙ୍କ ସହ ଭଲିବଲ ଖେଳିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଶୁଟିଂ ପରେ ଅଭିନେତା, ଅଭିନେତ୍ରୀ ଓ ନିର୍ଦ୍ଦେଶକ ନିକଟ ଆଦିବାସୀ ଗ୍ରାମଗୁଡ଼ିକୁ ପରିଦର୍ଶନକରି ଲୋକଙ୍କଠାରୁ ଅଞ୍ଚଳର ସଂସ୍କୃତି, ଜୀବନଶୈଳୀ ଓ ପରିବେଶ ଜାଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସୂଚନାଯୋଗ୍ୟ, ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ତଳମାଳି ପର୍ବତ ଓ ଏହାର ଆଖପାଖ ଅଞ୍ଚଳରେ ସୁପରଷ୍ଟାର ମହେଶ ବାବୁ ଓ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଶୁଟିଂ ଜାରି ରଖିଛନ୍ତି। ତଳମାଳିରେ ଏହି ଫିଲ୍ମର ଏକ ଆକ୍ସନ ସିନ୍ ଶୁଟିଂ କରାଯାଉଛି। ମାର୍ଚ୍ଚ ୨୮ ଯାଏ ତଳମାଳି ଓ ଅନ୍ୟ ଅଞ୍ଚଳରେ ଫିଲ୍ମର ଶୁଟିଂ ପାଇଁ ଜିଲା ପ୍ରଶାସନ ଓ ପୋଲିସ ରାଜାମୌଲୀଙ୍କୁ ଅନୁମତି ଦେଇଥିବା ଜଣାପଡ଼ିଛି।


ସ୍ଥାନୀୟ ଯୁବକଙ୍କ ସହ ନିର୍ଦ୍ଦେଶକ ରାଜାମୌଲୀ।

# ପଞ୍ଚଭୂତରେ ବିଲୀନ ହେଲେ ଦେବେନ୍ଦ୍ର

## ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୧୮।୩( ଅଜିତ୍ କୁମାର ମହାନ୍ତି)

ପଞ୍ଚଭୂତରେ ବିଲୀନ ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନ। ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ପ୍ରଧାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡ଼ପୁଅ ସୌମେନ୍ଦ୍ର ପ୍ରଧାନ ମୁଖାଗ୍ନି ଦେଇଥିବା ବେଳେ ସାନ ପୁଅ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ଭାଜପା ସଭାପତି ଭାବେ ଦୃଢ଼ ନେତୃତ୍ୱ ନେଇ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ଅଭ୍ୟୁଦୟରେ ସ୍ୱର୍ଗତ ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଦିଲ୍ଲୀରେ ପରଲୋକ ହେବା ପରେ ମର ଶରୀରକୁ ଭୁବନେଶ୍ୱର ଅଣାଯାଇଥିଲା। ସେଠାରେ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିବା ପରେ ମଙ୍ଗଳବାର ଶେଷକୃତ୍ୟ ନିମନ୍ତେ ମରଶରୀରକୁ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାର ଅଭିମୁଖେ ନିଆଯାଇଥିଲା। ସେଠାରେ ପହଞ୍ଚିବା ପରେ ଶେଷ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ।

ସ୍ୱର୍ଗଦ୍ୱାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ଢେଙ୍କାନାଳ ଏମ୍‌ପି ରୁଦ୍ର ପାଣି, ଯୋଗ ଗୁରୁ ବାବା ରାମଦେବ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଡିଜି ଯୋଗେଶ ବାହାଦୂର ଖୁରାନିଆ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏର ସଚିବ ଦିଲୀପ କୁମାର ପାଣିଗ୍ରାହୀ, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି। ସେ ରାଜ୍ୟ ଓ ଦେଶ ପାଇଁ କାର୍ଯ୍ୟ କରିଛନ୍ତି। ଓଡ଼ିଶାରେ ଭାଜପା ଦଳ ଗଠନରେ ସ୍ୱର୍ଗତ ପ୍ରଧାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମହାପ୍ରଭୁ ତାଙ୍କର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।


ପୁରୀ ସ୍ୱର୍ଗଦ୍ୱାରଠାରେ ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ମୁଖାଗ୍ନି ଦେଉଛନ୍ତି ତାଙ୍କର ଜ୍ୟେଷ୍ଠପୁତ୍ର ସୌମେନ୍ଦ୍ର ପ୍ରଧାନ। ନିକଟରେ ଉପସ୍ଥିତ ଅଛନ୍ତି ପୁତ୍ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**






ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

# ଜଙ୍ଗଲ ନିଆଁ

ଚଳିତ ବର୍ଷ ଜାନୁଆରୀରେ ଆମେରିକା ଭଳି ବିକଶିତ ଦେଶ ଲସ୍‌ଏଞ୍ଜେଲସ୍‌ର ଜଙ୍ଗଲ ନିଆଁକୁ ଆୟତ୍ତ କରିବାରେ ବିଫଳହେବା ଦେଖାଯାଇଥିଲା। ଏଥିରେ ଅଧିକାଂଶ ଧନୀ ଓ ଗରିବ ପରିବାରଙ୍କ ଘର ପୋଡ଼ିଯିବା ସହ ୨୮ରୁ ଅଧିକଙ୍କ ମୃତ୍ୟୁ, ୩୧ ନିଖୋଜ ଏବଂ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇଥିଲେ। ଏହି ଘଟଣା ସାରା ବିଶ୍ୱକୁ ଜଙ୍ଗଲ ନିଆଁର ଭୟାବହତା ସମ୍ପର୍କରେ ଚେତାଇଦେଇଥିଲା। ଏହା ପୂର୍ବରୁ ମଧ୍ୟ ୨୦୨୦ରେ ଅଷ୍ଟ୍ରେଲିଆରେ ବନାଗ୍ନି ଯୋଗୁ ୩୩ ଲୋକଙ୍କ ମୃତ୍ୟୁହେବା ସହ ୧୦-୩୦ ଲକ୍ଷ ପ୍ରାଣୀଙ୍କର ମୃତ୍ୟୁ କିମ୍ବା ସ୍ଥାନାନ୍ତର ହୋଇଥିଲେ। ନିକଟ ଅତୀତରେ ବିଶ୍ୱସ୍ତରରେ ଏହି ଦୁଇଟି ଘଟଣା ଜଙ୍ଗଲ ନିଆଁର କ୍ଷତିକୁ ଦର୍ଶାଉଛି। ବିଶ୍ୱରେ ଆମେରିକା, କାନାଡା, ରୁଷିଆ, ଅଷ୍ଟ୍ରେଲିଆ, ଇଟାଲୀ, ଗ୍ରୀସ୍, ଚାଇନା, ଇଣ୍ଡୋନେସିଆ, ବ୍ରାଜିଲ, ବଲିଭିଆ, ଚିଲି, ଆର୍ଜେଣ୍ଟିନା ଏବଂ ଭାରତ ଆଦି ଦେଶରେ ଜଙ୍ଗଲ ନିଆଁ ଅଧିକ ଘଟିଥାଏ। ଭାରତରେ ମୁଖ୍ୟତଃ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଜଙ୍ଗଲ ନିଆଁ ପ୍ରତିବର୍ଷ ବିପୁଳ କ୍ଷତି ଘଟାଉଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟ ଅନୁଯାୟୀ ୨୦୨୩-୨୪ରେ ଉତ୍ତରାଖଣ୍ଡରେ ସର୍ବାଧିକ ଜଙ୍ଗଲ ନିଆଁ ଘଟଣା ଘଟିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ତୃତୀୟରେ ଝାଡ଼ଖଣ୍ଡ ରହିଥିଲା। ଓଡ଼ିଶାରେ ୨୦୨୩ରେ ୩୬,୭୧୩ଟି ଓ ୨୦୨୪ରେ ୨୨,୮୬୮ଟି ସ୍ଥାନରେ ନିଆଁ ଲଗିଥିଲା। କିନ୍ତୁ ଚଳିତ ବର୍ଷ ଜାନୁଆରୀ ୧ରୁ ମାର୍ଚ୍ଚ ୧୭ ମଧ୍ୟରେ ରାଜ୍ୟରେ ୧୬,୭୦୩ଟି ସ୍ଥାନରେ ନିଆଁ ଲାଗିସାରିଲାଣି। ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଏହି ଅବଧିରେ କମ୍ ସ୍ଥାନରେ ନିଆଁ ଲାଗିଥିବା ବନ ବିଭାଗ ପକ୍ଷରୁ କୁହାଯାଉଛି ଏବଂ ଏହାକୁ ଲିଭାଇବାରେ ସଫଳତା ମିଳୁଛି ବୋଲି ଦାବି କରାଯାଉଛି। କିନ୍ତୁ ମାର୍ଚ୍ଚ ୧୭ ତାରିଖରେ ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ଅନ୍ତର୍ଗତ ଗୋବରୀ ଗାଁର ଜଣେ ମହିଳା ଜଙ୍ଗଲ ନିଆଁ କବଳରୁ ନିଜ ଘରକୁ ରକ୍ଷାକରିବାକୁ ଚେଷ୍ଟା କରୁଥିବା ସମୟରେ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ମୟୂରଭଞ୍ଜ ଜିଲା ବାରିପଦା ସର୍କଲ ଅଧୀନରେ ଥିବା ଶିମିଳିପାଳ ଅଭୟାରଣ୍ୟରେ ମୋଟ ୩୩ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଥିଲା ଏବଂ ନିଆଁକୁ ୯୭ ପ୍ରତିଶତ ନିୟନ୍ତ୍ରଣ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ପୂର୍ବ ବର୍ଷ ତୁଳନାରେ ଅଦ୍ୟାବଧି କମ୍ ସ୍ଥାନରେ ନିଆଁ ଲାଗିଥିବା କହି ଆଶ୍ୱସ୍ତ ହେଉଥିବା ବନ ବିଭାଗ ଲସ୍ ଏଞ୍ଜେଲସ୍ ଭଳି ପ୍ରଚଣ୍ଡ ନିଆଁକୁ ଲିଭାଇବାରେ କେତେ ସଫଳ ହେବ ତାହାର ସମୀକ୍ଷା କରିବା ଆବଶ୍ୟକ। ଗ୍ରୀଷ୍ମ ଆରମ୍ଭରୁ ରାଜ୍ୟରେ ତାପମାତ୍ରା ବଢ଼ି କେତେକ ସ୍ଥାନରେ ୪୦ ଟପିଗଲାଣି। ଗତ ବର୍ଷ ମଧ୍ୟ ବୃଷ୍ଟିପାତ ଅନୁପାତ କମିଛି। ଏଣୁ ସ୍ଥିତି ଉପରେ ନଜର ରଖିବା ସହ ବ୍ୟାପକ ପ୍ରସ୍ତୁତି କରାଗଲେ ଭବିଷ୍ୟତରେ ନିଆଁକୁ ଆୟତ୍ତ କରାଯାଇପାରିବ। ଏହା ହେଲେ ଜଙ୍ଗଲ ନିଆଁର ସାମାଜିକ, ଆର୍ଥିକ ତଥା ଜୈବବିବିଧତା କ୍ଷତିକୁ ରୋକିବାରେ ବନ ବିଭାଗ ସକ୍ଷମ ହେବ।

ରାଜ୍ୟରେ ପାଖାପାଖି ୯୯ ପ୍ରତିଶତ ଜଙ୍ଗଲ ନିଆଁ ମନୁଷ୍ୟକୃତ ବୋଲି କୁହାଯାଉଛି। ଦର୍ଶାଯାଉଛି ଯେ ସ୍ଥାନୀୟ ଲୋକେ ମହୁଲଫୁଲ ସଂଗ୍ରହ କରିବା ପୂର୍ବରୁ କିମ୍ବା ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି । ଏଣୁ ନିଆଁକୁ ନିୟନ୍ତ୍ରଣ କରିବାକୁ ହେଲେ ସେମାନଙ୍କୁ ସଚେତନ କରିବା ସହ ବିଭିନ୍ନ ଗୋଷ୍ଠୀ ବା କମିଟିକୁ ନିୟୋଜିତ କରାଯିବା ଦରକାର। କାରଣ ଜଙ୍ଗଲରେ ନିଆଁ ଲାଗିଲେ ସେମାନେ ହିଁ ସର୍ବପ୍ରଥମେ ତାହାକୁ ଠାବକରି ପଦକ୍ଷେପ ନେଇପାରିବେ। ଏହା ବ୍ୟତୀତ ସେମାନଙ୍କୁ ୫ କି ୧୦ହଜାର ଟଙ୍କା ନୁହେଁ ଏହାଠାରୁ ଯଥେଷ୍ଟ ବେଶି ଆକର୍ଷଣୀୟ ଆର୍ଥିକ ପୁରସ୍କାର ଦେବାର ବ୍ୟବସ୍ଥା କରାଗଲେ ସୁଫଳ ମିଳିବ। ସବୁଠୁ ବଡ଼ ସମସ୍ୟା ହେଉଛି ଜଙ୍ଗଲରେ ଜଳଉତ୍ସର ଅଭାବ । ଏହା ସହ ନିଆଁଲିଭା ପାଇଁ ଫାୟାର ଷ୍ଟେଶନ ବା ଦମକଳ କେନ୍ଦ୍ର ସଂଖ୍ୟା ଜଙ୍ଗଲ ନିକଟରେ କମ୍ ରହିଥିବା ଦେଖାଯାଏ। କେବଳ ଏତିକି ନୁହେଁ , ଯେଉଁ ସବୁ ଅତ୍ୟାଧୁନିକ ଗାଡ଼ି ଓ ଯନ୍ତ୍ରପାତି କିଣାଯାଉଛି ତାହା ମଧ୍ୟ ଜଙ୍ଗଲ ଅନୁଯାୟୀ ଯଥେଷ୍ଟ ନୁହେଁ। ଯଦି ଶିମିଳିପାଳ ଉଦାହରଣ ଦେଖିବା, ତେବେ ୨୭୫୦ ବର୍ଗ କି.ମି. ବ୍ୟାପୀ ଜଙ୍ଗଲରେ ନିଆଁ ନିୟନ୍ତ୍ରଣ କରିବାକୁ ପାଖାପାଖି ୨୮ଟି ପାହାଡ଼ ଚଢ଼ା ଗାଡ଼ି ରହିଥିବା ଜଣାଯାଏ, ଯାହା ଅତି ନଗଣ୍ୟ। ଏହା ବ୍ୟତୀତ ଜଙ୍ଗଲ ନିକଟସ୍ଥ ବ୍ଲକ୍ ମୁଖ୍ୟାଳୟରେ ଥିବା ଦମକଳ କେନ୍ଦ୍ରଗୁଡ଼ିକ ଦୂରରେ ରହୁଥିବାରୁ ନିଆଁ ନିୟନ୍ତ୍ରଣ ଏକ ପ୍ରକାର କଷ୍ଟକର କାର୍ଯ୍ୟ। ଏଭଳି ସ୍ଥିତି ଯଦି ଶିମିଳିପାଳରେ ତେବେ ଓଡ଼ିଶାର ଭୌଗୋଳିକ କ୍ଷେତ୍ରର ୩୩.୫୦ ପ୍ରତିଶତ ଅର୍ଥାତ୍ ୫୨,୧୫୬ ବର୍ଗ କିଲୋମିଟର ଜଙ୍ଗଲ ସୁରକ୍ଷା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମାତ୍ର ୪୦ କୋଟି ଟଙ୍କା ଦିଆଯାଇଛି ଜଙ୍ଗଲ ନିଆଁ ସମ୍ଭାଳିବା ପାଇଁ। ସ୍ଥାନୀୟ ଲୋକଙ୍କୁ ପ୍ରଶିକ୍ଷଣ ଦେବା, ସେମାନଙ୍କ ଦ୍ୱାରା ଶୁଖିଲାପତ୍ର, ଡାଳ ଏବଂ ମରିଯାଇଥିବା ଗଛକୁ ଜଙ୍ଗଲ ଭିତରେ ଥିବା ଖୋଲା ଜାଗାରେ ରଖିବା ଭଳି ଅନେକ ଉପାୟ ରହିଛି, ଯେଉଁଥିରେ ଜଙ୍ଗଲ ନିଆଁ ଆୟତ୍ତ କରିହେବ। ଏହି କ୍ଷେତ୍ରରେ ମଧ୍ୟପ୍ରଦେଶ ଭଳି ରାଜ୍ୟର ଅନୁଭୂତି ବିଶେଷ ଭାବରେ ପ୍ରଶଂସନୀୟ। ସେ ରାଜ୍ୟରୁ ଶିକ୍ଷା ଲାଭକରି ଯଦି ଓଡ଼ିଶାର ବିଭିନ୍ନ ଗ୍ରାମରେ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇପାରନ୍ତା, ତେବେ ଏହି ସମସ୍ୟାର ଏକ ବଡ଼ ଅଂଶ ସମାଧାନ ବାହାର କରିହୁଅନ୍ତା। ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ବିନା ଜଙ୍ଗଲ ଭଳି ଜୀବନ ପାଇଁ ଅତ୍ୟାବଶ୍ୟକ ପ୍ରାକୃତିକ ସମ୍ପଦକୁ ବଞ୍ଚାଇବା ଅସମ୍ଭବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | |
| | | 6 | | | | | | 1 |
| 9 | | | | | 6 | 8 | 7 | |
| | | | | | 2 | 4 | | 3 |
| | | | 7 | | 4 | | | |
| | 2 | | | | 5 | | | |
| 7 | | 9 | 4 | | | 1 | | |
| 1 | | | | 5 | 3 | | | 6 |
| | 3 | | 9 | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 8 | 1 | 4 | 6 | 9 | 7 | 5 |
| 5 | 1 | 9 | 3 | 8 | 7 | 4 | 2 | 6 |
| 6 | 7 | 4 | 2 | 9 | 5 | 1 | 8 | 3 |
| 9 | 2 | 7 | 6 | 1 | 4 | 5 | 3 | 8 |
| 3 | 5 | 6 | 8 | 2 | 9 | 7 | 1 | 4 |
| 4 | 8 | 1 | 5 | 7 | 3 | 2 | 6 | 9 |
| 7 | 6 | 3 | 4 | 5 | 2 | 8 | 9 | 1 |
| 1 | 4 | 2 | 9 | 3 | 8 | 6 | 5 | 7 |
| 8 | 9 | 5 | 7 | 6 | 1 | 3 | 4 | 2 |

ଗତକାଲିର ଉତ୍ତର

# ସାଂସ୍କୃତିକ ଚାପରେ ବିବାହ ଉତ୍ସବ



ପ୍ରକାଶ ତ୍ରିପାଠୀ

ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଗୋଟିଏ ବିବାହ ଭିଡିଓ ଦେଖିଲି। ବର ଓ କନ୍ୟା ଦୁଇଟି ବରଣମାଳା ଧରି ଏକ ସୁଦୃଶ୍ୟ ମଣ୍ଡପରେ ବାଦ୍ୟର ତାଳେ ତାଳେ ନାଚୁଛନ୍ତି ଓ ଶେଷରେ ଉଭୟ ଉଭୟଙ୍କ ବେକରେ ବରଣମାଳା ପକାଉଛନ୍ତି। ଭିଡିଓର ଶୀର୍ଷକ ରହିଛି ବିବାହରେ ବରଣମାଳା ପ୍ରଦାନର ନୂଆ ତରିକା ମାର୍କେଟକୁ ଆସିଗଲା। ସତ କଥା, ଆଉ କିଛି ଦିନ ପରେ ଆମ ବିବାହ ଉତ୍ସବରେ ଏଭଳି ଦୃଶ୍ୟ ଅବଶ୍ୟ ଦେଖିବାକୁ ମିଳିବ। ଏହା ଉଲ୍ଲେଖ କରିବାର ମୁଖ୍ୟ କାରଣ ହେଲା କିପରି ବିବାହ ଉତ୍ସବ ଆମ ପରମ୍ପରା ଓ ସଂସ୍କୃତି ବାହାରକୁ ଚାଲିଯିବା ସହ ଅଧିକ ବ୍ୟୟବହୁଳ ହୋଇଯାଉଛି। ଉଭୟ ବର ଓ କନ୍ୟା ପରିବାର ପାଇଁ ଏହା କ୍ରମଶଃ ଚିନ୍ତା ଉଦ୍ରେକକାରୀ ହେଲାଣି।

ନିକଟରେ ମୋର ଜଣେ ବାଲ୍ୟବନ୍ଧୁ ବ୍ୟାଙ୍କରେ ଦେଖାହେଲେ। ସେ ନିଜର ପୁଅ ବାହାଘର ପାଇଁ ପର୍ସନାଲ ଲୋନ କରିବାକୁ ଆସିଥିଲେ। ଗତ ବର୍ଷ ଚାକିରିରୁ ମୋର ବନ୍ଧୁ ଅବସର ଗ୍ରହଣ କରିଛନ୍ତି। ଯାହା କିଛି ଅବସରକାଳୀନ ଟଙ୍କା ପାଇଥିଲେ ତାହାର ସିଂହ ଭାଗ ନୂଆ ଘର ନିର୍ମାଣରେ ସରିଯାଇଛି। ତେଣୁ ବଳକା ଅର୍ଥରେ ବିବାହ ଉତ୍ସବ ଆୟୋଜନ ସମ୍ଭବ ନୁହେଁ। ଦଶ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ କଲେ ପୁଅ ବାହାଘର ହେବ। ମୁଁ ବନ୍ଧୁଙ୍କୁ କହିଲି- ବ୍ୟାଙ୍କରେ ପର୍ସନାଲ ଲୋନରେ ସୁଧ ଅଧିକ। ବାହାଘରରେ ଅତି ଜାକଜକମରେ ଅର୍ଥ ଶ୍ରାଦ୍ଧ କରିବା କିଛି ଆବଶ୍ୟକ ନାହିଁ। ମୋର ବନ୍ଧୁ ମୁହଁ ଶୁଖାଇ କହିଲେ ସେକଥା ସେ ବି ଜାଣନ୍ତି। ହେଲେ ତାଙ୍କ ପୁଅ ବୁଝୁନାହିଁ। ସେ ତା'ର ସାଙ୍ଗସାଥୀ ଘରେ ହେଉଥିବା ବାହାଘର ଦେଖୁଛି ଓ ସେହିଭଳି ବିବାହ ଆୟୋଜନ କରିବାକୁ ଜିଦି ଧରୁଛି। ଗୋଟିଏ ବୋଲି ପୁଅ। ଋଣ ହେଉ ପଛେ ପୁଅ ଯାହା ଚାହୁଁଛି ସେଇଆ କରିବି।

ମୋର ବନ୍ଧୁଙ୍କ ଅବସ୍ଥା ଯାହା, ଆଜିର ଦିନରେ ଅନେକ ମାତାପିତାଙ୍କ ଅବସ୍ଥା ସେଇଆ। ନିଜ ଝିଅପୁଅଙ୍କ ଜିଦିରେ ଅଧିକାଂଶ ଅଭିଭାବକ ବ୍ୟୟବହୁଳ ବିବାହ ଉତ୍ସବ ଆୟୋଜନ କରୁଛନ୍ତି। ଯଦି ପାଖରେ ଟଙ୍କା ଅଛି ତାହା ସରିଯାଇ ହାତଶୂନ୍ୟ ହୋଇଯାଉଛି ନ ହେଲେ ବ୍ୟାଙ୍କରୁ ଋଣ ଉଠାଇ ଋଣ ଶୁଝୁଛନ୍ତି। ନିକଟରେ ୱେଡିଙ୍ଗ ଓ୍ୟାର ଇଣ୍ଡିଆ ନାମକ ଘରୋଇ ସଂସ୍ଥା ପକ୍ଷରୁ ଭାରତରେ ବ୍ୟୟବହୁଳ ବିବାହ ପ୍ରକ୍ରିୟା ଉପରେ ସର୍ବେକ୍ଷଣ କରାଯାଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ଭାରତରେ ହାରାହାରି ବିବାହ ଖର୍ଚ୍ଚ



୨୦୨୨ ମସିହାରେ ପ୍ରାୟ ୨୫ ଲକ୍ଷ ଟଙ୍କା ଥିଲା ବେଳେ ୨୦୨୩ରେ ତାହା ୨୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଏଥିରେ ବାସ୍ତବତା ଅପେକ୍ଷା ଆବେଗପଣ ଅଧିକ। ନିଜର ପ୍ରତିପତ୍ତି, ସାମାଜିକ ସ୍ଥିତିକୁ ଦେଖାଇବା ଲକ୍ଷ୍ୟରେ କିଛି ଧନିକ ଶ୍ରେଣୀର ବ୍ୟକ୍ତି ବିବାହ ଉତ୍ସବରେ ପୁଳାପୁଳା ଟଙ୍କା ଖର୍ଚ୍ଚ କରୁଛନ୍ତି। ସେମାନଙ୍କୁ ଦେଖି ଆଉ କିଛି ଲୋକ ନିଜକୁ ଉଚ୍ଚା ତଥା ଅନ୍ୟ ସହ ସମାନ୍ତର ଦେଖାଇବା ଲକ୍ଷ୍ୟରେ ବିବାହକୁ ଅନାବଶ୍ୟକ ଭାବେ ଖର୍ଚ୍ଚବହୁଳ କରୁଛନ୍ତି। ନିଜ ସହରଠୁ ଦୂର ଅନ୍ୟ ସହର ଓ ଏପରି କି ବିଦେଶରେ ମଧ୍ୟ ବିବାହ ଉତ୍ସବ( ଡେଷ୍ଟିନେଶନ ୱେଡିଙ୍ଗ) ଆୟୋଜିତ ହେଉଛି। ଭାରତରେ ବର୍ଷକୁ ପ୍ରାୟ ଏକ କୋଟି ବିବାହ ଉତ୍ସବ ଆୟୋଜନ ହୋଇଥାଏ। ଜୀବନର ସମୁଦାୟ ଆୟର ପ୍ରାୟ ଶତକଡା କୋଡିଏ ଭାଗ ଖର୍ଚ୍ଚ ହେଉଛି ଆଜିର ବିବାହ ଉତ୍ସବ ଆୟୋଜନରେ। ବିଶେଷ କରି ଗତ ନବେ ଦଶକ ପରଠାରୁ ଭାରତରେ ବିବାହ ଉତ୍ସବ ବ୍ୟୟବହୁଳ ହେବା ଆରମ୍ଭ ହୋଇଛି। ୧୯୬୦ ମସିହାରେ ଦେଶରେ ଯୁଦ୍ଧ ପରିସ୍ଥିତି ଓ ମୁଦ୍ରାସ୍ଫୀତି ଯୋଗୁ ବିବାହ ଉତ୍ସବରେ ମାତ୍ର ୨୫ ଅତିଥିଙ୍କ ଯୋଗଦାନ ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଥିଲା। ମାତ୍ର ଦେଶରେ ନବେ ଦଶକରେ ମୁକ୍ତ ଅର୍ଥନୀତି ପ୍ରଣୟନ ପରଠାରୁ ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିଲା। ଘର ଖର୍ଚ୍ଚ ବିଗତ ତିନି ଦଶନ୍ଧିରେ ଦଶ ଗୁଣ ବଢ଼ିଛି। ସେହି ଅନୁପାତରେ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଛି। ସମାଜରେ ଲୋକଙ୍କ ଷ୍ଟାଟସ ବା ମର୍ଯ୍ୟାଦା ବଢ଼ିଲା। ପଦ ମର୍ଯ୍ୟାଦା, ଧନ, କ୍ଷମତା ଓ ନିଜର ସର୍ବାଙ୍ଗୀନ ପ୍ରଗତି ପ୍ରଦର୍ଶନ ପାଇଁ ବିବାହ ଉତ୍ସବ କ୍ରମେ ଶ୍ରେଷ୍ଠ ମାଧ୍ୟମ ହେଲା।

ସମ୍ପ୍ରତି ବିବାହ ଉତ୍ସବ ଆୟୋଜନ ପାଇଁ ଲୋକଙ୍କ ଉପରେ ସାଂସ୍କୃତିକ ଚାପ ସୃଷ୍ଟି ହେଉଛି। ଏହି ଚାପରୁ ମୁକୁଳିବା ପାଇଁ ସେମାନେ ବ୍ୟୟବହୁଳ ଉତ୍ସବ ଆୟୋଜନ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଚାପ ସୃଷ୍ଟି ହେଉଛି ସିନେମା, ଟିଭି ସିରିଏଲ ଓ ଇନ୍‌ଷ୍ଟାଗ୍ରାମ୍ ଭଳି କିଛି ସୋସିଆଲ ମିଡିଆ ଅନୁସରଣ ଯୋଗୁ। ବିବାହ ଉତ୍ସବକୁ କିପରି ଅଧିକ ବ୍ୟୟ ବହୁଳ କରାଯିବ, ସେସବୁର ଉପାୟ ଆମର ସିନେମା,ଟିଭି ସିରିଏଲ ଓ ଇନ୍‌ଷ୍ଟାଗ୍ରାମ୍ ଆଦିରେ ଉପଲବ୍ଧ। ଆମ ଯୁବ ଗୋଷ୍ଠୀ ଏହା ଦ୍ୱାରା ଅଧିକ ପ୍ରଭାବିତ ଓ ସେହିମାନଙ୍କ ଚାପ ଆଗରେ ଅଭିଭାବକମାନେ ବାକ ଶୂନ୍ୟ। ଜୀବନରେ ବିବାହ ଥରେ କରାଯିବ। ତେଣୁ ତାହାକୁ ସ୍ମରଣୀୟ କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରାଯିବାକୁ ପ୍ରୟାସ ହେଉଛି। ଭାରତୀୟ ବିବାହ ସଂସ୍କୃତି ଓ ପରମ୍ପରାରେ ବିଦେଶୀ ସଂସ୍କୃତି ଧସେଇ ପଶିଗଲାଣି ଯାହାପାଇଁ ଖର୍ଚ୍ଚ ବଢୁଛି। ସିନେମା ବା ଟିଭି ସିରିଏଲ ଆଧାରରେ ରିଂ ସେରିମନିଠାରୁ ରିସେପଶନ ପର୍ଯ୍ୟନ୍ତ ସବୁ କିଛି ସାଜସଜ୍ଜା ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟବାଲା ପ୍ରସ୍ତୁତ। ସେଥିପାଇଁ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କାର ପ୍ୟାକେଜ। ଏହା କେବଳ ସହରାଞ୍ଚଳରେ ସୀମାବଦ୍ଧ ନୁହେଁ, ଗ୍ରାମାଞ୍ଚଳରେ ବ୍ୟାପି ଗଲାଣି। ବିବାହ ପାଇଁ ପାଟ, ଲେହେଙ୍ଗା, କୁର୍ତ୍ତା,ସେରୱାନୀ, ବ୍ଲେଜର, ସୁଟ ଆଦି ଦାମୀ ପୋଷାକପତ୍ର ସହ ହେୟାର ଷ୍ଟାଇଲ,ବିୟୁଟି ମେକ୍‌ଅପ, ମଣ୍ଡପ ସାଜସଜ୍ଜା, ଖାଦ୍ୟ (ଷ୍ଟାର୍ଟର, ମେନ କୋର୍ସ ଓ ଡେଜର୍ଟ ), ରିଂ ସେରିମନି, ପ୍ରି- ୱେଡିଙ୍ଗ ଫଟୋ ଶୁଟ୍, ହଳଦୀ, ମେହେନ୍ଦି, ସଙ୍ଗୀତ, ବିବାହ ଦିନ ବରଯାତ୍ରୀ, ବାଣ, ରୋଶଣି ଆଦି ପ୍ରସ୍ତୁତି ହେଉଛି ସିନେମା ଓ ସିରିଏଲରେ ପ୍ରଦର୍ଶିତ ହେଉଥିବା ବିବାହ ଉତ୍ସବ ଆଧାରରେ। ବର୍ତ୍ତମାନ ସମୟରେ ଆପଣଙ୍କ ପାଖରେ ଯେତିକି ଟଙ୍କା ଅଛି ବା ଯେତିକି ଟଙ୍କା ଆପଣ ଖର୍ଚ୍ଚ କରିପାରିବେ, ସେତିକି ଟଙ୍କାରେ ବିବାହ ଉତ୍ସବ ଆୟୋଜନ କଲେ ଆପଣଙ୍କୁ ତାହା ଖୁସି ଦେଇପାରିବନି। କିନ୍ତୁ ଇଣ୍ଟରନେଟରେ ପ୍ରଦର୍ଶିତ ବିବାହ ଉତ୍ସବ ଭଳି ଆୟୋଜନ ପାଇଁ ଆପଣ ଋଣ କରି ଖର୍ଚ୍ଚ କରିପାରିଲେ ତାହା ଆପଣଙ୍କୁ ଖୁସି ଦେବ। ବିବାହ ଉତ୍ସବ ଏବେ ସାମାଜିକ ଓ ଆର୍ଥିକ ସ୍ୱଚ୍ଛଳତା ପ୍ରଦର୍ଶନର ଉତ୍ସବ ଭାବେ ରୂପାନ୍ତରିତ ହୋଇଛି।

ସର୍ବେକ୍ଷଣ କୁହେ, ଶତକଡା ୨୬ ଭାଗ ଅଭିଭାବକ ନିଜ ପାଖରେ ଉପଲବ୍ଧ ଅର୍ଥରେ ସେମାନଙ୍କ ପୁଅ ଝିଅ ବାହାଘର ଆୟୋଜନ କରିବାକୁ ପସନ୍ଦ କରିଥାନ୍ତି। ମାତ୍ର ୬୮ ଭାଗ ଲୋକ ଋଣ କରି ବିବାହ ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତ ହେଉଛନ୍ତି। ବ୍ୟୟବହୁଳ ବିବାହ ଭାରତୀୟ ଅର୍ଥନୀତିକୁ ଚଳଚଞ୍ଚଳ କରୁଛି ବୋଲି ଅର୍ଥନୈତିକ ବିଶାରଦମାନେ କହୁଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ବିବାହ ଶିଳ୍ପ ହେଉଛି ଭାରତର ଚତୁର୍ଥ ବୃହତ୍ତମ ଶିଳ୍ପ, ଯେଉଁଥିରେ ବାର୍ଷିକ ୧୩୦ ବିଲିୟନ ଆମେରିକୀୟ ଡଲାର ବ୍ୟୟ ହୋଇଥାଏ। ଭାରତରେ ମହତ୍ତ୍ୱପୂର୍ଣ୍ଣ ବିବାହ ଉତ୍ସବ ଲକ୍ଷ ଲକ୍ଷ ଲୋକଙ୍କୁ ରୋଜଗାର ପ୍ରଦାନ କରେ। କିନ୍ତୁ ଅନ୍ୟପକ୍ଷରେ ବ୍ୟୟ ବହୁଳ ବିବାହରେ ଅନେକ ପରିବାରର ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇଯାଉଛି।

ମୋ: ୯୪୩୭୨୩୨୪୬୩

# ପିଲାବେଳ



ଧ୍ରୁବ ଚରଣ ଘିବେଲା

ପିଲାବେଳ ଜୀବନର ସର୍ବଶ୍ରେଷ୍ଠ କାଳ। ପିଲାବେଳେ ନା ଥାଏ ଚିନ୍ତା, ନା ଥାଏ ଦାୟିତ୍ୱ, ନା ଥାଏ ପଶ୍ଚାତାପ, ଶୋଚନା କିମ୍ବା ବାହାନା। ନ ଥାଏ ସେମିତି କିଛି ବାଧ୍ୟବାଧକତା,ନିର୍ଦ୍ଦିଷ୍ଟ ଧରାବନ୍ଧା ନିୟମ ଆକଟ କି ବନ୍ଧନ। ବରଂ,ପିଲାଙ୍କର ଥାଏ ଅବାଧ ସ୍ୱାଧୀନତା ଗାଆଁ ତୋଟାମାଳରେ ବୁଲିବାରେ, ଗାଆଁ ମୁଣ୍ଡ ବରଗଛ ମୂଳର ଘଞ୍ଚ ଛାଇରେ କେତେ ପିଲାଖେଳ ବିଷ ଅମୃତ, ଚୋର ପୋଲିସ, ବହୁଚୋରି, ଲୁଚକାଳି ଇତ୍ୟାଦି ଖେଳିବାରେ, ବରଗଛ ଓହଳରେ ଦୋଳି ଖେଳି ଝୁଲିବାରେ, ନଈରେ ପହଁରିବାରେ, କେବେ କେବେ ନଈରୁ ବଂଶୀକଣ୍ଟା ପକାଇ ମାଛ ଧରିବାରେ,ନଈକୂଳର କୋଳିଗଛରୁ କୋଳି ତୋଳି ଖାଇବାରେ, ସର୍ବୋପରି ସାଙ୍ଗମେଳରେ ରହି କେତେ ଗପସପରୁ ହସଖୁସି ସାଉଁଟିବାରେ। ସେସବୁରୁ ଯେଉଁ ମନଖୋଲା ପୁଣି ଅନାବିଳ ହସଖୁସି ମିଳୁଥିଲା ତା'ର ପଟାନ୍ତର ନାହିଁ। ଟିକେ ସିଆଣିଆ ବୁଝିଲା ବୟସ ହେଲା ପରେ ପିଲା ସେସବୁ କରନ୍ତି। ଖେଳନ୍ତି, ବୁଲନ୍ତି ଏକାଠି ସାଙ୍ଗସାଥୀ ହୋଇ।



ଖାଲି ଚାଲିବୁଲି ନ ଜାଣିବା ଯାଏ ପିଲା ପୂରା ଆଶ୍ରିତ ଥାନ୍ତି ବାପାମାଆଠି। ଘରେ ପରିବାର ଭିତରେ ହିଁ ରହନ୍ତି। ଘର ଭିତର ଥାଏ ପିଲାଙ୍କ ଖେଳା ବୁଲାଚଲା ପାଇଁ ଉପଯୁକ୍ତ କ୍ଷେତ୍ର। ଘରେ ପିଲା ଜନ୍ମ ନିଏ। ସେଇଠି ବଢ଼େ। ସେଇଠି ଖେଳେ। ମାଆର ପଣତ ତଳେ ପିଲା ଥାନ୍ତି ଅଭୟ ଆଶ୍ରିତ। ଧୀରେ ଧୀରେ ପିଲା କହି ଶିଖେ। ପିଲାର ଖଣ୍ଡି କଥା ମାଆକୁ ଓ ଅନ୍ୟମାନଙ୍କୁ ଆମୋଦିତ କରେ। ପୁଣି ଚାଲି ଶିଖେ ମାଆ ହାତ ଧରି। କେବେ କେବେ ମାଆ ପିଲାଠୁ ହାତପାଆନ୍ତା ଦୂରରେ ରହି ପିଲାକୁ ହାତ ଦେଖାଇ ଡାକେ ଧୀରେ ଚାଲିଆସିବାକୁ। ଏମିତି ଚାଲୁ ଚାଲୁ ପିଲା ପୂରା ଚାଲି ଶିଖିଯାଏ। ଚାଲି ଶିଖିଗଲା ପରେ ଗୁରୁଣ୍ଡିବା କଥାକୁ ପିଲା ପୂରା ଭୁଲିଯାଏ।

ଏମିତି ଚାଲିବାରେ ଓ କଥା କହିବାରେ ପିଲାର ଧୀରେ ଧୀରେ ପୂର୍ଣ୍ଣ ଦକ୍ଷତା ଆସିଯାଇଥାଏ। ପିଲାର ପ୍ରଥମ ଶିକ୍ଷକ ମାଆ ପିଲାକୁ ଅନେକ କଥା ଶିଖାଏ। ଘରେ ପିଲା କେତେ କଥା ଶିଖେ ମାଆଠୁ। ଅକ୍ଷର ଶିକ୍ଷା ବି ଗ୍ରହଣକରେ ପିଲା ମାଆଠୁ(ମାଆ ପାଠୋଇ ଥିଲେ)। ଯେଉଁ ପିଲା ଘରୋଇ ଶିକ୍ଷା ମାଆଠୁ ପାଇଥାଏ ସେଇ ପିଲା ପାଠରେ ଆଗୁଆ ରହନ୍ତି ସ୍କୁଲରେ ଭର୍ତ୍ତି ହେଲା ପରେ। ସ୍କୁଲ ଗଲାପରେ ପିଲା ବାହାର ପିଲା ସହ ମିଶିବାର ସୁଯୋଗ ପାଏ। ଅନ୍ୟ ପିଲାଙ୍କ ସହିତ ମିଶିକି ପଢ଼େ। ଏକାଠି ବସାଉଠା କରେ। ସାମୂହିକ ଜୀବନ ଚଳଣି କଥା ଶିଖେ। ପିଲା ନିଜ ନିଜ ଭିତରେ ବେଳେ ବେଳେ କଳିଗୋଳ କରନ୍ତି ଛୋଟ ଛୋଟ କଥାରେ। ପୁଣି ମିଶିଯାନ୍ତି ଆଗର ରାଗରୁଷା ଭୁଲିଯାଇ। ବାଣ୍ଟି ଖାଇବା ପିଲାବେଳର ଗୋଟେ ବିଶିଷ୍ଟ ବୈଶିଷ୍ଟ୍ୟ। ଏବେ ସ୍କୁଲରେ ପିଲା ମଧ୍ୟାହ୍ନଭୋଜନ(ଏମ୍‌ଡିଏମ୍) ଖାଆନ୍ତି। ଆମ ପିଲାବେଳେ ଏମ୍‌ଡିଏମ୍ ନ ଥିଲା।

ପିଲାବେଳେ ମାମୁଘର ବୁଲାର ମଜା ନିଆରା। ମାମୁଘର ଗାଆଁରେ ମେଳା ବା ଯାତ୍ରା ଥିଲେ ମାମୁଘର ବୁଲା ମଜାଳିଆ ରହେ। କେବେ ମାମୁ ଯାତ୍ରା ଦେଖାଇ ନିଅନ୍ତି ତ କେବେ ଅଜା ବୁଲାଇ ନିଅନ୍ତି। ଯାତ୍ରା ଦେଖା ଭିତରେ ଯେତେ ଖଜା ଖାଉଛ ଖାଅ, ଯାହା କିଣୁଛ କିଣ। କେବେ ସାଇକେଲରେ ବସାଇ ନିଅନ୍ତି ତ କେବେ କାନ୍ଧେଇ। ଅଜାଆଈ, ମାମୁମାଈଁ, ମାମୁପୁଅ ଭାଇ ସମସ୍ତଙ୍କ ଆଦର ପାଇବା ସହ ଅଧିକ ଖାଇବାପିଇବା ପାଇ ମାମୁଘରେ ଅଧିକ ଦିନେ ଦି' ଦିନ ରହିଯିବାକୁ ଇଚ୍ଛା ହୁଏ। ମାମୁଘରେ ଖାଇବା ପିଇବାରେ କିଛି ଊଣା ହୁଏନାହିଁ। ମାମୁ ବୁଲାଇ ନେଲେ ଖୁଆନ୍ତି ଗାଁର ଏ ଦୋକାନରୁ ସେ ଦୋକାନରୁ, କିଣି ବି ଦିଅନ୍ତି କେତେ ମନଲାଖି ଜିନିଷ। ଘରେ ସେମିତି ମାଇଁ ଏଇଟା ଖାଅ, ସେଇଟା ଖାଅ କହି ଯାଚିକି ଦେଇଥାନ୍ତି। ଛୁଟି ବେଳ ସରିଗଲେ ପୁଣି ଫେରିବାକୁ ହେବ ଜାଣି ପିଲାଙ୍କ ମନରେ ଦୁଃଖ ଜାଗେ। ପିଲା ଭାବେ ଆଉ କିଛିଦିନ ଖରାଛୁଟି କି ପୂଜାଛୁଟି ଘୁଞ୍ଚି ଯାଆନ୍ତା କି ? କିନ୍ତୁ ସେମିତି ହୁଏନି। ମାମୁଘର ବୁଲା ମଜାକୁ ମନରେ ସାଇତି ରଖି ଫେରିବାକୁ ହୁଏ ନିଜ ଘରକୁ।

ପୁଣି ଆରମ୍ଭ ହୋଇଯାଏ ରୁଟିନ୍‌ଗତ କାମ ଟିଉଶନ ଯାଅ, ସ୍କୁଲ ଯାଅ। ସକାଳେ ଟିଉଶନ ସରିଲେ ଗାଧୋଇ ଖାଇପିଇ ସ୍କୁଲ ଚାଲ। ପୁଣି ସ୍କୁଲରୁ ଫେରି ଟିକେ ଖେଳାବୁଲା କରିଥିବ କି ନାହିଁ, ପୁଣି ଟିଉଶନ ଚାଲ। ଆଗ ପିଲା ଖେଳିବା ବୁଲିବା ପାଇଁ ସମୟ ପାଉଥିଲେ। ପିଲାଙ୍କର ପିଲାଦିନ ଆଗ ମଜାଦାର ଥିଲା। ଏବେ ସମୟ ବଦଳିଛି। ଖେଳିବା ବୁଲିବା ପାଇଁ ପିଲା ପାଉନାହାନ୍ତି ପର୍ଯ୍ୟାପ୍ତ ସମୟ। ଖାଲି ପିଲାଙ୍କ ପାଠପଢ଼ା ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି ଅଭିଭାବକ। ପିଲା ଆଜି ଯନ୍ତ୍ର ପାଲଟି ଯନ୍ତ୍ରଣା ପାଉଛନ୍ତି ଯେମିତି। ଖାଲି ପିଲା ପଢ଼ିବ। ଆଜିକାଲି ପିଲାଙ୍କର ସ୍ୱାଧୀନତା ବୋଲି କିଛି ରହୁନାହିଁ। ବାପାମାଆଙ୍କ ଇଙ୍ଗିତରେ ପିଲା ପରିଚାଳିତ। ପିଲା ରହୁଛନ୍ତି ଚାପଯୁକ୍ତ। ଅସଲକୁ ପିଲା ଚାପମୁକ୍ତ ରହିବା କଥା। ଆଜିକାଲିର ପିଲାଙ୍କର ପିଲାଦିନ ହଜୁଛି। ହଜାଇଦିଆଯାଉଛି ପିଲାକୁ ଅତ୍ୟଧିକ ଚାପଯୁକ୍ତ କରାଇ। ପିଲା ଆଗରେ ଖାଲି ବଡ଼ ହେବାର ସ୍ୱପ୍ନ ଦେଖାଉଛନ୍ତି ବାପାମାଆ। ଆଜିର ବାପାମାଆ ଟିକେ ଚିନ୍ତା କରନ୍ତୁ ତ ତାଙ୍କର ପିଲାଦିନ ପିଲାବେଳ କେମିତି ଥିଲା, ଏବର ପିଲାର ପିଲାବେଳ କେମିତି ରହିଛି ? ଅବନୀ ଅମ୍ବର ଭିତରେ ଯେଉଁ ପାର୍ଥକ୍ୟ ରହିଛି ସେ ବେଳ ଏ ବେଳ ଭିତରେ ସେଇ ପାର୍ଥକ୍ୟ ଅନୁଭୂତ ହେଉଛି। ପାଠ ଭିତରୁ ମୁକୁଳିବାକୁ ପିଲାର ବେଳ ନାହିଁ, ଲିଜର ସମୟରେ ପିଲାର ସାଥୀ ସାଜୁଛି ପୁଣି ମୋବାଇଲ। ପାଠପଢ଼ାରେ ମୋବାଇଲ ଦେଖାରେ ସମୟ ଧକ୍କା ଖାଇ ଖାଇ ଯାଏ। ଆଜି ଅନେକ ପିଲାଙ୍କ ହାତରେ ମୋବାଇଲ ରହୁଛି। ଆଜିର ଛୋଟ ପିଲା ମୋବାଇଲ ଦେଖି ଦେଖି ଖାଉଥିବାର ଦେଖାଯାଉଛି। ମୋବାଇଲ ପିଲାର ପଢ଼ାରେ ବି ସାହାଯ୍ୟ କରେ। କେତେ ପିଲା ଯେ ମୋବାଇଲରେ ଖାଲି ମାତିଥାନ୍ତି ସମୟର ଦୁରୁପଯୋଗକରି ପାଠ ନ ପଢ଼ି। ପୁଣି ମୋବାଇଲରୁ କାର୍ଟୁନ ଦେଖିବା ସଉକ ଆଜିକାଲିର ଛୋଟ ପିଲାଙ୍କର ବେଶି ରହୁଛି। ଆଜିର ପିଲା ପାଇଁ ତା'ର ଏବର ପିଲାବେଳ କଥା ଭାବିବା ଲାଗି ସତରେ ବେଳ ନାହିଁ। ନ ଥାଏ। ଏହା ଯୁଗର ବିଲକ୍ଷଣ ମାତ୍ର। ବିଡ଼ମ୍ବନାର କଥା ମଧ୍ୟ।

ବଉଦରାଜ, ବୌଦ୍ଧ
ମୋ:୯୪୩୭୪୭୮୪୬୬

## ଏଇ ଭାରତରେ

ପଶ୍ଚିମବଙ୍ଗ ମୁର୍ଶିଦାବାଦର ବାଗଡାବ୍ର ଜଙ୍ଗଲ ଏରିଆରେ ଗଛ ତଳେ ଏକ ସ୍କୁଲ ଚାଲିଛି, ଯାହାର ପ୍ରତିଷ୍ଠାତା ହେଉଛନ୍ତି ଶାନ୍ତି ନିକେତନର ପୂର୍ବତନ ଛାତ୍ର ଅଂଶୁମାନ ଠାକୁର। ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁରଙ୍କ ବିଚାରଧାରାକୁ ଆଧାର କରି ସେ ଏହି ସ୍କୁଲ ଚଳାଉଛନ୍ତି। କୋଭିଡ୍ ସମୟରେ ଅଧାରୁ ପାଠ ଛାଡ଼ି ସେମାନଙ୍କ ମାତାପିତାଙ୍କ ସହ କାମକୁ ଯାଉଥିବା ଗରିବ ପିଲାମାନଙ୍କୁ ନେଇ ୨୦୨୧ରେ ଏହି ସ୍କୁଲ ଆରମ୍ଭ କରାଯାଇଥିଲା। ସେତେବେଳେ ସ୍କୁଲରେ ମୋଟ ୫ ଜଣ ପିଲା ଥିଲେ। ସ୍କୁଲ ଆରମ୍ଭ ହେବାର ସପ୍ତାହକ ମଧ୍ୟରେ ପିଲା ସଂଖ୍ୟା ୨୦ରେ ପହଞ୍ଚିଥିଲା ଏବଂ ଏବେ ପିଲାସଂଖ୍ୟା ୧୦୫। ସ୍କୁଲରେ ୭ ଜଣ ଶିକ୍ଷକ ମଧ୍ୟ ରହିଛନ୍ତି। ଗଛମୂଳରେ ଚାଲୁଥିବା ଏହି ସ୍କୁଲର ନାଁ ହେଉଛି 'ଅନିର୍ବାଣ ଗଛେର୍ ଇସ୍କୁଲ'। ବିଶେଷକରି ନିମ୍ବ ଓ ଆମ୍ବ ଗଛ ମୂଳରେ ପିଲାଙ୍କୁ ପଢ଼ାଯାଉଛି। ପିଲାମାନେ ସକାଳ ୬ଟାରେ ସ୍କୁଲ ଯାଉଛନ୍ତି ଓ ସେଠାରେ ସେମାନଙ୍କୁ ଜଳଖିଆ ମଧ୍ୟ ଦିଆଯାଉଛି। ସ୍କୁଲରେ ପଢ଼ିବା ଲାଗି ସେ ପିଲାଙ୍କୁ ଆର୍ଥିକ ସାହାଯ୍ୟ କରୁଛନ୍ତି। ମୁର୍ଶିଦାବାଦ ଫାରାକ୍କାସ୍ଥିତ ପ୍ରଫେସର ସୟିଦ ନୁରୁଲ ହାସନ କଲେଜର ବେଙ୍ଗଲି ସାହିତ୍ୟ ପ୍ରାଧ୍ୟାପକ ଅଂଶୁମାନ ଠାକୁର କଲେଜ ଦାୟିତ୍ୱରୁ ସମୟ ବାହାର କରି ସ୍କୁଲ ପରିଚାଳନା କରୁଛନ୍ତି। ପିଲାମାନେ ସରକାରୀ ପାଠ୍ୟକ୍ରମ ଅନୁଯାୟୀ ପଢ଼ିବା ସହ ପ୍ରକୃତି, ସଂସ୍କୃତି ଓ ଉଦ୍ୟୋଗତା ସମ୍ପର୍କରେ ପଢୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ମାର୍ଚ୍ଚ ୧୯୭୬

- ଲୋକ ଦଳରୁ ଏମ୍‌ଏଲ୍‌ଏ ଜଗମୋହନ ନାୟକ ଇସ୍ତଫା ଦେଇ ଜଣେ ସ୍ୱାଧୀନ ସଭ୍ୟ ଭାବେ ବିଧାନସଭାରେ ରହିବେ ବୋଲି ଘୋଷଣା କରିଛନ୍ତି।
- ଚା, ରବର, କପା ପ୍ରଭୃତିର କୃଷିଭିତ୍ତିକ ଶିଳ୍ପ ପାଇଁ କେନ୍ଦ୍ର ସରକାର ଏକ ୧୮ଜଣିଆ ଜାତୀୟ ଶିଳ୍ପ କମିଟି ଗଠନ କରିଛନ୍ତି।
- ମିଗ୍ ୨୧ ବିମାନ ନିର୍ମାଣ ପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶ ଯୋଗାଇବା ଲାଗି ମିଶରର ଅନୁରୋଧକୁ ଭାରତର ପ୍ରତ୍ୟାଖ୍ୟାନ।

## ଚିରନ୍ତନୀ

ଆସ ଗୋ ମୋର ଶ୍ରବଣପୁର
ଆସ ଗୋ ମୋର ନିକଟ ଦୂର,
ଆସ ଗୋ ଆସ ରସ ମଧୁର ଯୌବନ
କିଶୋରୀ ଆଗୋ, ବୃନ୍ଦା ଆଗୋ ଶୋଭନ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡ କଟିବା ନିଷ୍ପତ୍ତି

ମହାଶୟ,

ରାଶନ କାର୍ଡ କଟିବା ପ୍ରସଙ୍ଗରେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏକ ବିବୃତି ଦେଇ କହିଛନ୍ତି ଯେ, ଯେଉଁମାନେ ଆୟକର ରିଟର୍ନ ଦାଖଲ କରିଛନ୍ତି, ସେମାନଙ୍କର ରାଶନ କାର୍ଡ କଟିବ ନାହିଁ। ସେ ମଧ୍ୟ କହିଛନ୍ତି ଯେ, ଯେଉଁମାନଙ୍କର ଗ୍ରାମାଞ୍ଚଳରେ ମାସିକ ଆୟ ୧୦ ହଜାର ଟଙ୍କାରୁ ଅଧିକ ଓ ସହରାଞ୍ଚଳରେ ମାସିକ ଆୟ ୧୫,୦୦୦ ଟଙ୍କାରୁ ଅଧିକ ସେମାନଙ୍କର ରାଶନ କାର୍ଡ କଟିବ। ଗ୍ରାମାଞ୍ଚଳରେ ଜଣେ ଶ୍ରମିକ ଓ ଦିନ ମଜୁରିଆର ମାସିକ ଆୟ ୧୦,୦୦୦ ଟଙ୍କାରୁ ଅଧିକ ଓ ସହରାଞ୍ଚଳରେ ସେମାନଙ୍କର ଆୟ ୧୫,୦୦୦ ଟଙ୍କାରୁ ଅଧିକ। ସେମାନେ ଆର୍ଥିକ ଦୃଷ୍ଟିରୁ କ'ଣ ସ୍ୱଚ୍ଛଳ। ମାସିକ ୧୦,୦୦୦ ଟଙ୍କା ବା ୧୫,୦୦୦ ଟଙ୍କା ଆୟ କରି ଜଣେ ତିନି ଚାରି ଜଣିଆ ପରିବାର ଚଳାଇପାରିବ କି ? ଏହା ସରକାରଙ୍କ ବଡ଼ ଭୁଲ୍ ନିଷ୍ପତ୍ତି। ଏଣୁ ସରକାର ଏ ନିଷ୍ପତ୍ତି ଶୀଘ୍ର ବଦଳାଇବା ଉଚିତ। ସବୁ ମହଲରୁ ଏହି ନିଷ୍ପତ୍ତି ବିରୋଧରେ ମଧ୍ୟ ପ୍ରତିବାଦର ସ୍ୱର ଉଠିବା ଆବଶ୍ୟକ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରକାରଙ୍କ ଉପରେ ବିରୋଧୀଙ୍କ ଭରସା ବଢ଼ିଛି : ମନ୍ତ୍ରୀ ହରିଚନ୍ଦନ

■ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚର ପୁନଃ ତଦନ୍ତ ଆରମ୍ଭ

■ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ମହିଳା ଅସୁରକ୍ଷିତ: ବିରୋଧୀ

ଭୁବନେଶ୍ୱର,୧୮।୩ (ରବିନାରାୟଣ ଜେନା)

ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ଦିନଦ୍ୱିପ୍ରହରରେ ମୁଣ୍ଡ ଗଡ଼ୁଛି। ୫ ବର୍ଷର ଶିଶୁକନ୍ୟା ବଳାତ୍କାର ଶିକାର ହେଉଛି। ରାଜ୍ୟରେ ଗତ ୮ ମାସ ଭିତରେ ୧୮ ହଜାରରୁ ଅଧିକ ନାରୀ ନିର୍ଯାତନା ମାମଲା ହେଲାଣି। ସବୁଠୁ ବଡ଼କଥା ହୋଲି ପର୍ବରେ ସାରାରାଜ୍ୟ ରକ୍ତରଞ୍ଜିତ ହେଲା। ରାଜ୍ୟରେ ଏବେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି କହି ବିରୋଧୀ ବିଜେଡି ଓ କଂଗ୍ରେସ ମୁଲତବୀ ଆଲୋଚନା କାଳରେ ସରକାରଙ୍କୁ ଘେରିଥିଲେ। ଏହାର ଜବାବ ରଖି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିରୋଧୀମାନେ ଆଜି ଯେଉଁ ଆଙ୍ଗୁଠି ଆମକୁ ଦେଖାଉଛନ୍ତି ଆଗେ ସେମାନେ ନିଜେ ବୁଝିବା ଦରକାର। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡରେ ପରିବାର ଲୋକେ ଅସନ୍ତୁଷ୍ଟ ରହିଛନ୍ତି। ପୂର୍ବ ସରକାର ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ। ଏବେ ସେମାନେ ମୋହନ ସରକାରଙ୍କ ଉପରେ ଭରସା କରିଛନ୍ତି। ଏହାକୁ ନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚର ଗୋଟିଏ ଟିମ୍ ନବଙ୍କ ଘରେ ଘଟଣାର ଅନୁସନ୍ଧାନ କରି ବୟାନ ରେକର୍ଡ କରିଛି ବୋଲି ମନ୍ତ୍ରୀ କହିଛନ୍ତି।

ମଙ୍ଗଳବାର କଂଗ୍ରେସ ପକ୍ଷରୁ ଆସିଥିବା ମୁଲତବୀ ଆଲୋଚନାକୁ ଆରମ୍ଭକରି କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ ଯେ, ଗତ ୮ ମାସରେ ଏ ସରକାରରେ ୧୮ ହଜାର ୧ ନାରୀ ନିର୍ଯାତନା ଘଟିଛି। ନାରୀ ନିର୍ଯାତନା ୮ପ୍ରତିଶତ ବଢ଼ିଛି। ଓଡ଼ିଶା ଏକ ସ୍ୱଂପ୍ରିପିଅନ ରାଜ୍ୟ। ହେଲେ ଏଠାରେ ଆବାସିକ ବିଦ୍ୟାଳୟରେ ଛାତ୍ରୀ ଗର୍ଭବତୀ ହେଉଛନ୍ତି। କେନ୍ଦୁଝରରେ ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବାବେଳେ କାଳିମେଳା, ମୟୂରଭଞ୍ଜ, ସମ୍ବଲପୁର ଆଦି ଜିଲାରେ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ପୋଲିସ ତଦନ୍ତ ଶିଥିଳ ପଡ଼ିଯାଇଛି। ଏଥିପାଇଁ ଗୃହ କମିଟି ଗଠନ କରାଯାଉ। ସର୍ବଦଳୀୟ ବୈଠକ ବସିବା ଆବଶ୍ୟକ ରହିଛି। 'ବେଟି ବଚାଓ' ସ୍ଲୋଗାନ ଏବେ କାଗଜକଲମରେ ରହିଛି ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟା ସୋଫିଆ ଫିର୍ଦୌସ କହିଛନ୍ତି, ଏ ସରକାର ମାତ୍ର ୧ ପ୍ରତିଶତ ନାରୀ ନିର୍ଯାତନା ମାମଲାର ସମାଧାନ କରିବାରେ ସକ୍ଷମ ହୋଇଛି, ମାତ୍ର ୯୯ ପ୍ରତିଶତ ମାମଲା ପାଖରେ ପହଞ୍ଚିପାରୁନାହିଁ। ଏନ୍‌ସିଆର୍‌ବି ରିପୋର୍ଟରେ ଓଡ଼ିଶା ୫ମ ସ୍ଥାନରେ ରହିଛି। ଓଡ଼ିଶା ସାରା ଦେଶର ନାରୀ ନିର୍ଯାତନାରେ ହ୍ୟାଟ୍ରିକ୍ ପାଳିଛି ବୋଲି ସେ କହିଛନ୍ତି। ସେହିପରି ବିଜେଡି ସଦସ୍ୟା ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ମହିଳା ଏବେ ଘରୁ ବାହାରିବାକୁ ଡରିଲେଣି। ୯ ମାସରେ ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହେଲାଣି। ଭାଜପା କର୍ମୀମାନେ ଥାନାକୁ ଲିଜ୍ ନେଇଛନ୍ତି। ପୋଲିସକୁ ନିରପେକ୍ଷ ଭାବେ କାମ କରିବାକୁ ସୁଯୋଗ ଦେଉନାହାନ୍ତି। ଗୁଣ୍ଡାରାଜ ଓ ଅରାଜକତା ବଢ଼ିଛି। ସଦସ୍ୟ ଗୌତମ ଦାସ କହିଥିଲେ, ରାମରାଜ୍ୟ କରିବାକୁ କହି ଏବେ ରାବଣ ଶାସନ ଚଳାଉଛନ୍ତି। ନବରଙ୍ଗପୁରଠାରୁ ଆରମ୍ଭକରି ପଦ୍ମପୁର, ବାରଙ୍ଗ, ବରୀ, ସୁନ୍ଦରଗଡ଼ରେ ବଳାତ୍କାର ଘଟଣାରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଗୃହକୁ ଜଣାନ୍ତୁ। ପୂର୍ବତନ ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିଲେ। ଆଇନ ମନ୍ତ୍ରୀ କହିଲେ, ୧୫ ଦିନ ମଧ୍ୟରେ ପୁରୀ ଜିଲାପାଳ ରିପୋର୍ଟ ଦେଲେ କାର୍ଯ୍ୟାନୁଷ୍ଠାନ ହେବ। ହେଲେ କୁଆଡ଼େଗଲା କାର୍ଯ୍ୟାନୁଷ୍ଠାନ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ପ୍ରସଙ୍ଗରେ ଶାସକ ଦଳ ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ସରକାର ନୀରବ ନାହାନ୍ତି। ବର୍ତ୍ତମାନ ସମୟରେ ସରକାର ଆକ୍ସନମୋଡ୍‌ରେ ଥିବାବେଳେ ଅପରାଧୀ ସରେଣ୍ଡର ମୁଡ୍‌ରେ ଅଛନ୍ତି। କଂଗ୍ରେସ ଦଳ ମହିଳାଙ୍କ କଥା କହିଲେ ଲୋକେ ହସୁଛନ୍ତି। ସେହି ମହିଳାଙ୍କୁ ନିର୍ଯାତନା ଦେଇ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟରୁ ବିଦା ହୋଇଛି। ବିଜେଡି ଭିତରେ ଏବେ ପ୍ରତିଯୋଗିତା ଚାଲିଛି। କିଏ ଆମ ଦଳକୁ ଆସି ମନ୍ତ୍ରୀ ହେବେ। ୨୪ ବର୍ଷ ପରେ ବିଜେଡି ନେତାଙ୍କୁ ପ୍ରାକ୍ ସ୍ୱାଧୀନତା ମିଳିଛି। ସେଥିପାଇଁ ସେମାନେ ଗୃହରେ ଏଭଳି ମନ୍ତବ୍ୟ ଦେଉଛନ୍ତି। ଆଲୋଚନା କାଳରେ ଶାସକ ଦଳର ସଦସ୍ୟ ଅମର ନାୟକ, ସନାତନ ବିଜୁଳି, ସରୋଜ ପାଢ଼ୀ ପ୍ରମୁଖ ଭାଗନେଇ କଂଗ୍ରେସ ଓ ବିଜେଡିକୁ କଡ଼ା ସମାଲୋଚନା କରିଥିଲେ।

ଆଲୋଚନାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖି କହିଛନ୍ତି, ସରକାର କେବେ ବି ନୀରବ ନାହାନ୍ତି । ଅନୁଗୋଳ ଘଟଣାରେ ବିରୋଧୀ ସଦସ୍ୟ ଅର୍ଦ୍ଧସତ୍ୟ କହୁଛନ୍ତି। ସରକାର ନୀରବ ରହିବା କଥା ଯାହା କୁହାଯାଉଛି ତାହା ସମ୍ପୂର୍ଣ୍ଣ ଭୁଲ୍। ଘଟଣା ଘଟିଛି, ତାହା ଉପରେ ସରକାର ଆକ୍ସନ ନେଇଛନ୍ତି। ଅପରାଧୀଙ୍କ ପ୍ରକୃତି ଅପରାଧ କରିବା। ଦଣ୍ଡବିଧାନର ଭୟ ଆସିଲେ ଅପରାଧର ହାର କମିବ । ବର୍ତ୍ତମାନର ସରକାର ଜାତି, ଧର୍ମ ଉପରେ ରହି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ହୋଲି ଦିନ ରାଜ୍ୟର ବିଭିନ୍ନ ସହରରେ ହୋଇଥିବା ହତ୍ୟାକାଣ୍ଡ ମାମଲାରେ ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୨୪ ଘଣ୍ଟା ମଧ୍ୟରେ ପୃଥକ୍ ପୃଥକ୍ ୬ଟି ମାମଲାରେ ୧୦ ଅପରାଧୀଙ୍କୁ ଗିରଫ କରିଛି। ପୋଲିସ ବିଭାଗକୁ ତ୍ୱରାନ୍ୱିତ କରିବା ପାଇଁ ୬୪୯ ହାଇସ୍ପିଡ୍ ଗାଡ଼ି, ୩୦୦ ଗାଡ଼ି, ୩ ହଜାର ବାଇକ୍, ୨୫୦୦ ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ସରକାର ଲୋକଙ୍କ ସରକାର। କ୍ରାଇମ୍ ଓ କ୍ରିମିନାଲକୁ ଧୂଳିସାତ୍ କରିବାକୁ ପ୍ରସ୍ତୁତ ଅଛୁ। ଘଟଣା ଘଟିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତ ବାବୁଲା ଜେନାଙ୍କୁ ଗିରଫ କରିଛି। ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ୮ ମାସର ସରକାର ମଧ୍ୟରେ ନୂଆ ବିଏନ୍ଏସ୍ ଆକ୍ଟ ଅନୁଯାୟୀ ୧୮ଟି ମାମଲାରେ ଦୋଷୀ ଦଣ୍ଡିତ ହୋଇଛନ୍ତି। ଆମ ସରକାର ସମୟରେ ଅପରାଧ ହ୍ରାସ ପାଇଛି। ପୋଲିସ ବିଭାଗରେ ଥିବା ୧୬ ହଜାର ଖାଲି ପଦବୀ ମଧ୍ୟରୁ ୬ ହଜାର ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ଗତ ୨୪ ବର୍ଷର ସରକାର ଦ୍ୱାରା ପୋଲିସ ଫୋର୍ସକୁ ଯେଉଁଭଳି ଅକାମୀ କରି ରଖାଯାଇଥିଲା ସେଥିରେ ପରିବର୍ତ୍ତନ କରାଯାଇଛି। ପୋଲିସ ଫୋର୍ସକୁ ପୋଲିସିଂ କାର୍ଯ୍ୟରେ ବ୍ୟବହାର କରାଯାଇଛି, ଯେଉଁଥିପାଇଁ ଚଳିତ ବଜେଟରେ ଏହି ବିଭାଗ ଲାଗି କେବଳ ୨୭ ପ୍ରତିଶତ ବଜେଟ ଅନୁଦାନ ଦିଆଯାଇଛି।




ନୂତନ ୟୁଜିସି ଚିଠା ନିୟମକୁ ବିରୋଧ କରି ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ।

# ଏପ୍ରିଲ ୨ରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟିଂ

**ବ୍ୟାସନଗର ପୌର ପରିଷଦ**

**ସମସ୍ତ କାଉନସିଲର ଉପସ୍ଥିତ ରହିବାକୁ ନିର୍ଦ୍ଦେଶ**

ଯାଜପୁର/ଯାଜପୁରରୋଡ଼(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି),୧୮।୩

ଯାଜପୁର ଜିଲା ବ୍ୟାସନଗର ପୌରସଂସ୍ଥା ସରକାରୀ ଅନୁଦାନ ସୁବିନିଯୋଗ କରିବାରେ ବିଫଳ ହୋଇଛି ବୋଲି କାଉନସିଲରମାନେ ଅଭିଯୋଗ କରିଛନ୍ତି। ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ କେବଳ ନିଜ ଫାଇଦା ପାଇଁ ସହରର ବିକାଶ କଥାକୁ ଏଡ଼ାଇ ଦେଇଥିବା ସେମାନେ କହିଛନ୍ତି। ଏହି ଅଭିଯୋଗକୁ ନେଇ ଅନାସ୍ଥା ପ୍ରସ୍ତାବ ପାଇଁ ଏପ୍ରିଲ ୨କୁ ତାରିଖ ନିର୍ଦ୍ଧାରଣ କରାଯାଇଛି। ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ତାଙ୍କ ପତ୍ର ସଂଖ୍ୟା ୯୫/ ୧୩।୩।୨୦୨୫ ମ୍ୟୁନିସିପାଲିଟି ଆକ୍ଟ ୧୯୫୦, ଧାରା (୫୪) ଅନୁଯାୟୀ ଉକ୍ତ ଦିନ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଭୋଟିଂ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ନଗରପାଳ, ଉପନଗରପାଳଙ୍କ ସମେତ ସମସ୍ତ ୨୫ କାଉନସିଲରଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଛି। ଉକ୍ତ ଚିଠିରେ ଆସନ୍ତା ୨ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ପୌର ପରିଷଦ ସଭା ଗୃହରେ ସମସ୍ତେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ରହିଛି। ଧାର୍ଯ୍ୟ ସମୟରେ କେହି କାଉନସିଲର ଅନୁପସ୍ଥିତ ରହିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଏହି ଚିଠିର ନକଲ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଓ ନଗର ଉନ୍ନୟନ ବିଭାଗକୁ ଅବଗତ କରାଯାଇଛି ।

ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ଅନାସ୍ଥା ପ୍ରସ୍ତାବ ଉପରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଉପନଗରପାଳ ସୁବାସ ବଳଙ୍କ ସମେତ ୧୦ ଜଣ କାଉନସିଲରଙ୍କ ଦସ୍ତଖତକୁ ଯାଞ୍ଚ ପରେ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ନିକଟକୁ ପଠାଇଥିଲେ। ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଏହି ଅନାସ୍ଥାକୁ କିଭଳି ସାମ୍ନା କରିବେ ତାକୁ ନେଇ ସହରରେ ଆଲୋଚନା ଜୋର ଧରିଛି । ଅନାସ୍ଥାକୁ ସାମ୍ନା କରିବା ପୂର୍ବରୁ ପୌରାଧ୍ୟକ୍ଷା ନିଜ ଆଡୁ ଇସ୍ତଫା ଦେବେ ନା ଅନ୍ୟ କୌଶଳ ଆପଣାଇବେ ତାହାକୁ ସହରବାସୀ ଅପେକ୍ଷା କରିଛନ୍ତି । ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ପିଙ୍ଗୁଆଙ୍କୁ ପଚାରିବାରେ ସେ କହିଛନ୍ତି, ବିଜେଡି ସଭାପତିଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି। କାଉନସିଲରମାନେ ମଧ୍ୟ ତାଙ୍କୁ ନିଶ୍ଚିତ ସହଯୋଗ କରିବେ। ସହରର ବିକାଶ ଏବଂ ସହରବାସୀଙ୍କ ଦୁଃଖସୁଖରେ ସାମିଲ ହେବାକୁ ସେ ପ୍ରତିଶ୍ରୁତିବଦ୍ଧ। ଏହି ୩ ବର୍ଷ ମଧ୍ୟରେ ସହରର ବିକାଶ ବହୁ ଆଗରେ ପହଞ୍ଚି ପାରିଛି ବୋଲି ସେ କହିଛନ୍ତି।

# ପୃଥ୍ୱୀରାଜଙ୍କୁ ବଦ୍ରିଙ୍କ ଜବାବ: ଏତେଦିନ କେଉଁଠି ଶୋଇଥିଲ

**ବିଜେଡି ସରକାରକୁ ଦାୟୀକଲେ, ରାଧେ ରାଧେ, ଅଧେ ଅଧେ କରୁଥିବା କହିଲେ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ**

ହାଟଡିହି,୧୮।୩(ଶୁଭକାନ୍ତ ନାୟକ)

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ ସମବାୟ ସମିତିର ବହୁ କୋଟି ଟଙ୍କା ଆର୍ଥିକ ଅନିୟମିତତା ଘଟଣାରେ ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଗିରଫ ହୋଇଛନ୍ତି। ସେ ଗିରଫ ହେବା ପରେ ଘସିପୁରା ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ପୂର୍ବତନ ବିଜେଡି ବିଧାୟକ ଭାଗୀରଥି ସେଠୀ, ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲିକ ଏବଂ ଅନ୍ୟମାନେ ମୁହଁ ଖୋଲିଛନ୍ତି । କେନ୍ଦୁଝର ଜିଲାର ପୂର୍ବତନ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲାପାଳ ଆଶିଷ ଠାକ୍‌ରେ, ଡିଆର୍‌ସିଏସ୍ ଶୁଭ୍ରକାନ୍ତି ତୁଙ୍ଗ, ଆଶିଷ ସିଂ, ବବି ଦାସ, ଡିଏସ୍ କୁଙ୍ଗେ ପ୍ରମୁଖଙ୍କ ସମ୍ପୃକ୍ତିକୁ ନେଇ ଅସନ୍ତୋଷ ପ୍ରକାଶକରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କିନ୍ତୁ ଗତ ସୋମବାର ଘସିପୁରା ବିଧାନସଭା କ୍ଷେତ୍ରର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଏବେକାର ଭାଜପା ନେତା ପୃଥ୍ୱୀରାଜ କୁଅଁରଙ୍କ ଅଭିଯୋଗ ପରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। କୁଅଁର କହିଛନ୍ତି, ଉକ୍ତ ଘଟଣାରେ ରାଜା ଚକ୍ରଙ୍କ ସହ ବିଧାୟକ ବଦ୍ରି ଅଛନ୍ତି। ତଦନ୍ତକାରୀ ସଂସ୍ଥା ଖୋଳତାଡ଼ କଲେ ସବୁ କଥା ଧରାପଡ଼ିବ। ତେବେ ଏନେଇ ବିଧାୟକ ବଦ୍ରି କହିଛନ୍ତି, ରାଜା ଚକ୍ର ଗିରଫ ହେବାର କିଛି ଦିନ ଦିନ ବିତିଗଲା। କିନ୍ତୁ ପୃଥ୍ୱୀରାଜ ଏତେଦିନ କେଉଁଠି ଶୋଇଥିଲେ। ଯେତେବେଳେ ଜିଲାର ତତ୍କାଳୀନ ଏସ୍‌ପି ଏବଂ ଜିଲାପାଳଙ୍କ ସମ୍ପୃକ୍ତିକୁ ନେଇ ମତ ଦେଲି, ତା'ପରେ ପୃଥ୍ୱୀରାଜ ମୋ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ତେବେ ଏଥିରୁ ସ୍ପଷ୍ଟ ହୋଇଛି ଯେ, ପୃଥ୍ୱୀରାଜ ଅନ୍ୟ ପ୍ରରୋଚନାରେ ପ୍ରଭାବିତ ହୋଇ ଲୋକଙ୍କ ନଜରରୁ ଘଟଣାକୁ ହଟାଇ ତତ୍କାଳୀନ ଏସ୍‌ପି ଏବଂ ଜିଲାପାଳଙ୍କ ସମର୍ଥନରେ ଅଣ୍ଟା ଭିଡ଼ିଛନ୍ତି। ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲିକ କହିଛନ୍ତି, ପୃଥ୍ୱୀରାଜ ଘସିପୁରା ବିଧାନସଭା କ୍ଷେତ୍ରରେ ବଦ୍ରିଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ। ସେ ପ୍ରାୟ କଥାରେ ବଦ୍ରିଙ୍କୁ ଟାର୍ଗେଟକରି ତାଙ୍କ ବିରୋଧରେ ଅଭିଯୋଗ ଆଣିବାର ଅନେକ ଉଦାହରଣ ପୂର୍ବରୁ ରହିଛି। ଏହା କିଛି ନୂଆ କଥା ନୁହେଁ। ତତ୍କାଳୀନ ଜିଲାପାଳ ଏବଂ ଏସ୍‌ପିଙ୍କୁ ବଦ୍ରି କାଠଗଡ଼ାରେ ଠିଆକରିବାକୁ ଉଦ୍ୟମ କରୁଥିବା ବେଳେ ପୃଥ୍ୱୀରାଜଙ୍କ ଏପରି ବୟାନବାଜି ଗ୍ରହଣୀୟ ନୁହେଁ ବୋଲି ଭଗବାନ କହିଛନ୍ତି।

ମଙ୍ଗଳବାର ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ପୂର୍ବ ବିଜେଡି ସରକାର ଏବଂ ପ୍ରଶାସନକୁ ଦୋଷ ଦେଇଛନ୍ତି। ସେ କହିଛନ୍ତି, ରାଜା ତତ୍କାଳୀନ ବିଜେଡି ସରକାର ଏବଂ ପ୍ରଶାସନର ସହାୟତାରେ ବହୁ କୋଟି ଟଙ୍କା ଦୁର୍ନୀତି କରିଛନ୍ତି। ଏଥିରେ ତତ୍କାଳୀନ ଜିଲା ଏସ୍‌ପି, ଜିଲାପାଳ, ଡିଆର୍‌ସିଏସ୍ ଏବଂ ବିଜେଡି ନେତାମାନେ ଦାୟୀ। ରାଧେ ରାଧେ, ଅଧେ ଅଧେ କରି କେନ୍ଦୁଝରକୁ ଲୁଟ୍ କରିଛନ୍ତି। ବିଧାୟକ ବଦ୍ରି ପ୍ରଥମେ ତତ୍କାଳୀନ ଜିଲା ଏସ୍‌ପି, ଜିଲାପାଳ ଏବଂ ଡିଆର୍‌ସିଏସ୍‌ଙ୍କ ସମ୍ପୃକ୍ତିକୁ ନେଇ ମତ ସାବ୍ୟସ୍ତ କରିଥିଲେ। ବିଜେଡି ସରକାର ସମୟରେ ବଦ୍ରିଙ୍କ ଉପରେ ଦଳୀୟ ଚାପ ଥାଇପାରେ କିମ୍ବା ଅନୁକୂଳ ପରିବେଶ ଏବଂ ପରିସ୍ଥିତି ବୋଧହୁଏ ନ ଥିଲା । ତେଣୁ ବଦ୍ରି ସେତେବେଳେ ଏହି ପ୍ରସଙ୍ଗ ଉଠାଇ ନ ଥିଲେ ବୋଲି ଆଲୋକ କହିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରୀ ୪୦୦ ଟଙ୍କା ହେଉ: ସୋନିଆ

ନୂଆଦିଲ୍ଲୀ, ୧୮ ।୩

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଅନୁଯାୟୀ, ଦୈନିକ ସର୍ବନିମ୍ନ ମଜୁରୀକୁ ବଢ଼ାଇ ୪୦୦ ଟଙ୍କା କରିବା ସହ ବାର୍ଷିକ ନିଶ୍ଚିତ କାର୍ଯ୍ୟଦିବସ ସଂଖ୍ୟାକୁ ବୃଦ୍ଧି କରାଯାଇ ୧୫୦ ଦିନ କରିବାକୁ ମଙ୍ଗଳବାର ରାଜ୍ୟ ସଭାର ଶୂନ୍ୟକାଳରେ କଂଗ୍ରେସ ସଦସ୍ୟା ସୋନିଆ ଗାନ୍ଧୀ ଦାବି କରିଛନ୍ତି। ବର୍ତ୍ତମାନର ଏନ୍‌ଡିଏ ସରକାର ଯୋଜନା ବଦ୍ଧ ଭାବେ ଏମ୍‌ଜିଏନ୍‌ଆର୍‌ଇଜି ଯୋଜନାକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ନେଇ ସେ ଅଭିଯୋଗ ଆଣିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIRING**
ASM, SO, SE, SR required
for formation of new Sales team for all districts of Odisha for a FMCG company located in Jagatpur, Cuttack. Freshers & experienced candidates are welcomed. Immediate hiring.
Contact ✆ 7978944424

**WANTED**
କୋଣାର୍କରେ ଛୋଟ ଫାର୍ମ ହାଉସ ପାଇଁ ଗୋଟେ ବୟସ୍କ କେୟାର ଟେକର, ଯିଏକି ପନିପରିବା ଚାଷ କାମ ଜାଣିଥିବେ। ନିଜ ସ୍ତ୍ରୀ ସହ ରହିପାରିବେ।
Contact ✆ 9438674500, 0674-3561038

See Career Appointment on every Wednesday & Saturday

**ELECTRICIAN ଆବଶ୍ୟକ**
Bankର Electrical ଏବଂ LAN Wiring କାମରେ ଅଭିଜ୍ଞତା ଥିବା କୁଶଳୀ Electrician ଆବଶ୍ୟକ।
ଯୋଗାଯୋଗ: 9937888855

**JALAN GROUP OF INDUSTRIES**
(Infrastructure - Road & Highways)
WALK-IN-INTERVIEW - BULK HIRING
At: Rourkela, Jharsuguda, Sambalpur

Jalan Infrastructure LLP, Winner of 2025 Emerging Infrastructure Award & 2024 Eastern India Best Employer Brand, a company working with NHAI, MORTH, PWD etc., for Road and Highway construction has vacancies at sites in Cuttack, Kandhamal, Sambalpur and Bhubaneswar Regional Office.

| Sl. No. | Post | Sl. No. | Post |
|---|---|---|---|
| 1 | Project Manager | 5 | QS Billing |
| 2 | Site/Highway Engineer | 6 | Store Keeper-in-Charge |
| 3 | Supervisor (Road) | 7 | Liaison-cum-Admin Officer |
| 4 | Mechanics | | |

22nd March, Panthanivas, OTDC, Sector-5, Rourkela 11.00 A.M. to 6.00 P.M.
23rd March, Hotel Meghdoot, Station Road, Jharsuguda 11.00 A.M. to 6.00 P.M.
24th March, Panthanivas, OTDC, Hans Nagar, Sambalpur 11.00 A.M. to 6.00 P.M.
Contact Person: Ms. Sahana Mitra, Mobile: 7439689940
email: hradmin@jalangroup.co.in
Website: www.jalangroupofindustries.com
Minimum 3 years of Road Construction Experience Required

**ଧରିତ୍ରୀ DHARITRI Oriya daily** (51 Years)
**WANTED**

| POSITION | ELIGIBILITY | LOCATION |
|---|---|---|
| OFFICE EXECUTIVES | • Responsibilities will include coordinating and scheduling advertising activities, managing campaign calendars, maintaining data & billing of advertisements. • Candidates should be well equipped with Back office work, MS Office & should have basic knowledge of Tally. • Minimum 3 years experience in print media will be preferred. | BHUBANESWAR |
| CIRCULATION EXECUTIVES | • 2-3 years sales experience in print media. • Oversee distribution to subscribers, retailers & customers. • Willingness to travel & keep in touch with agents. Collection of outstanding dues. Own bike or transport will be preferred. • Proficiency in MS-Office. | BHUBANESWAR |

Interested candidates can send their resume to recruitment@dharitri.com / recruitment.dharitri52@gmail.com

**EKLAVYA MODEL RESIDENTIAL SCHOOL**
KUCHINDA, SAMBALPUR, ODISHA - 768222
ADVERTISEMENT
APPOINTMENT OF TEACHERS, INSTRUCTORS, COACHES AND EXPERTS ON CONTRACTUAL BASIS FOR 2025-26

A Walk-in-Interview will be conducted on 28.03.2025 in the School premises from 7.30 A.M. to 9.00 A.M. (Certificate Verification) and 9.00 onwards Walk-in-Interview in order to prepare a panel of contractual teachers in the following subjects for the academic session 2025-26. Interested candidates having the requisite qualification must send their resume on or before 28.03.2025 by Speed Post or by Mail: emrskuchinda2018@gmail.com to appear for the interviews. The details of vacant posts are given below.

| Sl. No. | Name of Post | Consolidated Pay per Month | Qualification |
|---|---|---|---|
| 1 | PGT (Hindi, Maths, Computer Sc.) | 25,000/- | MA/M.Sc. in concerned subject with at least 50% marks from any recognized University/Institute with B.Ed. or equivalent & proficiency in teaching in Hindi and English. |
| 2 | TGT* (English, Sanskrit, Social Science) | 22,000/- | Graduate or equivalent degree in the concerned subject with at least 50% marks from any recognized University/Institute with B.Ed. or equivalent & proficiency in teaching in Hindi and English. |
| 3 | Special Educator | 552 Per Day | Diploma in Special Education/Subject in Degree |
| 4 | Counsellor | 552 Per Day | Relevant Qualification of a Counsellor |
| 5 | Nurse | 552 Per Day | Diploma in Nursing from a recognized University |
| 6 | Computer Instructor | 22,000/- | Degree/Diploma in Computer Science of a duration not less than one year from any recognized University/Institute. Candidate having BCA/PGDCA/BE/B.Tech (CS)/'A' level from DOEACC or higher qualification will be preferred. |

NOTE:
1. Preference will be given to the eligible candidates having knowledge and experience of Computer application.
2. No TA & DA will be paid for attending interview.
3. Remuneration and working hours as per EMRS norms.
4. A set of photo copies of all original certificate and mark sheets should be submitted at the time of interview.
5. Candidates are requested to report for certificate verification and submission of testimonial at 7.30 A.M.
6. Please visit website to download the Biodata format - https://kuchinda.emrsnext.com.

Sd./- Principal

**ଭାରତୀୟ ଭାଷା ସଂସ୍ଥାନ**
ଶିକ୍ଷା ମନ୍ତ୍ରାଳୟ, ଉଚ୍ଚ ଶିକ୍ଷା ବିଭାଗ, ଭାରତ ସରକାର
ମାନସଗଙ୍ଗୋତ୍ରୀ, ହୁନ୍‌ସୁର ରୋଡ୍, ମହୀଶୂର - 570006
F.No. 1/11-302/2024-25/CESCO/PD-ADV
**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ନିଯୁକ୍ତି**

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପରେ ଭାରତ ସରକାରଙ୍କ ଏକ ପଦକ୍ଷେପ ସ୍ୱରୂପ ପ୍ରତିଷ୍ଠିତ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (CESCO), ଭୁବନେଶ୍ୱର ନିମନ୍ତେ ନିମ୍ନଲିଖିତ ପଦବୀର ଆବଶ୍ୟକ ଅଛି ।

| କ୍ରମ ସଂଖ୍ୟା | ପଦବୀ | ପଦବୀ ସଂଖ୍ୟା | ମାସିକ କନ୍‌ସୋଲିଡେଟେଡ୍ ଦରମା |
|---|---|---|---|
| ୦୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ₹.୭୭,୦୦୦/- |

ଆବେଦନ ପତ୍ର ପ୍ରାପ୍ତ କରିବାର ଶେଷ ତାରିଖ, ଓଡ଼ିଶା ରାଜ୍ୟର ଅଗ୍ରଣୀ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଦୈନିକ ଖବରକାଗଜରେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ 21 ଦିନ ପର୍ଯ୍ୟନ୍ତ ହେବ ।
ଶିକ୍ଷାଗତ ଯୋଗ୍ୟତା, ନିୟମାବଳୀ ଏବଂ ସର୍ତ୍ତାବଳୀ ଏବଂ ଆବେଦନ ପତ୍ରର ଫର୍ମାଟ ସିଆଇଆଇଏଲ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ: http://www.ciil.org (Announcements ବିଭାଗ ଅଧୀନରେ) ଏବଂ https://apply.ciil.org । ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଆବେଦନ ପତ୍ର ସଂସ୍ଥାର ଅନ୍‌ଲାଇନ୍ ଆବେଦନ ପୋର୍ଟାଲ https://apply.ciil.org ରେ ଶେଷ ତାରିଖ ପୂର୍ବରୁ (ଅର୍ଥାତ୍ ବିଜ୍ଞାପନ ତାରିଖଠାରୁ ୨୧ ଦିନ) ଜମା କରିବାକୁ ହେବ । ନିର୍ଦ୍ଧାରିତ ତାରିଖ ସମାପ୍ତ ହେବା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

ତାରିଖ: 14-03-2025
CBC 21248/12/0002/2425
ସହ-ନିର୍ଦ୍ଦେଶକ (ପ୍ରଶାସନ)
ସିଆଇଆଇଏଲ୍, ମହୀଶୂର

**ଉପ-ଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗଙ୍କ କାର୍ଯ୍ୟାଳୟ, ନୟାଗଡ଼**
**ବିଜ୍ଞାପନ**
ସଂଖ୍ୟା: ୧୪୩ | ତାରିଖ: ୧୭।୦୩।୨୦୨୫

ନୟାଗଡ଼ ଦେବୋତ୍ତର ବିଭାଗରେ ଖାଲି ପଡ଼ିଥିବା ନିମ୍ନଲିଖିତ ପଦବୀଗୁଡ଼ିକ ପୂରଣ ନିମନ୍ତେ ଆସନ୍ତା ତା୩୦।୦୩।୨୦୨୫ରିଖ ଦିବା ୧୧ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସାକ୍ଷାତକାର ପରୀକ୍ଷା ମାଧ୍ୟମରେ ଚୟନ କରାଯିବ।

| କ୍ର.ନଂ. | ପଦବୀ | ପଦବୀ ସଂଖ୍ୟା | ଲିଙ୍ଗ | ବୟସ | ଶିକ୍ଷାଗତ ଯୋଗ୍ୟତା |
|---|---|---|---|---|---|
| ୧. | ଦେବୋତ୍ତର ସୁପରଭାଇଜର | ୨ | ପୁରୁଷ | ୨୧ରୁ ୩୮ | +୩ ବିଜ୍ଞାନ/ବାଣିଜ୍ୟ |
| ୨. | ଦେବୋତ୍ତର ମୋହରୀର | ୩ | ପୁରୁଷ | ୨୧ରୁ ୩୮ | +୩ କଳା |
| ୩. | ପିଅନ | ୨ | ପୁରୁଷ | ୨୧ରୁ ୩୮ | ଦଶମ ପାସ୍ |
| ୪. | ରାତ୍ର ଜଗୁଆଳ | ୩ | ପୁରୁଷ | ୨୧ରୁ ୩୮ | ଦଶମ ପାସ୍ |

ଇଚ୍ଛୁକ ପ୍ରାର୍ଥୀ ଧାର୍ଯ୍ୟ ତାରିଖ, ସମୟ ଏବଂ ସ୍ଥାନରେ ନିଜର ସମସ୍ତ ତଥ୍ୟ ପ୍ରମାଣପତ୍ର ସହିତ ଉପସ୍ଥିତ ହୋଇ ସାକ୍ଷାତକାର ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ। ଉପରୋକ୍ତ ପଦବୀ ଗୁଡ଼ିକର ମାସିକ ବେତନ ଦେବୋତ୍ତର ବିଭାଗର ଆର୍ଥିକ ଅବସ୍ଥାକୁ ବିଚାରକୁ ନିଆଯାଇ ଆଲୋଚନା ମାଧ୍ୟମରେ ସ୍ଥିର କରାଯିବ।

ସ୍ୱା./- ଉପ-ଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ
ଦେବୋତ୍ତର ବିଭାଗ, ନୟାଗଡ଼

## କାର୍ ସହ ଦେଶୀମଦ ଜବତ, ଜଣେ ଗିରଫ

ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର)–ଖଲ୍ଲିକୋଟ ଥାନା ଅନ୍ତର୍ଗତ ନିର୍ମଳଝର ରାସ୍ତାରେ ଅବକାରୀ ବିଭାଗ ଚଢ଼ାଉ କରି ମଙ୍ଗଳବାର ୪୫୦ ଲିଟର ଦେଶୀମଦ ସହ ଏକ କାର ଜବତ କରିଛି। ଏହି ମଦ ଚାଲାଣ ଅଭିଯୋଗରେ ଖଲ୍ଲିକୋଟ ଥାନା ଅଞ୍ଚଳର ରାଜା ପାହାନଙ୍କୁ ଗିରଫ କରାଯାଇଛି। ଚଢାଉରେ ଛତ୍ରପୁର ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିଶି, ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନାଧିକାରୀ ତେଜସ୍ୱିନୀ ପ୍ରଧାନଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।



# ଗଜପତି ଜିଲ୍ଲାର ୭ ବ୍ଲକରେ ଜଳସଙ୍କଟ

## ଗ୍ରୀଷ୍ମଋତୁ ଆରମ୍ଭରୁ ଜଳଚିନ୍ତା

ପାରଳାଖେମୁଣ୍ଡି,୧୮।୩(ଗିରିଧାରୀ ପରିଛା)

ଗଜପତି ଜିଲାରେ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ଜିଲାରେ ଜଳ ସଙ୍କଟ ଦେଖିବାକୁ ମିଳିଛି। ବ୍ୟାପକ ଗଛକଟା ହେତୁ ଜଳବାୟୁରେ ପରିବର୍ତ୍ତନ ହୋଇ ବର୍ଷା ଅଭାବ ପରିଲକ୍ଷିତ ହୋଇଛି । ଜିଲାରେ ଗତ ଅଗଷ୍ଟରୁ ବର୍ଷା ଗାଏବ ହୋଇଯାଇଛି। ଗଜପତି ଜିଲ୍ଲାର ଭଳି ପାହାଡିଆ ଅଞ୍ଚଳରେ ପ୍ରାକୃତିକ ଜଳ ଉତ୍ସଗୁଡ଼ିକ ଶୁଖି ହେଉଥିବା ବେଳେ ସମତଳ ଅଞ୍ଚଳରେ ମଧ ନଦୀ ତଥା ଅନ୍ୟ ଜଳାଶୟଗୁଡିକ ଶୁଖି ପଡିଥିବା ଜଣାପଡିଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଏଭଳି ଜଳ ସଂକଟ ଆଗକୁ ଗମ୍ଭୀର ରୂପ ନେବାର ଆଶଙ୍କା ଉପୁଜିଛି। ଜିଲାର ୭ଟି ବ୍ଲକ ମୋହନା, ଆ.ଉଦୟଗିରି, ନୂଆଗଡ, ରାୟଗଡ, ଗୋଷାଣି, ଗୁମ୍ମା ଓ କାଶୀନଗର ବ୍ଲକ ମଧ୍ୟରୁ ଗୋଷାଣି ଓ କାଶୀନଗର ସମତଳିଆ ଅଞ୍ଚଳ ରୂପେ ପରିଚିତ। ଏହି ଦୁଇ ବ୍ଲକରେ ଚିରସ୍ରୋତା ମହେନ୍ଦ୍ରତନୟା ଏବଂ ବଂଶଧାରା ନଦୀ ପ୍ରବାହିତ ହେଉଛି। ଅନ୍ୟ ୫ଟି ବ୍ଲକ ପାହାଡିଆ ତଥା ଜଙ୍ଗଲ ଘେରା ମଧ୍ୟରେ ରହିଛି। ଏହି ୫ ବ୍ଲକରେ ଜଳ ଉତ୍ସ କହିଲେ ସେପରି କୌଣସି ବଡ ଜଳାଶୟ ନାହିଁ । ବର୍ଷା ଅଭାବ ଯୋଗୁ ଦୁଇ ସମତଳ ବ୍ଲକ ଗୋଷାଣି ଓ କାଶୀନଗର ଅଞ୍ଚଳରେ ଜଳ ଉତ୍ସଗୁଡିକ ଶୁଷ୍କ ହୋଇଲାଣି । ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ପାଇଁ ମହେନ୍ଦ୍ରତନୟା ନଦୀ ପାଣି ହିଁ ସହରବାସୀଙ୍କ ଏକମାତ୍ର ଜଳ ଉତ୍ସ ହୋଇଥିବା ବେଳେ ଏବେ ଏହା ଶୁଷ୍କ ହୋଇପଡ଼ିଛି। ଅନ୍ତତଃ ରାୟଗଡ ବ୍ଲକ ଉମ୍ବାପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ରାୟଗଡ ଓ କାଶୀନଗର ବ୍ଲକ ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଇ ନ ଥାନ୍ତା। ଏହି ଜଳସଙ୍କଟ ପନିପରିବା ଓ ରବି ଚାଷକୁ ପ୍ରଭାବିତ କରୁଛି।
ଅନ୍ୟ ପକ୍ଷରେ ମହେନ୍ଦ୍ରତନୟା ନଦୀ ମହେନ୍ଦ୍ରଗିରି ପାର୍ବ୍ୟତ୍ୟରୁ ପ୍ରବାହିତ ହୋଇ ରାୟଗଡ, ଗୋଷାଣି, ଆନ୍ଧ୍ର ପ୍ରଦେଶର ମେଳିଆପୁଟି, ରାତିଶି ଦେଇ ପୁଣି ଓଡିଶାର ଅମରା ଡାଳିମ୍ବପୁର, କେରାଣ୍ଡି, ପାରଳାଖେମୁଣ୍ଡି ସହର ଉପକଣ୍ଠ ଏବଂ ପୁଣି ଆନ୍ଧ୍ର ପ୍ରଦେଶର ପ୍ରବାହିତ ହୋଇ ବଂଶଧାରାରେ ବିଲୟ ହୋଇଛି। ଡାଳିମ୍ବପୁର ପୂର୍ବରୁ ଆନ୍ଧ୍ରର ରାତିଶି ନିକଟରେ ଆନ୍ଧ୍ରର ଚାଷୀ ଓ ଜଳ ସମ୍ପଦ ବିଭାଗ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ଅନିକଟ ନିର୍ମାଣ କରି ନିଜ ନିଜ ଅଞ୍ଚଳ ପାଇଁ ଜଳ ସଂରକ୍ଷିତ କରିଛନ୍ତି। ମାତ୍ର ଓଡିଶା ତଥା ଗଜପତି ଜିଲାରେ ପ୍ରବାହିତ ଏହି ମହେନ୍ଦ୍ର ତନୟାରେ ସେପରି କିଛି ପଦକ୍ଷେପ ନିଆଯାଇନାହିଁ । ଉମ୍ବାପୁର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯାଇଥିଲେ ସୁଦ୍ଧା ଜଳ ସଂରକ୍ଷଣ ବ୍ୟବସ୍ଥା ହୋଇପାରି ନ ଥିବାରୁ ଏହା ଏବେ ଅଧପନ୍ତରିଆ ପଡିରହିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ଓଡିଶା ତଥା ଗଜପତି ଜିଲାର ରାୟଗଡ ବ୍ଲକର କିଛି ଅଞ୍ଚଳ ସମେତ ଗୋଷାଣି ବ୍ଲକର ପ୍ରାୟ ୧୦ରୁ ଉର୍ଦ୍ଧ ପଞ୍ଚାୟତର ଜମିକୁ ଜଳସେଚନ ସହ ପାରଳାଖେମୁଣ୍ଡି ସହରାଞ୍ଚଳକୁ ପାନୀୟ ଜଳ ଅଭାବ ପରିଲକ୍ଷିତ ହୋଇ ନ ଥାନ୍ତା। ମହେନ୍ଦ୍ରତନୟା ଜଳକୁ ସଂରକ୍ଷଣ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ଶୁଖିଲା ପଡିଥିବା ମହେନ୍ଦ୍ରତନୟା ନଦୀ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ, ୫ ଗୁରୁତର

ଖଜୁରୀପଡ଼ା,୧୮।୩( ବିଦ୍ୟୁତ ବେହେରା)

ଖଜୁରୀପଡ଼ା ଥାନା ଅନ୍ତର୍ଗତ ଜାଗାଖେରି ନିକଟସ୍ଥ ବିଲାବାଡ଼ି ବୁଲାଣିରେ ମଙ୍ଗଳବାର ଅପରାହ୍ନରେ ଦୁଇଟି ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ଜଣକର ମୃତ୍ୟୁ ହୋଇଛି। ମୃତକ ହେଲେ ବିନାୟକ ରାଜସ୍ୱଦୀପ। ଏଥିରେ ଅନ୍ୟ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବୁରୁପଦା ଗ୍ରାମର ରଘୁନାଥ କହଁର, ରାକାଡ଼ି ପଦର ଗ୍ରାମର ରାହୁଲ ଗଣ୍ଡା, ସିବାନ୍ତ ଗଣ୍ଡା, ଶଗଡ଼ିଆ ସାହିର ରବି ନାୟକ ଓ ଗୁରୁଦେବ ନାୟକ (୯)। ଦୁର୍ଘଟଣା ଖବର ପାଇ ଘଟଣା ସ୍ଥଳରେ ସମାଜିକ କର୍ମୀ ବିକାଶ ଦିଗାଳଙ୍କ ସହ ଅଗ୍ନିଶମବାହିନୀ କର୍ମଚାରୀ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଫୁଲବାଣୀ ମେଡିକାଲ ନେଇ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡମେଡିକାଲ ପଠାଯାଇଥିଲା। ତେବେ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ନେବା ବେଳେ ଭଞ୍ଜନଗର ନିକଟରେ ବିନାୟକଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ୨୦ରେ ମା' ପାଟ୍ଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟଘାଟ୍

ବାଲିଗୁଡା,୧୮।୩(ସଞ୍ଜୟ କୁମାର ପାଣିଗ୍ରାହୀ):
ବାଲିଗୁଡା ସ୍ଥିତ ମା' ପାଟ୍ଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଆସନ୍ତା ୨୦ ତାରିଖରେ ଆମ ସଂସ୍କୃତି, ପ୍ରଥା ଓ ପରମ୍ପରାର ଯାତ୍ରା ମା' ପାଟ୍ଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟଘାଟ୍– ୨୦୨୫ ଦୁର୍ଗାପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଯାତ୍ରାରେ ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ସମ୍ମାନିତ ଅତିଥି ରୂପେ ବାଲିଗୁଡ଼ା ମୁଠା ମୁଖ୍ୟ ଓ ନୂଆସାହି ମୁଠା ମୁଖ୍ୟ ଯୋଗଦେବେ। ଗୁରୁବାର ଅପରାହ୍ନ ୧ଟାରେ ମା' ପାଟ୍ଟଖଣ୍ଡାଙ୍କ ନିକଟରେ କାନ୍ଦୁଲ ଭଜା ଯାତ୍ରା, ଅପରାହ୍ନ ୨ଟାରେ ଭେଟଘାଟ୍ ଓ ସନ୍ଧ୍ୟା ୬ ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ମାନିତ କରାଯିବ।

### ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ଫୁଲବାଣୀ, ୧୮।୩(ରାକେଶ କୁମାର ରାଉତ)
ଜିଲା ପୋଲିସ ପକ୍ଷରୁ ଫୁଲବାଣୀ ଆଦର୍ଶ ଥାନାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କନ୍ଧମାଳ ଏସ୍‌ପି ହରିଶ ବିସି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍ଘାଟନ କରିଥିଲେ। ଅତିଥି ଭାବେ ଡିଏସ୍‌ପି ମାନସ ରଞ୍ଜନ ବାରିକ, ଏସ୍‌ଡିପିଓ ଶୁଭ୍ରଜିତ୍ ବିଶ୍ୱାଳ, ଅଧ୍ୟାପିକା ଡ. ଅଭିପ୍ସା ବଳ, ଥାନା ଅଧିକାରୀ ସ୍ୱରୂପ କିଶାନ, ରିଜର୍ଭ ଇନ୍ସପେକ୍ଟର ବୀରସିଂ ଶବର ପ୍ରମୁଖ ଯୋଗ ଦେଇଥିଲେ। ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷ ଏବଂ ଫୁଲବାଣୀ ରକ୍ତଦାନ ସମିତି ସହସମ୍ପାଦକ ପ୍ରଶାନ୍ତ ବେହେରା, ଆବାହକ ଭି. ଲୋକନାଥ ରାଜୁ ଉପସ୍ଥିତ ରହି ସହଯୋଗ କରିଥିଲେ। ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତ ଭଣ୍ଡାରର ଦୀନକୃଷ୍ଣ ମହନ୍ତ, ଅର୍ଚ୍ଚନା ପ୍ରଧାନ, ସାକେତରାନି ନାୟକ, ପ୍ରଶାନ୍ତ ରତ୍ନାଲୁ ଏବଂ ବରୁଣ ବେହେରା ସମ୍ପାଦନ କରିଥିଲେ। ଫୁଲବଣୀ ଆଇଟିଆଇ, ପଲିଟେକନିକ କଲେଜ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି, ରେଡକ୍ରସ, ବିଇଡି କଲେଜ, ପୋଲିସ ବାହିନୀ ଏବଂ ହୋମଗାର୍ଡ କର୍ମଚାରୀମାନେ ରକ୍ତଦାନ କରିଥିଲେ। ଶିବିରରୁ ୧୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

# ବ୍ଲକ ଯୋଗାଣ ଅଧିକାରୀ ଲାଞ୍ଚ ନେବା ଭିଡିଓ ଭାଇରାଲ

## ଅଭିଯୋଗକୁ ଖଣ୍ଡନ କଲେ ଯୋଗାଣ ଅଧିକାରୀ

ପାତ୍ରପୁର, ୧୮।୩
(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକରେ କାର୍ଯ୍ୟରତ ଯୋଗାଣ ଅଧିକାରୀ ବଳରାମ ଜେନା ଲାଇସେନ୍ସ ନବୀକରଣ କରିବା ପାଇଁ ଟଙ୍କା ଲାଞ୍ଚ ନେଉଥିବା ସମ୍ପର୍କିତ ଏକ ଭିଡିଓ ଗତ ସୋମବାରଠାରୁ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୀମାନ୍ତ ଗୁଡ଼ିପଡର ପଞ୍ଚାୟତର ବଳରାମପୁର ଗ୍ରାମର ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ସାମଗ୍ରୀ ବଣ୍ଟନ କରୁଥିବା ବେଳେ ତାର ଲାଇସେନ୍ସ ନବୀକରଣ ଲାଗି ଜେନା ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ଭିଡିଓର ଜଣାପଡିଛି। ଦାବି ମୁତାବକ ୫ ଶହ ଟଙ୍କା କମ ରହିଥିବାରୁ ଅନ୍ୟ କର୍ମଚାରୀଙ୍କୁ ୫ ଶହ ଟଙ୍କା ଗ୍ରହଣ କରିବାକୁ ସେ କହିବା ସହ ତାଙ୍କ କାଗଜପତ୍ର ଦେବାଲାଗି କହିଥିବା ଭିଡିଓରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଏନେଇ ଯୋଗାଣ ଅଧିକାରୀ ଜେନା ଏପରି ଭାଇରାଲ ଭିଡିଓକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ବଳରାମପୁର ଗ୍ରାମରେ ରାଶନ ସାମଗ୍ରୀ ବଣ୍ଟନ କରୁଥିବା ପାଣ୍ଡୁରାମ ସ୍ୱୟଂ ସହାୟିକା ଗୋଷ୍ଠୀର ଲାଇସେନ୍ସ ନବୀକରଣ ଲାଗି ୧୫ ଶହ ଟଙ୍କାର ଚାଲାଣ କାଟିବାକୁ ଥିବା ବେଳେ ସେମାନେ ମୋତେ ୧ହଜାର ଟଙ୍କା ଦେଇଥିଲେ। ବଳକା ୫ ଶହ ଟଙ୍କା ପୈଠ କଲେ ଲାଇସେନ୍ସ ନବୀକରଣ ହେବ ବୋଲି ସେ କହିଥିବା ଯୋଗାଣ ଅଧିକାରୀ ଜେନା ସଫେଇ ଦେଇଛନ୍ତି। ତେବେ ଏହି ଭାଇରାଲ ଭିଡିଓକୁ ଭିତ୍ତି କରି ଜିଲା ପ୍ରଶାସନ ଯୋଗାଣ ଅଧିକାରୀଙ୍କୁ ଉପଜିଲାପାଳଙ୍କ ନିକଟରୁ ଡାକରା ଆସିଥିବା ଜଣାପଡିଛି।

# ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ସ୍ମାରକପତ୍ର ପ୍ରଦାନ




ଛତ୍ରପୁରରେ ଆଉଟସୋର୍ସିଂ କର୍ମଚାରୀ ମହାସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

ଛତ୍ରପୁର, ଫୁଲବାଣୀ ୧୮।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/(ରାକେଶ ରାଉତ)
ଓଡିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ୩ ଦଫା ଦାବି ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଓ ବିଭିନ୍ନ ବିଭାଗରୁ ଆଉ କୌଣସି ନିଯୁକ୍ତ ନ କରିବା ଏବଂ ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ଚାକିରି ସୁରକ୍ଷା ପ୍ରଦାନ, ସେମାନଙ୍କୁ ସେମାନଙ୍କ ଅଭିଜ୍ଞତାକୁ ବିଚାର କରି ନିୟମିତ କରିବା ଆଦି ଦାବି ରହିଛି । ଦାବି ପୂରଣ ପାଇଁ ରାଜ୍ୟ ସଂଘ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଯଦି ୧୯ ତାରିଖ ସୁଦ୍ଧା ଦାବିପୂରଣ ନ ହୁଏ ତେବେ ଆସନ୍ତା ୨୪ରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମହାସଂଘ ଜିଲା ସଭାପତି ବିଜୟ ମଲ୍ଲିକ, ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ଉପସ୍ଥିତ ଥିଲେ। ସେହିପରି କନ୍ଧମାଳ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଦୁଇ ଦିନ ହେଲା କଳା ବ୍ୟାଜ ପିନ୍ଧି କାର୍ଯ୍ୟ କରି ସେମାନଙ୍କ ପ୍ରତିବାଦ ଜଣାଇଛନ୍ତି। ଆଗାମୀ ଦିନରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଜିଲା ସଂଘ ସଭାପତି ସରୋଜ ନାୟକ, ସାଧାରଣ ସମ୍ପାଦକ ଜୀମୁତ ବେହେରା କହିଛନ୍ତି।

# ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ବିକ୍ଷୋଭ

ଛତ୍ରପୁର,୧୮।୩
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଗଞ୍ଜାମ ଜିଲା ପକ୍ଷରୁ ୧୦ ଦଫା ଦାବି ନେଇ ଗଞ୍ଜାମ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଏକ ବିଶାଳ ରାଲି ଡିଆରଡିଏ ଛକରୁ ବାହାରି ସହର ପରିକ୍ରମା କରି ଛତ୍ରପୁର ଉପଜିଲାପାଳଙ୍କ ଅଫିସ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବି ଗୁଡିକ ମଧ୍ୟରେ ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା ସହ ପରିତୋଷିକ ପ୍ରଦାନ, ୩ ମାସର ଆଗୁଆ ଟିଏଚଆର, ଏମଏସ ପିୱାଇ ଓ ରୋଷେଇ ପାଇଁ ଖର୍ଚ୍ଚ ଦେବା, ଅଙ୍ଗନୱାଡି କେନ୍ଦ୍ର ଗୃହ ଯୋଗାଇ ଦେବା ଓ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଭଡା ଦେବା, ଅବସର ପରେ ଶିକ୍ଷୟିତ୍ରୀଙ୍କ ଭଳି ଅବସରକାଳୀନ ସୁବିଧା ଦେବା, ମୋବାଇଲ ନ ଦେବା ପର୍ଯ୍ୟନ୍ତ ପୋଷଣ ଟ୍ରାକ କାମରେ କୋହଳ, ସବୁ ଜିଲ୍ଲା ଭଳି ୫ ଦିନ ବଦଳରେ ୩ ଦିନ ଅଣ୍ଡା ଦେବା ଆଦି ରହିଛି । ଆସୋସିଏଶନର ଜିଲ୍ଲା.ସଭାନେତ୍ରୀ ହେମଲତା ମହାନ୍ତି, ସମ୍ପାଦିକା ବାସନ୍ତୀ କୁମାରୀ ପ୍ରଧାନ, ଗଞ୍ଜାମ ଜିଲ୍ଲା ଭାରତୀୟ ମଜଦୂର ସଂଘ ସଭାପତି ଭବାନୀ ଶଙ୍କର ଦାଶ, ଜିଲା ସମ୍ପାଦକ ଉମାଶଙ୍କର ସାହୁ, ସଙ୍ଗଠନ ସମ୍ପାଦକ ଗୋପାଳ କୃଷ୍ଣ ସ୍ୱାଇଁ, ଉପସଭାପତି ଅର୍ଜୁନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ବିଜୟ କୁମାର ପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

ଆସିକା,୧୮।୩(ସୁରେନ୍ଦ୍ରନାଥ ସାହୁ)
ଆସିକା ଅଞ୍ଚଳରେ ବେଆଇନ ଭାବେ ବହୁ ଇଟାଭାଟିରେ ଇଟା ପ୍ରସ୍ତୁତ ହେଉଛି। ମଙ୍ଗଳବାର ତହସିଲ ଅନ୍ତର୍ଗତ ଆଲିପୁର ଗ୍ରାମରେ ୨ଟି ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ବୁଲଡୋଜର ଚଢ଼ାଇ ଭାଙ୍ଗି ଦିଆଯାଇଛି । ମଧ୍ୟାହ୍ନରେ ଆସିକା ପୋଲିସ ଓ ଅଗ୍ନିଶମ ବିଭାଗ ସହ ତହସିଲଦାର ସଙ୍ଗୀତା ସେନଙ୍କ ଉପସ୍ଥିତିରେ ଏହି ଇଟାଭାଟି ଉପରେ ଚଢାଉ ହୋଇଥିଲା। ଆଲିପୁର ଗ୍ରାମରେ ୪ଟି ବେଆଇନ ଇଟାଭାଟି ଉପରେ ଗତବର୍ଷ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ଚାଷ ଜମି ଉପରେ ବେଆଇନ ଭାବେ ଇଟା ପ୍ରସ୍ତୁତ କରୁଥିବା ଓ ପ୍ରଦୂଷଣ ସୃଷ୍ଟି କରୁଥିବା ଅଭିଯୋଗରେ ତହସିଲ ପକ୍ଷରୁ ରୟାଲଟି ଓ ପେନାଲଟି ଧାର୍ଯ୍ୟ କରାଯାଇଥିଲା । ତେବେ ଏହି ଇଟାଭାଟି ମାଲିକ ଅଦ୍ୟାବଧି ଟଙ୍କା ଜମା କରି ନଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିକ୍ଷୋଭ

ପାରଳାଖେମୁଣ୍ଡି,୧୮।୩
(ଗିରିଧାରୀ ପରିଛା)
ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିସ ୱାର୍କର୍ସ ଆସୋସିଏଶନ ଗଜପତି ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରରୁ ଅଙ୍ଗନବାଡି କର୍ମୀ, ସହାୟିକାମାନେ ଏକ ଶୋଭାଯାତ୍ରାରେରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।
ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସେମାନଙ୍କ ୧୦ ଦଫା ଦାବି ମଧ୍ୟରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବା, ଯେପର୍ଯ୍ୟନ୍ତ ସରକାରୀ ଘୋଷଣା ହୋଇନାହିଁ ସେପର୍ଯ୍ୟନ୍ତ ମାସିକ ୧୮ହଜାରେ ଟଙ୍କା ପ୍ରଦାନ କରରିବା, ଅଙ୍ଗନୱାଡି କେନ୍ଦ୍ର ପାଇଁ ଗୃହ ଯୋଗାଇ ଦେବା, ଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ କେନ୍ଦ୍ର ପାଇଁ ଭଡା ଅର୍ଥ ଦେବା, ଅବସର ପରେ ଅବସରକାଳୀନ ପ୍ରାପ୍ୟ ଦେବା, ଗରମ ଖାଦ୍ୟର ମୂଲ୍ୟ ବୃଦ୍ଧି କରିବା, ୫ଜି ମୋବାଇଲ ସହ ନେଟ ପ୍ୟାକ୍ ବାବଦକୁ ବାର୍ଷିକ ୪ହଜାର ଟଙ୍କା ପ୍ରଦାନ କରିବା ସହ ଅନ୍ୟନ୍ୟ ଦାବି ରହିଛି। ଟିବିଏମଏସ ଜିଲା ସଭାପତି ସୁଜିତ୍ ପ୍ରଧାନ, ଜିଲା ସମ୍ପାଦିକା ଅଞ୍ଜଳି ନାୟକ, ଅଙ୍ଗନୱାଡ଼ି ଜିଲା ସଭାନେତ୍ରୀ କୁନି ଜେନା, ସମ୍ପାଦିକା ପୁଷ୍ପାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବ୍ରାହ୍ମଣ ସମାଜ କର୍ମକର୍ତ୍ତା ଚୟନ

ମୋହନା,୧୮।୩(ମନ୍ମଥ ମିଶ୍ର)
ଗଜପତି ଜଲା ମୋହନା ବ୍ରାହ୍ମଣ ସଂଘ ପକ୍ଷରୁ ସ୍ଥାନୀୟ ନୀଳକଣ୍ଠେଶର ଶିବ ମନ୍ଦିର ପରିସରରେ ସଂଘର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେଇ ନୂଆ କର୍ମକର୍ତ୍ତା ଚୟନ କରାଯାଇଛି। ବୈଠକରେ ବ୍ରାହ୍ମଣମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘକୁ ପଞ୍ଜୀକରଣ କରିବା, ସଂଘ କାର୍ଯ୍ୟାଳୟ ପାଇଁ ସ୍ଥାନ ନିରୂପଣ, ବ୍ରତ, ବିବାହ କରିପାରୁ ନ ଥିବା ଗରିବ ବ୍ରାହ୍ମଣ ପରିବାରକୁ ଆର୍ଥିକ ସହାୟତା ଦେବା, ପ୍ରତ୍ୟେକ ମାସର ଶେଷ ରବିବାର ସଂଘର ବୈଠକ କରିବା, ସଂଘର ନୀତି ଓ ଆଦର୍ଶକୁ ମାନି ଚଳିବା, ବ୍ରାହ୍ମଣ ପରମ୍ପରା, ସଂସ୍କୃତିକୁ ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ବରିଷ୍ଠ ଓକିଲ ସନ୍ତୋଷ ପାଢ଼ୀ, ଉପସଭାପତି ଖବରଦାତା ମନ୍ମଥ ମିଶ୍ର, ସମ୍ପାଦକ ଅମିତ ମିଶ୍ର, ଯୁଗ୍ମ ସମ୍ପାଦକ ଆଲୋକ କିଶୋର ନାୟକ, କୋଷାଧକ୍ଷ ସୁଧାଂଶୁ ଶେଖର ପାଣିଗ୍ରାହୀ, ସାଙ୍ଗଠନିକ ସମ୍ପାଦକ ଖବରଦାତା ପଞ୍ଚାନନ ଦାଶ, ଉପଦେଷ୍ଟା ରମେଶ ଚନ୍ଦ୍ର ମହାପାତ୍ର, ଦିବାକର ପାଢ଼ୀ, ପୁରୋହିତ ଶିବଶଙ୍କର ପଣ୍ଡା, ଗୋକୁଳ ଚନ୍ଦ୍ର ରଥ, ରବିନ୍ଦ୍ର ଦାଶ, ଶରତ ଚନ୍ଦ୍ର ସାବତ, ଗଣମାଧ୍ୟମ ସଂଯୋଜକ ଖବରଦାତା ଅଂଶୁମାନ ପଣ୍ଡା ଓ ସଂଘ ସଦସ୍ୟଭାବେ ଚିନ୍ତାମଣି ମିଶ୍ର, ନିଳାଞ୍ଚଳ ସାହୁ, ରବିନ୍ଦ୍ର ନାରାୟଣ ପାଢ଼ୀ, ରଘୁନାଥ ପାଣିଗ୍ରାହୀ,ପ୍ରସନ୍ନ ପଶୁପାଳକ, ଗଗନ ପାଳ, ଜିତେନ୍ଦ୍ର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସାବତ, ସନ୍ତୋଷ ଚନ୍ଦ୍ର ଚୌଧୁରୀଙ୍କୁ ମନୋନୀତ କରାଯାଇଥିଲା। ସ୍ୱତନ୍ତ୍ର ଅତିଥି ରୂପେ ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ।

# ଏନ୍‌ଏସି ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ

ହିଞ୍ଜିଳିକାଟୁ,୧୮ ।୩( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଆମ ଖେଳଣା, ରାମାନୁଜନ ଗଣିତ କ୍ଲବ, ଅବଦୁଲ କାଲାମ ବିଜ୍ଞାନ କ୍ଲବ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସାଧାରଣ ଜ୍ଞାନ ପ୍ରତିଯୋଗିତା, ବିଜ୍ଞାନ ସେମିନାର, ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାସହ ନିପୁଣ ଭାରତ ମେଳା, ଭାରତୀୟ ଭାଷା ଉତ୍ସବ, ଯୁବ ଏବଂ ସବୁଜବାହିନୀ ଦ୍ୱାରା ଏକକ ବ୍ୟବହୃତ ପ୍ଲାଷ୍ଟିକ କୁ ନା, ଆବର୍ଜନା ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମଧ ହୋଇଥିଲା।ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଲିଙ୍ଗରାଜ ସେନାପତି, ବିଦ୍ୟାଳୟ ଆଲୁମିନି କମିଟିର ସଭାପତି ଡିକେ ପଣ୍ଡା, ଉପ ସଭାପତି ପର୍ଶୁରାମ ସାହୁ, ଶିକ୍ଷକ ଅଜୟ କୁମାର ପାଠି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରଜନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

ଟିକାବାଲି, ୧୮।୩
(ଗଗନ ବିହାରୀ ପଟ୍ଟନାୟକ)
ସ୍ଥାନୀୟ ଏଏମସିଏସ୍ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡିଓ ନାରାୟଣ ଦୀକ୍ଷିତ, ମୁଖ୍ୟବକ୍ତା ଚକାପାଦ ବିଡିଓ ହୃଦୟ ରଞ୍ଜନ ସାହୁ, ସମ୍ମାନିତ ଅତିଥି ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ନବନୀତ କୁମାର, ଡ. ନଳିନୀ ପାଣିଗ୍ରାହୀ, ଡ. ମନୋରଞ୍ଜନ ଘଡେଇ ଯୋଗଦେଇ ବିକଶିତ ଭାରତର ସ୍ୱପ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ ଓ ଜ୍ଞାନରଞ୍ଜନ ଭୋଇ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଡ. ମନୋରଞ୍ଜନ ଘଡେଇ, ଡ. ନଳିନୀ ପାଣିଗ୍ରାହୀ, ବନମାଳି ବେହେରା, ନରେନ୍ଦ୍ର ଦିଗାଲ, ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

ଫୁଲବାଣୀ, ୧୮।୩
(ରାକେଶ କୁମାର ରାଉତ)
ଭାରତୀୟ ମଜଦୁର ସଂଘ କନ୍ଧମାଳ ଶାଖା ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ମାଦିକୁଦା ଛକରୁ ଅଙ୍ଗନୱାଡି, ଆଶା କର୍ମୀ, ସହାୟିକାମାନେ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାରତୀୟ ମଜଦୁର ସଂଘ କେନ୍ଦ୍ରୀୟ କମିଟିର ଫେବୃୟାରୀ ୧୨ ତାରିଖ ଗୌହାଟି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁସାରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଆଲୋଚନା ବଜେଟରେ ସ୍ଥାନ ପାଇ ନ ଥିବାରୁ ଏପରି ଆନ୍ଦୋଳନ ଦେଶବ୍ୟାପୀ ଅନୁଷ୍ଠିତ ହୋଇଛି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଅଙ୍ଗନବାଡି, ଆଶାକର୍ମୀ, ସହାୟିକା, କୃଷି ଓ ନିର୍ମାଣ ଶ୍ରମିକ ଓ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦାବିରେ ଏହି ଆନ୍ଦୋଳନ ହୋଇଥିଲା। ବିଏମ ଏସର ଜିଲା ସଭାପତି ଅଶୋକ ପରିଡାଙ୍କ ସହ ଅଙ୍ଗନବାଡି ସଂଘର ସଭାନେତ୍ରୀ ଶର୍ମିଷ୍ଠା ନାୟକ, ସମ୍ପାଦିକା ଶାରଦ ପରିଛା, ଆଶାକର୍ମୀ ଇନ୍ଦିରା ନାୟକ, ଅମ୍ବିକା ବେହେରା ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ଇପିଏଫ ବେତନ ଭୋଗୀଙ୍କ ସିଲିଂ କରାଯାଇଥିବା ବେତନ ୧୫ ହଜାରରୁ ୩୦ହଜାର ଟଙ୍କାକୁ ବୃଦ୍ଧି ଓ ଇଏସ୍ଆଇସି ବେତନ ସୀମା ୨୧ହଜାରରୁ ୪୨ ହଜାରକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ସରକାର ଅନେକ ସରକାରୀ କମ୍ପାନୀ ସମ୍ପତ୍ତି ବିକ୍ରି କରୁଥିବାରୁ ସେଥିରେ ରୋକ ଲଗାଇବା, ବୀମା କ୍ଷେତ୍ରରେ ଶତ ପ୍ରତଶତ ବିଦେଶୀ ପୁଞ୍ଜି ନିବେଶ ବନ୍ଦ କରିବା, ଅସଙ୍ଗଠିତ କ୍ଷେତ୍ରରେ ସାମାଜିକ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ପ୍ରଦତ୍ତ ଦାବିପତ୍ରରେ ଉଲେଖ ରହିଛି। ଜିଲାପାଳଙ୍କ ଅନୁପସ୍ଥିତିରେ ବିଭିନ୍ନ ବ୍ଲକ ପ୍ରତିନିଧିମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



## ବିଦେଶୀ ମଦ ଦୋକାନରୁ ଚୋରି

ଗଞ୍ଜାମ,(ବିଦ୍ୟାଧର ସାହୁ) ଗଞ୍ଜାମ ସହର ଜୟଶ୍ରୀ ଛକ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହଂସରାଜ ବାର ବିଦେଶୀ ମଦ ଦୋକାନରୁ ଟଙ୍କା ଓ ଏକ ହାର୍ଡଡିସ୍କ ଚୋରି ହୋଇଛି। ଖବର ପାଇ ଗଞ୍ଜାମ ଥାନା ପ୍ରୋବେସନାରୀ ଆଇପିଏସ ମନୀଷ ସଗୁନ, ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁପ୍ରଭା ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ତିନିଜଣ ଯୁବକ ଛାତ ଉପରୁ ମଦ ଦୋକାନକୁ ଲୁହା ରଡରେ ଗ୍ରୀଲ ତାଡି ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି।

### ସଂକ୍ଷେପରେ

## ମା' ଖମ୍ବେଶ୍ୱରୀ, ଶ୍ୟାମଳାଇଙ୍କ ଚୈତ୍ର ଯାତ୍ରା



ମା'ଖମ୍ବେଶ୍ୱରୀ

ଆସିକା/ହିଞ୍ଜିଳିକାଟୁ,୧୮।୩ (ସୁରେନ୍ଦ୍ରନାଥ ସାହୁ/ଦ୍ୱିତୀକୃଷ୍ଣ ପଣ୍ଡା)

ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀ ଓ ହିଞ୍ଜିଳିକାଟୁ ବ୍ଲକ ନୂଆ ବୁରୁପଡ଼ା ନିକଟସ୍ଥ ଶକ୍ତିପୀଠ ମା' ଶ୍ୟାମଳାଇଙ୍କ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ପର୍ବ ପାଳିତ ହୋଇଛି। ଉଭୟ ପୀଠରେ ଭୋରରୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ସେମାନଙ୍କ ଶିଶୁଙ୍କ ମୁଣ୍ଡନ କରିଥିଲେ। ଖମ୍ବେଶ୍ୱରୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସୁବିଧାରେ ଦର୍ଶନ ଲାଗି ପୋଲିସ ପକ୍ଷରୁ ମନ୍ଦିର ସଂଯୋଗୀ ରାସ୍ତାଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାରିକେଡ କରାଯାଇ ଶ୍ରଦ୍ଧାଳୁଙ୍କୁ ଧାଡିରେ ଯାଇ ଦର୍ଶନ ବ୍ୟବସ୍ଥା ହୋଇଥିଲା। କମିଟି ସଭାପତି ସତ୍ୟ ନାରାୟଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସବୁ କାର୍ଯ୍ୟ ହୋଇଥିଲା। ସେହିଭଳି କାଳିମୁଖୀଙ୍କ ପୀଠରେ ମଧ ଶିଶୁଙ୍କ ମୁଣ୍ଡନ ହୋଇଥିଲା। ମା' ଶ୍ୟାମଳାଇଙ୍କ ପୀଠରେ ମନ୍ଦିର ପ୍ରଶାସନ ଓ ସ୍ୱେଚ୍ଛାସେବୀ ପାନୀୟ ଜଳ ବଣ୍ଟନ କରିଥିଲେ।

# ପୂର୍ବ ସରକାରଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ କର

ବ୍ରହ୍ମପୁର,୧୮।୩(ସୁବାସ ଚନ୍ଦ୍ର ପାଢ଼ୀ)



ଆଉଟସୋର୍ସିଂ କର୍ମଚାରୀ ମହାସଂଘର ସଦସ୍ୟମାନେ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ରାଜ୍ୟ ତଥା ଜିଲାର ବିଭିନ୍ନ ବିଭାଗରେ ସ୍ୱଳ୍ପ ଦରମାରେ ବହୁ ଆଉଟସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ସେମାନଙ୍କୁ ସ୍ଥାୟୀ କରିବା ପରିବର୍ତ୍ତେ ସର୍ଭିସ ପ୍ରୋଭାଇଡ଼ର ଏଜେନ୍ସି ମାଧ୍ୟମରେ ଲୁଟ କରାଯାଉଛି। । ବିଗତ ଦିନରେ ପୂର୍ବସରକାର ଲାଗୁ କରିଥିବା ସୁବିଧା ସୁଯୋଗ ଲାଗୁ କରିବାରେ ନୂଆ ସରକାର ମନ ଦେଉନି। ବରଂ ଶତାଧିକ କର୍ମଚାରୀଙ୍କୁ ପାଣ୍ଠି ଅଭାବରୁ ଛଟେଇ କରିବାକୁ ମହାସଂଘ ନିନ୍ଦା କରିଛି । ପ୍ରତିବାଦରେ ଜିଲାର ବହୁ ଆଉଟସୋର୍ସିଂ କର୍ମଚାରୀ ମଙ୍ଗଳବାର ସ୍ଥାନୀୟ ହିଲପାଟଣା ସ୍ଥିତ ଗଣେଶ ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସେଠାରେ ଧାରଣା ଦେଇ ପୂର୍ବ ସରକାରଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ଦାବିରେ କର୍ମଚାରୀ ଗତ ୧୭ ତାରିଖରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏଯାଏଁ ଦାବି ପୂରଣ ହୋଇନାହିଁ। ଦାବି ପୂରଣ ନହେଲେ ଆସନ୍ତା ୨୬ରେ ମହାସଂଘ ଭୁବନେଶ୍ୱରରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ମହାସଂଘ ଜିଲା ସଭାପତି ବିଜୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ନୂଆ ସରକାରଙ୍କ ପଦକ୍ଷେପକୁ ନିନ୍ଦା କରାଯାଇଛି । ଶାସନକୁ ଆସିବା ପରେ ଆଉଟସୋର୍ସିଂ କର୍ମଚାରୀଙ୍କ କଥା ଭୁଲି ଯାଇଛନ୍ତି ବୋଲି ସର୍ବଭାରତୀୟ ଶ୍ରମିକ ସଂଘ ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ କହିଥିଲେ । ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ବିନା କାରଣରେ ଛଟେଇ ବନ୍ଦ, ଅଭିଜ୍ଞତା ଭିତ୍ତିରେ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରି ସୁରକ୍ଷା ପ୍ରଦାନ, ପୂର୍ବ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଅଭିଜ୍ଞତା ଭିତ୍ତିକ ଦରମା, ୧୨ଟି ସର୍ବୈତନିକ ଛୁଟି, ମାତୃତ୍ୱ କାଳୀନ ଛୁଟି, ଡେଲି ୱେଜେସ କର୍ମଚାରୀ ସହ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ଏହା ଲାଗୁ କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ୪୧ ଭିନ୍ନଭିନ୍ନ ବିଭାଗ କର୍ମଚାରୀ ସାମିଲ ଥିଲେ। ସଭାପତି ବିଜୟ କୁମାର ମଲ୍ଲିକ, ଉପସଭାପତି ପି. ଜୟରାମ ରାଓ, ସମ୍ପାଦକ ବିନାୟକ ପତି, ଉତ୍ତମ ନାୟକ, ପ୍ରଶାନ୍ତ ପରିଚ୍ଛା, ସୁନୀଲ କୁମାର ଦାସ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

**ଆଉଟସୋର୍ସିଂ କର୍ମଚାରୀ ମହାସଂଘର ରାଲି**
**୨୬ରେ ଆନ୍ଦୋଳନକୁ ଓହ୍ଲାଇବ ମହାସଂଘ**

## ପିପିଙ୍କ ଝିଅ ପାଇଲେ ଓଜେଏସ



ସୁଶ୍ରୀ ଶ୍ରାବଣୀ।

ବ୍ରହ୍ମପୁର,୧୮।୩(ସୁବାସ ଚନ୍ଦ୍ର ପାଢ଼ୀ): ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସୁଶ୍ରୀ ଶ୍ରାବଣୀ ରାଜ୍ୟସ୍ତରରେ ୨୬ତମ ସ୍ଥାନ ପାଇ କୃତୀତ୍ୱ ହାସଲ କରିଛନ୍ତି। ବ୍ରହ୍ମପୁର ଜିଲା ତଥା ଦୌରାଜଜ କୋର୍ଟରେ ଥିବା ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ଓ ପ୍ରୀତିଧାରା ପରିଡାଙ୍କ ସେ ଝିଅ। ତାଙ୍କ ପୈତୃକ ଗ୍ରାମ ନିଶ୍ଚିନ୍ତକୋଇଲିର ବଡକ୍ଷୀର ଅଞ୍ଚଳରେ ହୋଇଥିବାବେଳେ ନ୍ୟାୟିକ ଅଧିକାରୀ ଭାବେ ସଫଳତା ପାଇଥିବାରୁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏ ସଂକ୍ରାନ୍ତରେ ଶ୍ରାବଣୀଙ୍କ କହିବାନୁସାରେ, ଦିନକୁ ୧୨ ଘଣ୍ଟା ପରିଶ୍ରମ ସେ କରୁଥିଲେ। ଭଗବାନଙ୍କ ଆଶୀର୍ବାଦ ଓ ତାଙ୍କ ପିତା,ମାତା ଓ ଜେଜେ ବାପା, ଜେଜେମାଙ୍କୁ ସଫଳତାର ଶ୍ରେୟ ଦେଇଥିବା କହିଥିଲେ। ନ୍ୟାୟିକ ବ୍ୟବସ୍ଥାରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ସେ କହିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ମହିଳା ଦଳର ହରିଆନା ଗସ୍ତ



ହରିଆନା ଗସ୍ତ କରିବାକୁ ଥିବା ହ୍ୟାଣ୍ଡବଲ ମହିଳା ଦଳ।

ବ୍ରହ୍ମପୁର,୧୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ମଙ୍ଗଳବାର ମହିଳା ହ୍ୟାଣ୍ଡବଲ ଦଳ ହରିଆନା ଗସ୍ତ କରିଛନ୍ତି । ହରିଆନା ସ୍ଥିତ ଚୌଧୁରୀ ବଂଶୀଲାଲ ବିଶ୍ୱବିଦ୍ୟାଳୟ ଠାରେ ଆସନ୍ତା ୨୨ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଅଲ ଇଣ୍ଡିଆ ଅନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବେ। ଦଳରେ ବ୍ରହ୍ମପୁର ଗାନ୍ଧୀ ଗ୍ଲୋବାଲ ବିଜିନେସ ଷ୍ଟଡିସର ସାଗତିକା ପାତ୍ର,ବର୍ଷା ସେଠୀ, ଢୁରା ଆର.ଏନ କଲେଜର ବିଜୟିନୀ ମହାପାତ୍ର,ଲିପିକା ଗୌଡ଼,ବ୍ରହ୍ମପୁର ଏସବିଆର ସରକାରୀ ମହିଳା କଲେଜର ବର୍ଷାରାଣୀ ବେହେରା, ଶୁଭଲକ୍ଷ୍ମୀ ବେହେରା, ଅଙ୍କିତା ପଟ୍ଟନାୟକ, ଜି. ଜ୍ୟୋତି ପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ପ୍ରିୟା ସାଲିନି ସୋରେଙ୍ଗ, ଆକାଂକ୍ଷା ବାନଚୋର,ମ୍ୟାନେଜର ଭାବେ ସାରଙ୍ଗଗଡ଼ କନ୍ଧମାଳ ଡିଗ୍ରୀ କଲେଜର ଲୋକନାଥ ପାତ୍ର, କୋଚ ଭାବେ ବ୍ରହ୍ମପୁରର ବିକାଶ ସାମଲ ଦଳରେ ଗସ୍ତ କରିଛନ୍ତି । ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ଡ଼.ସାରଦା ପ୍ରସାଦ ସାହୁ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଭଞ୍ଜନଗରରେ ତାପମାତ୍ରା ବଢୁଛି

## ଉପ ଜିଲାପାଳ, ଅଧକ୍ଷଙ୍କ ଦ୍ୱାରା ଜଳସେବା କେନ୍ଦ୍ର ଉଦ୍‌ଘାଟିତ

ଭଞ୍ଜନଗର,୧୮।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବଢ଼ୁଛି। ଜଙ୍ଗଲ ପୋଡ଼ି ଯୋଗୁଁ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ମଙ୍ଗଳବାର ଭଞ୍ଜନଗର ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଥିଲା। ଅନ୍ୟପଟେ ପାନୀୟ ଜଳ ସମସ୍ୟା ମୁଣ୍ଡ ଚାରିଆଡ଼େ ଦେଖା ଦେଇଛି। ପଥଚାରୀ ମାନେ ପାଣି ଟୋପାଏ ପାଇଁ ହଇରାଣ ହେଉଛନ୍ତି। ଏହିଭଳି ପରିସ୍ଥିତିରେ ମଙ୍ଗଳବାର ଭଞ୍ଜନଗର ଏନ ଏ ସି ପକ୍ଷରୁ ସହର ର ବିଭିନ୍ନ ସ୍ଥାନରେ ଜଳସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ଏନ ଏ ସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର ଅତିଥି ଭାବେ ଯୋଗଦେଇ ଜଳ ସେବା କେନ୍ଦ୍ର ଗୁଡିକୁ ଉଦଘାଟନ କରିଥିଲେ। ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ଗୁଡ଼ିକୁ ସଂଯୋଜନା କରିଥିଲେ। ଏହି ଅବସରରେ କାଉନସିଲର ମାନେ ଉପସ୍ଥିତ ଥିଲେ। ଉପ ଜିଲ୍ଲାପାଳ ବେହେରା କହିଥିଲେ ଗ୍ରୀଷ୍ମ ଋତୁରେ ଯେଭଳି କୌଣସି ଲୋକେ ପିଇବା ପାଣି ସମସ୍ୟା ନ ଭୋଗିବା ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ଉପ ଜିଲ୍ଲାପାଳ କହିଥିଲେ।

## ବୈଦ୍ୟୁତିକ ବିଜ୍ଞାନ ବିଭାଗର ଜାତୀୟ ପାଠଚକ୍ର ସରିଲା

ବ୍ରହ୍ମପୁର,୧୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଲୋକ୍ଟ୍ରୋନିକ ସାଇନ୍ସ ବିଭାଗ ପକ୍ଷରୁ ୨ ଦିନିଆ ଜାତୀୟ ପାଠଚକ୍ର ମଙ୍ଗଳବାର ସରିଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଇଲୋକ୍ଟ୍ରୋନିକ ଡ଼ିଭାଇଜ ସର୍କିଟ ଓ ସିଷ୍ଟମ ଶୀର୍ଷକ ପାଠଚକ୍ରରେ ସଭାପତିତ୍ୱ କରିଥିଲେ। ଉଦଘାଟନୀରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରିୟଦର୍ଶନ ପାତ୍ର ଯୋଗ ଦେଇ ଶୀର୍ଷକ ଉପରେ ଆଲୋକପାତ କରି ଏହା ଦ୍ୱାରା ଗବେଷଣା କରିବା ସହଜ ହେବ ବୋଲି କହିଥିଲେ। ବିଭାଗର ଡ଼. ରଶ୍ମିତା ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ଡ଼. ଦୀପକ ନାୟକ ଧନ୍ୟବାଦ ଦେଇଥିଲେ। ଉଦଯାପନୀ ଉତ୍ସବରେ ଏନଆଇଟି ରାଉରକେଲାର ପୂର୍ବତନ ପ୍ରଫେସର ସୀମାଞ୍ଚଳ ପାଣିଗ୍ରାହୀ, ଆନ୍ଧ୍ର କେ.ଏଲ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ କୁମାର, ହାଇଦ୍ରାବାଦର ବିଟସ ପ୍ରଫେସର ଅମିତ କୁମାର ପଣ୍ଡା, ବ୍ରହ୍ମପୁର ପାରଳା ମହାରାଜ ଯାନ୍ତ୍ରିକ ମହାବିଦ୍ୟାଳୟର ଇଟିସି ବିଭାଗର ପ୍ରଫେସର ରଘୁ ନନ୍ଦନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ମା' ତାରାତାରିଣୀ ସାହିତ୍ୟ ସଂସଦ ଓ କବି ନଟବର ସିଂହ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ରାଜ୍ୟସ୍ତରୀୟ ସାହିତ୍ୟ ଆଲୋଚନା ଚକ୍ର ହୋଇଥିଲା। ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭଗବାନ ସାହୁ କାର୍ଯକ୍ରମ ଉଦ୍‌ଘାଟନ କରିଥିଲେ। ଡ. କାହ୍ନୁଚରଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସଙ୍ଗଠନର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଅନ୍ୟତମ ଅତିଥି ବଙ୍ଗାଳି ନନ୍ଦ, ସୂଚନା ପାଢ଼ୀ, ଅଶୋକ ତ୍ରିପାଠୀ, କବି ଲୋପା ସାମଲ, ପ୍ରଦୀପ ପଟ୍ଟନାୟକ ନିଜ ମତ ରଖିଥିଲେ। ମେଜର ରମାରମଣ ପାଢ଼ୀ, ଡ. ହରିକୃଷ୍ଣ ନାୟକ, ଆଇଆଇଟି ଉପାଧ୍ୟକ୍ଷ ଇଂ. ମନୋଜ ଦାସ, ଇଂ. ନୃସିଂହାନନ୍ଦ ମହାପାତ୍ର ଉପସ୍ଥିତ ଥିଲେ। ପଦ୍ମିନୀ ମିଶ୍ର ସଂଯୋଜନା କରିଥିଲେ। କବିତା ପାଠୋତ୍ସବ ହୋଇଥିଲା। ସଭାପତି ଡ. ପ୍ରଦୀପ୍ତ ଚନ୍ଦ୍ର ସିଂହଙ୍କ ଅଧକ୍ଷତା କରିଥିଲେ। ଡ.କାହ୍ନୁ ଚରଣ ପାଣିଙ୍କୁ ଡାଇମଣ୍ଡ ଅଫ ଲିଟ୍ରେଚର ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଭିଡିଓ ରେକର୍ଡିଂ: ଯାଞ୍ଚ ପାଇଁ ସ୍ୱତନ୍ତ୍ର କମିଟି ଗଠିତ

ବ୍ରହ୍ମପୁର,୧୮।୩(ସ୍ମୃତି ରଞ୍ଜନ ମହାଲିକ) ପାତ୍ରପୁର ବ୍ଲକ ଯୋଗାଣ ନିରୀକ୍ଷକଙ୍କ ସଂପର୍କରେ ଏକ ଭିଡିଓ ରେକର୍ଡିଂ ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ପରେ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତାଗୀର ଘଟଣାର ସତ୍ୟତା ଯାଂଚ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି। ଏହି କମିଟି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଯାଞ୍ଚ ରିପୋର୍ଟ ଦେବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟର ସତ୍ୟତା ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ବିଜେଡିର କର୍ମୀ ସମ୍ମିଳନୀ, ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ

ଜି.ଉଦୟଗିରି,୧୮।୩ (ଚିନ୍ମୟ କୁମାର ସେଠୀ)

୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସରକାର ଗଠନ କରି ପାରିନଥିଲେ ମଧ ଆଜି ବି ଓଡ଼ିଶାର ଜନସାଧାରଣଙ୍କ ପ୍ରିୟ ହୋଇ ରହିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓଡିଶାବାସୀଙ୍କ ହୃଦୟରେ ରହିଥିବା ବେଳେ ଦଳ ପାଇଁ ନିସ୍ୱାର୍ଥପର ଭାବେ କାମ କରିବାକୁ ଅଛନ୍ତି ଏକାଧିକ ନେତୃବୃନ୍ଦ। ଭାଜପା ସରକାରଙ୍କ ପାରିବାପଣିଆକୁ ଲୋକେ ଜାଣ ସାରିଲେଣି ବୋଲି ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି। ଆଗକୁ ତୃଣମୂଳସ୍ତରରୁ ବିଜେଡିକୁ ପୁନଃ ସଂଗଠିତ କରିବା ପାଇଁ ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ଼ ଗ୍ରାମ ପଞ୍ଚାୟତର ନୂତନ ହାଟପଦା ଠାରେ ସ୍ଥାନୀୟ ବ୍ଲକ ଓ ଏନଏସିର ମିଳିତ କର୍ମୀ ସମ୍ମିଳନୀ, ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଧାନ ଯୋଗ ଦେଇ ଉପସ୍ଥିତ ସକ୍ରିୟ କର୍ମୀଙ୍କୁ ଆଗାମୀ ଦିନରେ ଦଳ ପାଇଁ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମିଳନୀକୁ ପୂର୍ବତନ ବ୍ଲକ ସଭାପତି ଲିଙ୍ଗରାଜ କହଁର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଲିଲିମା ପ୍ରଧାନ, ଏନଏସି ଉପାଧକ୍ଷ ସନ୍ତୋଷ କୁମାର ବାଘ, ସମିତି ସଭ୍ଯ ମାଲ୍ଲବନ୍ତ କହଁର, ଏନଏସି ପୂର୍ବତନ କାର୍ଯ୍ୟକାରି ସଭାପତି ଅନିଲ କୁମାର ଦଳବେହେରା, ହୃଦାନନ୍ଦ କହଁର, ମହିଳା ସଭାନେତ୍ରୀ କୃତାଞ୍ଜଳି ନାୟକ,ଏନଏସି ଉପାଧକ୍ଷ ସନ୍ତୋଷ କୁମାର ବାଘଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସୁବ୍ରତ ଆଚାର୍ଯ୍ୟ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

## ଝୁଣ୍ଟିପଡି ଜଣେ ମୃତ

ଭଞ୍ଜନଗର,୧୮।୩)ବାବୁଲା ପ୍ରଧାନ)

କୌଣସି କାର୍ଯ୍ୟରେ ବାହାରକୁ ଯାଇ ଅପରାହ୍ନରେ ଘରକୁ ଫେରି ଘର ସମ୍ମୁଖରେ ଜଣେ ବ୍ୟକ୍ତି ଝୁଣ୍ଟି ପଡି ଗୁରୁତର ହୋଇଥିଲେ। ତାଙ୍କୁ ଭଞ୍ଜନଗର ହସ୍ପିଟାଲ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଲେ ବାଳକୃଷ୍ଣ ପାତ୍ର। ଭଞ୍ଜନଗର ପୋଲିସ ମୃତଦେହ ଜବତ କରିଛି। ଏନେଇ ଥାନାରେ ୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି ।

# କନ୍ଧମାଳ ମହୋତ୍ସବ ପାଇଁ କ୍ରୀଡା ପ୍ରତିଯୋଗିତା

ରାଇକିଆ,୧୮।୩(ପ୍ରଦୀପ ବେହେରା)

ଆସନ୍ତା ୨୧ରୁ ଆରମ୍ଭ ହେବ କନ୍ଧମାଳ ମହୋତ୍ସବ। ଏହି ଅବସରରେ ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଖେଳ ପଡିଆରେ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କବାଡି, ଖୋଖୋ, ଭଲିବଲ, ଫୁଟବଲ ଆଦି କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଇକିଆ ବିଡ଼ିଓ ସବ୍ୟସାଚୀ ସାହୁ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା, ବିଧାୟକ ପ୍ରତିନିଧି ତାରିଣୀ ପରିଛା, ଏବିଡିଓ ଦିବ୍ୟସିଂହ କହଁର, ରାଇକିଆ ସରପଞ୍ଚ ଗିତାଞ୍ଜଳୀ ନାୟକ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ଦଡିଙ୍ଗିଆ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାଶଙ୍କର ସାମନ୍ତରାୟ, ଭାଜପା ମଣ୍ଡଳ ସଭାପତି ସନ୍ତୋଷ ପାତ୍ର ଯୋଗ ଦେଇଥିଲେ। ଡବ୍ଲ୍ୟୁଇଓ ଉର୍ମିଳା ପ୍ରଧାନ, ଯୋଗାଣ ନିରୀକ୍ଷକ କିରଣ ବେହେରା, ବିପିଏମ କମଲ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ କାର୍ତ୍ତିକ ନାୟକ ସଂଯୋଜନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକମାନେ କ୍ରୀଡା ପରିଚାଳନା କରିଥିଲେ।

# ୮ ଜଣଙ୍କୁ ଗିରଫ ପ୍ରତିବାଦରେ ଥାନା ଘେରିଲେ ଗ୍ରାମବାସୀ

## ଗିରଫ ବ୍ୟକ୍ତିଙ୍କ ଘରୁ ଜବତ ହୋଇଥିଲା ଗଞ୍ଜେଇ

ମୋହନା,୧୮।୩(ମନ୍ମଥ ମିଶ୍ର)



ଥାନା ଘେରାଉ କରିଥିବା ଗ୍ରାମବାସୀ।

ଗଜପତି ଜିଲା ମୋହନା ବ୍ଲକ ଅଡବା ଥାନା ଅନ୍ତର୍ଗତ ହାଡୁ ପଦର ଗ୍ରାମର କେତେ ଜଣଙ୍କ ଘରେ ସୋମବାର ରାତିରେ ପୋଲିସ ଚଢାଉ କରି ୧୫ କୁଇଣ୍ଟାଲ ଗଞ୍ଜେଇ ଜବତ କରି ୮ ଜଣଙ୍କୁ ଗିରଫ କରିଥିଲା। ଏନେଇ ନଂ. ୩୨/୨୫ ରେ ଏକ ମାମଲା ରୁଜୁ ହୋଇଛି। ତେବେ ହାଡୁପଦର ଗ୍ରାମର ଗିରଫ ବ୍ୟକ୍ତିଙ୍କ ପରିବାର ଏବଂ ଗ୍ରାମର ଅନ୍ୟ କେତେଜଣ ବ୍ୟକ୍ତି ପୋଲିସ ଗିରଫର ପ୍ରତିବାଦ କରି ମଙ୍ଗଳବାର ଅଡ଼ବା ଥାନା ଘେରାଉ କରି ବ୍ରହ୍ମପୁର ରାୟଗଡ଼ା ୩୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଗିରଫ ବ୍ୟକ୍ତିମାନେ ଦୋଷୀ ନୁହନ୍ତି, ସେମାନଙ୍କୁ ପୋଲିସ ତୁରନ୍ତ ଛାଡୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏହା ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ୩ ଘଣ୍ଟା ପରେ ଆର. ଉଦୟଗିରି ଏସ୍‌ଡିପିଓ ଅମିତାଭ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ରାସ୍ତାରୋକୋ ହଟିଥିଲା। ଏହି ରାସ୍ତାରୋକୋ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଅଡବା, ମୋହନା, ଆର. ଉଦୟଗିରି ଥାନା ଅଧିକାରୀ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

(1) ବିଜ୍ଞପ୍ତି ସଂ.: e-Tender-Elect-G-62-24
**କାର୍ଯ୍ୟର ବିବରଣୀ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 33 ସଂଖ୍ୟକ F ଶ୍ରେଣୀର ଷ୍ଟେସନରେ ପ୍ଲାଟଫର୍ମ ଏବଂ ପରିଚଳନ କ୍ଷେତ୍ରରେ ନବୀକରଣଯୋଗ୍ୟ ସୋଲାର୍ ଲାଇଟିଙ୍ଗ ସୁବିଧାଗୁଡ଼ିକର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,57,54,160.00, EMD : ₹ 4,28,800/-

(2) ବିଜ୍ଞପ୍ତି ସଂ.: e-Tender-Elect-G-63-24
**କାର୍ଯ୍ୟର ବିବରଣୀ :** ଅମୃତ ଭାରତ ଯୋଜନା ଅଧିନରେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 14 ଷ୍ଟେସନରେ 41 ସଂଖ୍ୟକ 20 ଯାତ୍ରୀ ବିଶିଷ୍ଟ ଲିଫ୍ଟ ସହିତ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ପ୍ରାବଧାନ ସମ୍ବନ୍ଧୀୟ ବଳକା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3,60,80,274.95, EMD : ₹ 3,30,400/-

(3) ବିଜ୍ଞପ୍ତି ସଂ.: e-Tender-Elect-G-64-24
**କାର୍ଯ୍ୟର ବିବରଣୀ :** ଏକ ମାସ ପାଇଁ ପୁରୀରେ ରଥଯାତ୍ରା-2025 ସମୟରେ ପ୍ରଧାନ ସେବା ଭବନ ଏବଂ ଷ୍ଟେସନଗୁଡ଼ିକରେ ଅସ୍ଥାୟୀ ଲାଇଟ୍ ବ୍ୟବସ୍ଥା, ପଙ୍ଖା, ମୋବାଇଲ ଚାର୍ଜିଂ ପଏଣ୍ଟ, ଏୟାର କଣ୍ଡିସନର, ପମ୍ପିଙ୍ଗ, ବିକଳ୍ପ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସଜାଇବା କାର୍ଯ୍ୟର ବନ୍ଦୋବସ୍ତ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 81,05,276.20, EMD : ₹ 1,62,100/-

ଶେଷ ହେବା ଅବଧି : 06 ମାସ (କ୍ରମ ସଂ. 1 ପାଇଁ), 10 ମାସ (କ୍ରମ ସଂ. 2 ପାଇଁ) ଏବଂ 01 ମାସ (କ୍ରମ ସଂ. 3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.04.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼
PR-1098/P/24-25

OFFICE OF THE
**PRINCIPAL CHIEF CONSERVATOR OF FORESTS KENDU LEAVES, ODISHA, BHUBANESWAR**
Plot No. GD 2/12, 5th Floor, Aranya Bhawan, Chandrasekharpur, Bhubaneswar, Odisha, PIN - 751023
Phone No.: 0674-2300915/2300916, E-mail ID: pccfkldak@gmail.com

**ABRIDGED TENDER CALL NOTICE**
No. 1000 File No. 3KL (WFA) 01/2025 Dated: 18th March, 2025

**PROCUREMENT OF HESSIAN CLOTH (SUPERIOR/INFERIOR) AND HESSIAN TWINE**

Sealed tenders in prescribed format are invited from Companies/Firms/ Manufacturers/Traders of Hessian material for supply about **392 Bales of Hessian Cloth (Superior), 10 Bales of Hessian Cloth (Inferior) and 11.00 MT of Hessian Twine** for 2025 KL Crop year. The tender document along with terms & conditions can be obtained from the O/o. the PCCF (KL), Odisha on submitting the proof of payment of Rs.10,000/- (Rupees Ten thousand) only towards cost of tender paper (Non-refundable) in the **(Account No. 32269698772 (State Bank of India, Fortune Towers Branch, IFSC Code: SBIN0004414)).** The tender document can also be downloaded from Kendu Leaf Organization Web Portal: **https://kenduleaves.odisha.gov.in**.

**SCHEDULE OF TENDER**

| | |
|---|---|
| Sale of Tender Documents | On all working days from 17.03.2025 to 02.04.2025 |
| Cost of Tender Documents (Non-refundable) | Rs.10,000/- |
| Last date of submission of tender | 02.04.2025 (5.00 P.M.) |
| Opening of Technical Bid and Evaluation | 09.04.2025 (11.00 A.M.) |
| Opening of Financial Bid | 09.04.2025 (4.00 P.M.) |

Sd./- Assistant Chief Conservator of Forests
Kendu Leaves, Odisha

GOVT. OF ODISHA No. A-1203
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER, DRAINAGE**
CUTTACK, GANDARPUR - 753003
**E-PROCUREMENT NOTICE No. CE-DR-CTC-02/2024-25**
email Id: cedrainage@gmail.com

| | | | |
|---|---|---|---|
| 1 | Name of Works | : | Clearing of Water way and Construction of river training wall with associated structure in Bahana nalla near Markandi |
| 2 | Total number of Packages | : | 1 No. individual package |
| 3 | Estimated Cost | : | Rs.6182.44 Lakh |
| 4 | Bid Identification No. | : | CE-DR-CTC/DD-BAM-02/2024-25 |
| 5 | Period of Completion | : | 30 (Thirty) Calendar Months |
| 6 | Availability of Tender Online | : | 21.03.2025, 16.30 hours to 16.04.2025, 17.00 hours |
| 7 | Date of Opening of Technical Bid | : | 17.04.2025 at 11.30 hours in the O/o. the Chief Engineer, Drainage, Cuttack |
| 8 | Class of Contractor | : | Super Class |
| 9 | Bid Security/EMD | : | Rs.61,83,000/- (To be remitted online) |
| 10 | Cost of Tender Paper | : | Rs.10,000/- |
| 11 | Procurement Offcer | : | Chief Engineer, Drainage, Cuttack, Gandarpur - 753003 |

Further details can be seen from the Govt. website: **www.tendersorissa.gov.in.** Addendum/Corrigendum/Cancellation if any required will be published only in Govt. website **www.tendersorissa.gov.in**.

Sd./- Chief Engineer
Drainage Cuttack
OIPR-32076/11/0001/2425

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**
**Very Short Term e-Procurement Notice**
**Tender Reference No.59/2024-25**

| SI. No | Name of Scheme | Estimated Amount (Rs) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | राँची जिलान्तर्गत हुण्डरू जलप्रपात क्षेत्र का सौन्दर्यीकरण कार्य | 33337704.00 | 6.67 | 10000.00 | 12 Month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 20.03.2025 at 9:00 AM |
| 4 | Start Date of Submission of Bids | 20.03.2025 at 10:00 AM |
| 5 | Last Date/Time of Submission of Bids | 25.03.2025 at 11:00 AM |
| 6 | Date/Time of opening of Bid | 27.03.2025 at 3:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

**Any change can be seen on Website** ***http:// Jharkhandtenders.gov.in.***
***Any other information can be seen on http:// Jharkhandtenders.gov.in.***

Nodal Officer
e-Procurement Cell
Executive Engineer, National Rural Employment Program me, Ranchi

PR 348651 NREP(24-25)D

# ବୈଷ୍ଣୋଦେବୀ ମନ୍ଦିରକୁ ବନ୍ଧୁକ ନେଇ ମହିଳା ଅଟକ

କଟରା(ଜମ୍ମୁ),୧୮।୩

ଜମ୍ମୁ-କଶ୍ମୀର ରିଆସି ଜିଲା ତ୍ରିକୁଟ ପର୍ବତସ୍ଥିତ ମାତା ବୈଷ୍ଣୋଦେବୀ ମନ୍ଦିରକୁ ବନ୍ଧୁକ ଏବଂ ଗୁଳିଗୋଳା ନିଆଯାଉଛି। ସୁରକ୍ଷା ଯାଞ୍ଚ ସମୟରେ ୨ଦିନରେ ୨ଜଣଙ୍କଠାରୁ ବନ୍ଧୁକ ଏବଂ ଗୁଳି ଜବତ ହେବାପରେ ଏବେ ବୈଷ୍ଣୋଦେବୀ ପୀଠରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ବନ୍ଧୁକ ନେଇ ମନ୍ଦିର ଉପରକୁ ଯିବା ସମୟରେ ପୋଲିସ ଜଣେ ମହିଳାଙ୍କୁ ଅଟକ ରଖିଛି। ମହିଳା ଜଣକ ହେଉଛନ୍ତି ଦିଲ୍ଲୀର ଜ୍ୟୋତି ଗୁପ୍ତା। ସେ ନିଜକୁ ଜଣେ ଅବସରପ୍ରାପ୍ତ ପୋଲିସ କନ୍‌ଷ୍ଟେବଲ୍ ଭାବେ ପରିଚୟ ଦେଇଛନ୍ତି। ଗତ ୧୪-୧୫ତାରିଖ ରାତିରେ ଜ୍ୟୋତି ପାହାଡ଼ ଉପରେ ଥିବା ଭବନ(ଯେଉଁଠାରେ ମାତା ବୈଷ୍ଣୋଦେବୀଙ୍କ ମନ୍ଦିର ରହିଛି) ଅଭିମୁଖେ ଯାଉଥିବାବେଳେ ଚେକ୍ ପଏଣ୍ଟଠାରେ ସୁରକ୍ଷା କର୍ମୀମାନେ ତାଙ୍କୁ ଯାଞ୍ଚ କରିଥିଲେ। ଏହି ସମୟରେ ତାଙ୍କଠାରୁ ଏକ ପିସ୍ତଲ ଏବଂ ୬ରାଉଣ୍ଡ ଗୁଳି ଜବତ ହୋଇଥିଲା। ତଦନ୍ତରୁ ଜଣାପଡ଼ିଛି, ଜ୍ୟୋତିଙ୍କ ନାମରେ ଏକ ବନ୍ଧୁକ ଲାଇସେନ୍ସ ଥିଲା। ହେଲେ କିଛି ବର୍ଷ ପୂର୍ବରୁ ଉକ୍ତ ଲାଇସେନ୍ସ ରଦ୍ଦ ହୋଇଯାଇଛି। ତେଣୁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୈଷ୍ଣୋଦେବୀ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବାବେଳେ ମହିଳା ଜଣକ କେଉଁ ଉଦ୍ଦେଶ୍ୟରେ ବନ୍ଧୁକ ନେଇ ସେଠାକୁ ଯାଉଥିଲେ, ସେନେଇ ଅଧିକ ଛାନ୍‌ଭିନ୍ ଚାଲିଛି।

ଏହି ଘଟଣାର ଦିନକ ପୂର୍ବରୁ ବୈଷ୍ଣୋଦେବୀ ମନ୍ଦିର ପୀଠରୁ ବେଆଇନ ଗୁଳିଗୋଳା ମଧ୍ୟ ଜବତ ହୋଇଥିଲା। ସୁରକ୍ଷା କର୍ମୀମାନେ ନିୟମିତ ଯାଞ୍ଚ କରୁଥିବା ସମୟରେ ଉତ୍ତରପ୍ରଦେଶର ସଞ୍ଜୟ ସିଂ ନାମକ ଜଣେ ଭକ୍ତଙ୍କ ବ୍ୟାଗରୁ ୨ଟି କ୍ୟାଟ୍ରିଜ୍ ଜବତ କରିଥିଲେ। ୨ଦିନରେ ଏଭଳି ୨ଟି ଘଟଣା ଘଟିବା ପରଠାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି ବୈଷ୍ଣୋଦେବୀ ପୀଠକୁ ବେଆଇନ ଅସ୍ତ୍ର ଏବଂ ବନ୍ଧୁକ ନେବାକୁ ବନ୍ଦ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ସାନି ନିର୍ଦ୍ଦେଶନାମା ଜାରି କରାଯାଇଛି। ଯେଉଁମାନେ ନିୟମ ଉଲ୍ଲଂଘନ କରି ପୀଠର ଶାନ୍ତି ଭଙ୍ଗ ପାଇଁ ଉଦ୍ୟମ କରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରିଆସି ଏସ୍ଏସ୍‌ପି ସୂଚନା ଦେଇଛନ୍ତି।


ବୈଷ୍ଣୋଦେବୀ ମନ୍ଦିର ଆଗରେ ସୁରକ୍ଷାକର୍ମୀଙ୍କ ପହରା।

## ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୧୮।୩ (ମାନସ ବିଶ୍ୱାଳ)

୨୦୧୯ ମସିହାରେ ଅନୁଗୋଳ ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଏବଂ ସେସନ୍ସ ଜଜ୍ ବିରଞ୍ଚିନାରାୟଣ ମିଶ୍ର ମଙ୍ଗଳବାର ଅଭିଯୁକ୍ତ ଉଦୟନାଥ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୧୯ ମେ ୨୭ରେ ଅନୁଗୋଳ ଥାନା ଅଞ୍ଚଳର ଜନୈକା ନାବାଳିକା ପରିବାର ସଦସ୍ୟଙ୍କ ସହ ଘରେ ଶୋଇଥିଲେ। ରାତି ପ୍ରାୟ ୩ଟାରେ ନାବାଳିକା ଘରେ ନ ଥିବା ଜାଣି ମା' ଖୋଜାଖୋଜି କରିଥିଲେ। ପରେ ଉକ୍ତ ଗ୍ରାମର ଉଦୟନାଥ ନାବାଳିକାଙ୍କୁ ଅପହରଣ କରିନେଇଥିବା ଜାଣି ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୧ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରାକ୍ତନ ଆସିଷ୍ଟାଣ୍ଟ ଟ୍ୟାକ୍ସ କଲେକ୍ଟରଙ୍କୁ ୨ ବର୍ଷ କାରାଦଣ୍ଡ

### ପୌର ପରିଷଦ ଅର୍ଥ ଆତ୍ମସାତ୍ ମାମଲା

ସୋନପୁର,୧୮।୩ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ପୌର ପରିଷଦ ଟିକସ ଅର୍ଥ ଆତ୍ମସାତ୍ ମାମଲାର ବିଚାରକରି ବଲାଙ୍ଗୀର ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍ ମଳୟ ରଞ୍ଜନ ଦାଶ ପ୍ରାକ୍ତନ ଆସିଷ୍ଟାଣ୍ଟ ଟ୍ୟାକ୍ସ କଲେକ୍ଟର(ସହକାରୀ ଟିକସ ଅସୁଲକାରୀ) ଶିବରାମ ସାହୁଙ୍କୁ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ସାହୁଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଶିବରାମ ସୁବର୍ଣ୍ଣପୁର ପୌର ପରିଷଦରେ ସହକାରୀ ଟିକସ ଅସୁଲକାରୀ ଦାୟିତ୍ୱରେ ଥିଲେ। ୨୦୦୮-୦୯ ମସିହାରେ ସେ ପୌରାଞ୍ଚଳର ବିଭିନ୍ନ କରଦାତାଙ୍କଠାରୁ ଜଳ ଯୋଗାଣ ସଂଯୋଗ, କ୍ୟାବିନ୍ ଲାଇସେନ୍ସ, ସାପ୍ତାହିକ ମାର୍କେଟ୍ ଓ ପାର୍କିଂ ବାବଦରେ ଟିକସ ଅସୁଲ କରିଥିଲେ। ଶିବରାମ କରଦାତାଙ୍କୁ ଟଙ୍କାର ରସିଦ୍ ପ୍ରଦାନ କରିଥିବା ବେଳେ ଓଡ଼ିଶା ମ୍ୟୁନିସିପାଲିଟି ନିୟମ-୧୯୫୩ ଅନୁଯାୟୀ ପୌର ପରିଷଦର ଦୈନିକ ସଂଗ୍ରହ ଖାତାରେ ତାହା ଉଲ୍ଲେଖ କରି ନ ଥିଲେ। ଲୋକାଲ ଫଣ୍ଡ ଅଡିଟ୍‌ରୁ ଏହି ଦୁର୍ନୀତି ଜଣାପଡ଼ିଥିଲା। ୨୦୧୧ ମସିହାରେ ସମ୍ବଲପୁର ଭିଜିଲାନ୍ସରେ ଏ ନେଇ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ରାୟ ପ୍ରକାଶ ପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସାହୁଙ୍କ ପେନ୍‌ସନ ବନ୍ଦ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି। ସାହୁ କିଛିବର୍ଷ ପୂର୍ବରୁ ଚାକିରିରୁ ଅବସର ଗ୍ରହଣ କରିବା ସହ ନିକଟରେ ଏକ ଜାତୀୟ ଦଳରେ ଯୋଗଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜୟକୃଷ୍ଣ ସାହୁ ଏହି ମାମଲା ପରିଚାଳନା କରୁଥିଲେ।


ଶିବରାମ ସାହୁ।

# ଡାକ୍ତରଙ୍କ ନାମରେ ମାମଲା ରୁଜୁ

### ଭୁଲ୍ ଇଞ୍ଜେକ୍ସନରୁ ଶିଶୁକନ୍ୟାର ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୧୮।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର କଦଳୀଗୋଦାମ ନିକଟରେ ଥିବା ଏସ୍.ଏନ୍. ମହାନ୍ତି କ୍ଲିନିକରେ ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ୍‌ରୁ ଜଣେ ୬ମାସର ଶିଶୁକନ୍ୟାର ମୃତ୍ୟୁ ଅଭିଯୋଗ ଘଟଣାକୁ ନେଇ ଚର୍ଚ୍ଚା ଲାଗିରହିଛି। ଏହି ଘଟଣାରେ ମୃତ ଶିଶୁର ବାପା ରିତେଶ କୁମାର ଶାହଙ୍କ ଏତଲା ଆଧାରରେ ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଦଫା ୧୦୬ (ଅବହେଳା ଯୋଗୁ ମୃତ୍ୟୁ ଘଟାଇବା)ରେ ଅଭିଯୁକ୍ତ ଡାକ୍ତର ଏସ୍.ଏନ୍. ମହାନ୍ତି ଏବଂ କମ୍ପାଉଣ୍ଡରଙ୍କ ସମେତ ବାପୁ ମେଡିସିନ୍ ଷ୍ଟୋର ନାମରେ ଏକ ମାମଲା (ନଂ.୧୦୦/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅପରପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ଶିଶୁକନ୍ୟାର ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ପଛର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତେବେ ସୋମବାର ରାତିରେ ଥାନାରେ ଅଟକ ଥିବା ଅଭିଯୁକ୍ତ ଡାକ୍ତରଙ୍କୁ ପୋଲିସ ମଙ୍ଗଳବାର ଛାଡ଼ିଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଶିଶୁକନ୍ୟାର ମା'ବାପା ବିହାରର ମୂଳବାସିନ୍ଦା ହୋଇଥିବାବେଳେ ସେମାନେ ଭୁବନେଶ୍ୱର ବଡ଼ଗଡ଼ କେନାଲ ରୋଡ୍‌ରେ ରହୁଛନ୍ତି। ଶିଶୁଟିର ଥଣ୍ଡା ସହ ପ୍ରବଳ କାଶ ହେଉଥିବାରୁ ସୋମବାର ରାତିରେ ତାକୁ ମା' ବାପା ଉକ୍ତ କ୍ଲିନିକକୁ ଆଣିଥିଲେ। ସେଠାରେ ଡାକ୍ତର ତାକୁ ପ୍ରାଥମିକ ଚିକିତ୍ସା କରିବା ସହ ଇଞ୍ଜେକ୍ସନ୍ ଦେଇଥିଲେ। ଏହାର କିଛି ସମୟ ପରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ଭୁଲ୍ ଇଞ୍ଜେକ୍ସନ୍ ଦେବାରୁ ଶିଶୁଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ହୋହଲ୍ଲା କରିବା ସହ ଭଙ୍ଗାରୁଜା କରିଥିଲେ।

# ଭଡ଼ାଘରେ ଅଭିଯୁକ୍ତଙ୍କ କ୍ରାଇମ୍‌ସିନ୍ ରିକ୍ରିଏଶନ

### ଶ୍ରୀକୃଷ୍ଣ ବିହାର ହତ୍ୟା ଘଟଣା

କଟକ ସଦର,୧୮।୩ (ସୁଶାନ୍ତ କୁମାର ଜେନା)

କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ବିହାରରେ ଶନିବାର ହୋଲି ଦିନ କ୍ୟାରମ୍ ଖେଳବେଳେ ବୋର୍ଡରେ ପାଣି ପଡିବାରୁ ଜଣେ ସାଙ୍ଗ ଅନ୍ୟ ଜଣେ ସାଙ୍ଗକୁ ଗୁଳିକରି ହତ୍ୟା କରିଥିଲେ। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ବିରାଙ୍ଗ ଗ୍ରାମର ଗଣେଶ ଓରଫ ବିକାଶ ମହାନ୍ତି। ଏହି ଘଟଣାରେ ଗିରଫ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚାହାପଡ଼ା ଗ୍ରାମର କିଟୁ ଓରଫ ପ୍ରକାଶ ସୁତାର(୨୫)ଙ୍କୁ ପୋଲିସ ରିମାଣ୍ଡରେ ଆଣି କ୍ରାଇମ୍‌ସିନ୍ ରିକ୍ରିଏଶନ କରିଛି। ମଙ୍ଗଳବାର ପୂର୍ବାହ୍ନରେ ଅଭିଯୁକ୍ତଙ୍କୁ ଧରି ପୋଲିସ ଶ୍ରୀକୃଷ୍ଣ ବିହାର ଦ୍ୱାରକା ଛକ ଅଞ୍ଚଳରେ ଥିବା ତାଙ୍କ ଭଡାଘରେ ପହଞ୍ଚିଥିଲା। ଘଟଣା ଦିନ କ୍ୟାରମ୍ ଖେଳବେଳେ ବୋର୍ଡରେ କିପରି ପାଣି ଢାଳିଥିଲା, ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ପ୍ରକାଶ ପାଖରେ ରଖିଥିବା ବନ୍ଧୁକ ବାହାର କରି ବିକାଶଙ୍କ ଉପରକୁ ଗୁଳି ଚଳାଇବା ଦୃଶ୍ୟକୁ ରିକ୍ରିଏଶନ କରାଯାଇଥିଲା। ଏହି ସମୟରେ ହତ୍ୟାକାଣ୍ଡ ଦିନ ଉପସ୍ଥିତ ଥିବା ଅନ୍ୟ ୫ ଜଣ ସାଙ୍ଗ, କଟକ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା, ଏସିପି ଅମିତାଭ ମହାପାତ୍ର, ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୁକ୍ତ ବନ୍ଧୁକ କେଉଁଠୁ ଆଣିଥିଲେ ସେ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯିବ ବୋଲି ଅତିରିକ୍ତ ଡିସିପି ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବିକାଶ ଓ ତାଙ୍କ ସହ ୫ ଜଣ ବନ୍ଧୁ ଶ୍ରୀକୃଷ୍ଣ ବିହାର ଦ୍ୱାରକା ଛକ ଅଞ୍ଚଳରେ ଥିବା ପ୍ରକାଶଙ୍କ ଭଡ଼ାଘରେ ଶନିବାର ମଦ୍ୟପାନ କରିବା ପରେ ଏକାଠି କ୍ୟାରମ୍ ଖେଳୁଥିଲେ। ଏହି ସମୟରେ କ୍ୟାରମ୍ ବୋର୍ଡରେ ପାଣି ଢାଳି ହୋଇଯିବାକୁ ନେଇ ବିକାଶ ଓ ପ୍ରକାଶଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରକାଶ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା ବନ୍ଧୁକରୁ ବିକାଶଙ୍କ ଉପରକୁ ଗୁଳି ଚଳାଇଥିଲେ। ବିକାଶଙ୍କ ମୁଣ୍ଡରେ ଗୁଳି ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଓ ଖୋକା ଜବତ କରିଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୮୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।


ଅଭିଯୁକ୍ତଙ୍କୁ ଆଣି ପୋଲିସ କ୍ରାଇମ୍‌ସିନ୍ ରିକ୍ରିଏଶନ୍ କରୁଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଜଣେ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଛତ୍ରପୁର ଅଞ୍ଚଳର ପବିତ୍ର ଦାସ(୨୪)। ଜଜ୍ ତାଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହିତ ୮୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୯ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟ ଦେଇଛନ୍ତି। ଦୋଷୀଙ୍କଠାରୁ ଆଦାୟ ଜରିମାନା ଅର୍ଥ ପୀଡ଼ିତାଙ୍କୁ ଦେବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପଟେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ (ଡିଏଲ୍ଏସ୍ଏ)ଙ୍କୁ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷରେ ମାମଲାରେ ଅଭିଯୁକ୍ତ ଥିବା ପବିତ୍ରଙ୍କ ବାପା ପ୍ରକାଶ ଦାସ, ମା' ସାବିତ୍ରୀ ଦାସ ଓ ଦାଦା କାଳିଆ ଦାସଙ୍କୁ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

୨୦୧୯ ସେପ୍ଟେମ୍ବର ୭ ତାରିଖରେ ନାବାଳିକା ଜଣଙ୍କ ଘରକୁ ଫେରୁଥିବା ବେଳେ ଗାଁମୁଣ୍ଡରେ ପବିତ୍ର ତାଙ୍କୁ ଟାଣିନେଇ ପାଟିଚିପି ବଳାତ୍କାର କରିଥିଲେ। କିଛିଦିନ ପରେ ସେ ନାବାଳିକାଙ୍କୁ ଘରକୁ ଡାକିନେଇ ପୁଣିଥରେ ବଳାତ୍କାର କରିଥିଲେ। ଏ ନେଇ ନାବାଳିକା ନିଜ ମା'ଙ୍କୁ ଜଣାଇଥିଲେ। ମା' ବାପା ପବିତ୍ରଙ୍କ ଘରକୁ ଯାଇ ଝିଅକୁ ବିବାହ କରିବାକୁ କହିଥିଲେ। ପରେ ଗାଁରେ କୁଳ ବୈଠକରେ ପବିତ୍ର ନାବାଳିକାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ଚାଲିଯାଇଥିଲେ। ଏହାପରେ ସେ ବିବାହ କରିବାକୁ ମନା କରିଦେଇଥିଲେ। ପୀଡ଼ିତାଙ୍କ ପରିବାର ଲୋକେ ପବିତ୍ରଙ୍କ ଘରକୁ ଯାଇ ପଚାରିବାରୁ ତାଙ୍କ ମା', ବାପା ଓ ଦାଦା ଧମକ ଦେଇ ସେଠାରୁ ତଡି ଦେଇଥିଲେ। ପୀଡ଼ିତା ଏ ନେଇ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ପ୍ରଥମେ ମୁଖ୍ୟ ଅଭିଯୁକ୍ତ ପବିତ୍ର ଓ ପରେ ତାଙ୍କ ମା' ବାପା ଓ ଦାଦାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ୪ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମୋହନ ସିଙ୍ଗାରି ମକଦ୍ଦମା ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝପଟି ଅଇଲି ଝପଟି ଗଲି**
**ପତୁରି ମସିଣା ପଡ଼ିଛି**
**ସରୁ ଚୁଡ଼ାଖିଆ ମଉନ ମୁହଁ**
**ଭାଉଜ ଶିଖାରେ ପଡ଼ିଛି।**

ପ୍ରାପ୍ତବୟସ୍କ ଦୁଇ ପୁରୁଷ-ନାରୀଙ୍କ ମଧ୍ୟରେ ପ୍ରେମ, ପ୍ରଣୟ ଓ ଦୈହିକ ଆକର୍ଷଣ ରହିବା ସ୍ୱାଭାବିକ। ହେଲେ ଏହା ଯଦି ସାମାଜିକ ସୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ କୁହାଯାଇଥାଏ। ବିବାହ ପାଇଁ ଆୟୋଜନ ଅବ୍ୟାହତ ରହିଥିଲେ ସୁଦ୍ଧା ଦିଅର ନିଜ ଭାଉଜ ଜାଲରେ ପଡ଼ି ଦିନ ଗଡ଼ାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୁମୁକି କଠଉ ମଡ଼ା**
**ଝିପି ଝିପି ଯେଉଁ ମେଘ ବରଷା**
**ତହିଁ କି ଖାରିଆ ଖଡ଼ା।**

ଝିପି ଝିପି ବରଷା ସହଜେ କମି ନଥାଏ। ବର୍ଷା ଦିନେ ଯାତାୟାତ ପାଇଁ ଅସୁବିଧା ହେବା ସହ ହାଟ ସଉଦା କରି ହୋଇ ନଥାଏ। ଏପରି ସ୍ଥଳେ ବାଡ଼ିରୁ ଖଡ଼ା ପାଇବା ସୁବିଧାଜନକ ହୋଇଥିବା ବେଳେ ସେଥିରେ କାମ ଚଳାଇ ନେବା ଛଡ଼ା ଅନ୍ୟ ପନ୍ଥା ନ ଥାଏ। ପରୋକ୍ଷରେ ଝୁମୁକା ଲଗା ପାଦରେ କଠଉ ମାଡ଼ିବା ଭଳି ବର୍ଷାଦିନେ ଖାରିଆ ଖଡ଼ା ପାଟିକୁ ଅରୁଚି ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନାବାଳିକାଙ୍କୁ ନିଶା ଦେଇ ଗଣବଳାତ୍କାର ଅଭିଯୋଗ

### ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ କୋର୍ଟରେ ହାଜରକଲା ପୋଲିସ

ଉମରକୋଟ, ୧୮।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ୨ ନାବାଳକ ନିଶା ଦେଇ ଗଣବଳାତ୍କାର କରିଥିବା ଅଭିଯୋଗରେ ସୋମବାର ବିଳମ୍ବିତ ରାତିରେ ପୋଲିସ ଘଟଣାରେ ସମ୍ପୃକ୍ତ ୨ ନାବାଳକଙ୍କୁ ଧରି ପଚରାଉଚରା କରିଛି। ମଙ୍ଗଳବାର ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତା ଓ ୨ ନାବାଳକଙ୍କର ଡାକ୍ତରୀ ମାଇନା କରାଯାଇଛି। ସନ୍ଧ୍ୟାରେ ୨ ନାବାଳକଙ୍କୁ ନବରଙ୍ଗପୁର ଜୁଭେନାଇଲ କୋର୍ଟରେ ହଜାରକରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ସେମାନଙ୍କୁ କେଉଁ ସୁଧାରଗୃହରେ ଛଡ଼ାଯିବ ତାହା ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

ସୂଚନାନୁଯାୟୀ, ୧୫ ତାରିଖ ଅପରାହ୍ନ ୨ଟାରେ ନାବାଳିକା ଜଣଙ୍କ ଘର ପାଖରେ ଖେଳୁଥିବାବେଳେ ସାହିର ୨ ନାବାଳକ ତାଙ୍କୁ ଏକ ପଡ଼ିଆକୁ ଡାକିନେଇଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ନିଶାଦେଇ ତାଙ୍କ ଅନିଚ୍ଛା ସତ୍ତ୍ୱେ ଜଣଙ୍କ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତା ଜଣଙ୍କ ଭୟରେ ଘଟଣା ସମ୍ପର୍କରେ ସେହିଦିନ କାହାକୁ କିଛି କହି ନ ଥିଲେ। ପରଦିନ କିନ୍ତୁ ସନ୍ଧ୍ୟାରେ ମା'ଙ୍କୁ ସମସ୍ତ କଥା କହିଥିଲେ। ପରେ ପୀଡ଼ିତାଙ୍କ ମା' ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାବାଳକମାନେ ଏହା ଜାଣି ଫେରାର ହୋଇଯାଇଥିଲେ। ତେବେ ସୋମବାର ବିଳମ୍ବିତ ରାତିରେ ପୋଲିସ ଉଭୟଙ୍କୁ ଧରିବାରେ ସଫଳ ହୋଇଥିଲା। ମଙ୍ଗଳବାର ପୋଲିସ ପୀଡ଼ିତାଙ୍କ ସ୍କୁଲକୁ ପୋଲିସ ଯାଇ ତଦନ୍ତ କରିବା ପରେ ଆଡମିଶନ ରେଜିଷ୍ଟରକୁ ଜବତ କରି ଥାନାକୁ ଆଣିଛି। ନବରଙ୍ଗପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଡିଏସ୍‌ପି ସରୋଜିନୀ କିସପଟା ଘଟଣାର ତଦନ୍ତ କରୁଛନ୍ତି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକାଙ୍କୁ ବଳାତ୍କାର, ଗର୍ଭବତୀ କରିବା ମାମଲା

ନବରଙ୍ଗପୁର, ୧୮।୩(ସଦାଶିବ ପ୍ରହରାଜ)

ଜଣେ ନାବାଳିକାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ଓ ପରବର୍ତ୍ତୀ ସମୟରେ ବିବାହ ପାଇଁ ମନାକରି ତାଙ୍କୁ ଭଦ୍ରବ୍ୟକ୍ତିଙ୍କ ସମ୍ମୁଖରେ ଚାପୁଡ଼ା ମାରିବା ଅଭିଯୋଗରେ ଅଭିଯୁକ୍ତ ଭୀଷ୍ମ ଜାନୀଙ୍କୁ ଅଦାଲତ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଜଜ୍ ବାସୁଦେବ ଆଚାର୍ଯ୍ୟ ୨୦ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଏହି ରାୟ ପ୍ରକାଶ କରିଛନ୍ତି। ଅର୍ଥ ଅନାଦାୟେ ୬ ମାସ ଅଧିକ ଦଣ୍ଡ ଭୋଗିବେ ବୋଲି ରାୟରେ ଶୁଣାଣି ହୋଇଛି। ଏଥିସହ ପୀଡ଼ିତାଙ୍କୁ ୧୪ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ ୨୦୨୧ ଏପ୍ରିଲରେ ଅଭିଯୁକ୍ତ ଭୀଷ୍ମଙ୍କ ସହ ନାବାଳିକାଙ୍କ ପ୍ରେମ ଆରମ୍ଭ ହୋଇଥିଲା। ପରେ ନାବାଳିକା ୮ ମାସ ଗର୍ଭବତୀ ଥିବା ଜଣାପଡ଼ିବା ପରେ ତାଙ୍କ ମା' ବାପା ଗାଁରେ ଭଦ୍ରବ୍ୟକ୍ତିମାନଙ୍କୁ ନେଇ ବୈଠକ କରାଯାଇଥିଲା। ସେଠାରେ ଅଭିଯୁକ୍ତ ବିବାହ ପାଇଁ ମନା କରିବାରୁ ଡାବୁଗାଁ ଥାନରେ ମାମଲା ହୋଇଥିଲା।


# ଯୁବକଙ୍କୁ ଗୁଳି ମାଡ଼ କରି ଦୁର୍ବୃତ୍ତ ଚମ୍ପଟ୍

### ବାଇକ୍ ଲୁଟ୍ ଉଦ୍ୟମ ପଣ୍ଡ

ବାଲେଶ୍ୱର,୧୮।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ନିମା ଗ୍ରାମର ଜଣେ ଯୁବକଙ୍କଠାରୁ କେତେଜଣ ଦୁର୍ବୃତ୍ତ ବାଇକ୍ ଲୁଟ୍ ଉଦ୍ୟମ କରି ବିଫଳ ହୋଇଛନ୍ତି। ଲୁଟ୍ ଉଦ୍ୟମ ପଣ୍ଡ ହେବାରୁ ଦୁର୍ବୃତ୍ତମାନେ ସମ୍ପୃକ୍ତ ଯୁବକଙ୍କୁ ଗୁଳିମାଡ଼ କରିଛନ୍ତି। ଏଥିରେ ଯୁବକଜଣକ ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁଳିମାଡ଼ର ଶିକାର ଯୁବକ ହେଲେ ବସ୍ତା ଥାନା ନିମା ଗ୍ରାମର ସୁଧାଂଶୁ ଶେଖର ଜେନା। ଏନେଇ ପୋଲିସ ମଙ୍ଗଳବାର ଏକ ମାମଲା (ନଂ. ୮୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ସୋମବାର ରାତି ପ୍ରାୟ ୧୧ଟା ବେଳେ ମୁକୁଳସ୍ଥିତ ଭିଣୋଇ ଘରୁ ସୁଧାଂଶୁ ଓ ତାଙ୍କ ସମ୍ପର୍କୀୟ ଭାଇ ବାଇକ ଯୋଗେ ଘରକୁ ଫେରୁଥିଲେ। ବସ୍ତା ଥାନା ଚକୁରାଇଠାରେ ଦୁଇଟି ବାଇକ୍ ଯୋଗେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କ ବାଇକ୍‌କୁ ଅଟକାଇଥିଲେ। ବାଇକ୍‌କୁ ସାଇଡ୍ କରିବାକୁ କହି ବାଇକ୍‌ର ଚାବିକାଠି ଛଡ଼ାଇଥିଲେ। ସୁଧାଂଶୁ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିଲା। ଦୁର୍ବୃତ୍ତମାନେ ସୁଧାଂଶୁଙ୍କ ଡାହାଣ ଗୋଡ଼କୁ ଗୁଳିମାଡ଼ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ସୁଧାଂଶୁଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିମାଡ଼ କରିଥିବା ଦୁର୍ବୃତ୍ତଙ୍କୁ ଆହତ ଯୁବକ ଚିହ୍ନିଥିବା କହିଛନ୍ତି। ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ଓ ଆଇଆଇସି ରଞ୍ଜିତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।


ଗୁଳିମାଡ଼ରେ ଆହତ ଯୁବକ।


# ସୁରଟରୁ ଧରାପଡ଼ିଲେ ଅଭିଯୁକ୍ତ ଅଧ୍ୟାପକ

### କଲେଜ କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା

ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ ),୧୮।୩

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଏବଂ କ୍ଲାସରୁମରେ ବଳାତ୍କାର ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ପୋଲିସ ହାତରେ ଧରାପଡିଛନ୍ତି। ଏନେଇ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା(ନଂ.୧୬/୨୦୨୫) ରୁଜୁ ହୋଇଥିଲା। ଅଭିଯୁକ୍ତ ଧଳଙ୍କୁ ମଙ୍ଗଳବାର ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଧ୍ୟାପକ ଧଳ ସୁରଟରେ ନିଜର ଜଣେ ସମ୍ପର୍କୀୟ ଭଉଣୀଙ୍କ ଘରେ ଲୁଚି ରହିଥିଲେ। ଏନେଇ ସୂଚନା ପାଇବା ପରେ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଓ ରାମଚନ୍ଦ୍ରପୁର ଥାନା ପୋଲିସର ଏକ ସ୍ୱତନ୍ତ୍ର ଦଳ ସୋମବାର ସନ୍ଧ୍ୟାରେ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରି ମଙ୍ଗଳବାର ଯାଜପୁରରେ ପହଞ୍ଚି ଥିଲେ। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତ କଲେଜର ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଅଭିଯୋଗ ଅନୁଯାୟୀ, ଫେବୃୟାରୀ ୬ରେ ଛାତ୍ରୀ ଜଣକ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ କଲେଜକୁ ଯାଇଥିଲେ। ପରୀକ୍ଷା ଚାଲିଥିବା ସମୟରେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଫୋନ ମାଗିବା ବାହାନାରେ କ୍ଲାସ୍‌ରୁମ ଭିତରେ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଏହାର ବିରୋଧ କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଠେଲି ତଳେ ପକାଇ ଦେଇଥିଲେ। କଲେଜର ପ୍ରଥମ ବର୍ଷ ଛାତ୍ରମାନେ ସେହି ଶ୍ରେଣୀ କୋଠରିକୁ ଆସୁଥିବାର ଦେଖି ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଛାଡି ସେଠାରୁ ଚାଲି ଯାଇଥିଲେ। ଏହି ଘଟଣା ସମ୍ପର୍କରେ ଛାତ୍ରୀ ଜଣକ ନିଜ ମା'ଙ୍କୁ ସବୁ କଥା କହିଥିଲେ। ଏପରି କି କଲେଜର ଅଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଅଧ୍ୟାପକ ସିଧାସଳଖ ଧମକ ଦେଲେ ତାଙ୍କର କଣ୍ଟ୍ରୋଲ ରୁମରେ ନିଜ ଲୋକ ଅଛନ୍ତି, ତାଙ୍କୁ ପରୀକ୍ଷାରେ ଫେଲ୍ କରାଇଦେବେ। ଏହାବାଦ୍ ସେମାନଙ୍କ କଥା ମାନିଲେ ଅଧିକ ମାର୍କ ଦିଆଯିବ ବୋଲି କଲେଜର ଅଧ୍ୟକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଲେ। ଏପରିକି ଘଟଣାକୁ ଚାପି ଦେବାକୁ ଛାତ୍ରୀଙ୍କୁ ଅର୍ଥ ଲୋଭ ମଧ୍ୟ ଦେଖାଇଥିଲେ। ହେଲେ ଏହି ପ୍ରସ୍ତାବରେ ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ମାନସିକ ନିର୍ଯାତନା ଦେଇ ଭୟଭୀତ କରାଇଲେ। ଏହି କ୍ରମରେ ଛାତ୍ରୀଛାତ୍ରମାନେ କଲେଜରେ ଆନ୍ଦୋଳନ କରିବା ସହ ପୋଲିସର ଭୂମିକାକୁ ନିନ୍ଦା କରିଥିଲେ। ରାଜନୈତିକସ୍ତରରେ ମଧ୍ୟ ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ବିଚଳିତ ହୋଇ ଆତ୍ମାହୁତି ଉଦ୍ୟମ ମଧ୍ୟ କରିଥିଲେ। ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରବର୍ଗଙ୍କ ସହ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ କଲେଜ ଫାଟକ ସମ୍ମୁଖରେ ଆମରଣ ଅନଶନ ଅନୁଷ୍ଠିତ ହୋଇଥିଲା। ତେବେ ଏହି ଘଟଣାକୁ ୨ ମାସ ଅତିକ୍ରାନ୍ତ ହେବା ପରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମହାକାଳୀ ବେଶ ହେଲେ ତାରାତାରିଣୀ

## ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ

ପୁରୁଷୋତ୍ତମପୁର, ୧୮।୩ (ସାମାଞ୍ଜଳ ମିଶ୍ର)



ମହାକାଳୀ ବେଶରେ ତାରାତାରିଣୀ।

ଗଞ୍ଜାମ ଜିଲ୍ଲା ଭଞ୍ଜଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଛି। ପ୍ରଥମ ପାଳି ମା' ତାରାତାରିଣୀ ଦୁଇ ଭଉଣୀ ମହାକାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସୋମବାର ରାତି ୨ଟାରେ ମନ୍ଦିର ଦ୍ୱାରଫିଟା ହୋଇ ମାର୍ଜନା, ମଙ୍ଗଳଆଳତି, ଶୃଙ୍ଗାର, ଅବକାଶ ଆଦି ପରମ୍ପରା ଅନୁସାରେ ସମସ୍ତ ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ମା'ଙ୍କୁ ସେବାୟତମାନେ ମହାକାଳୀ ବେଶରେ ସଜାଇବା ପରେ ଭୋର ସାଢ଼େ ୪ଟାରେ ସାହାଣମେଲା ହୋଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମା'ଙ୍କଠାରେ ପୂଜାର୍ଚ୍ଚନା କରି ଜିଲାବାସୀଙ୍କ ମଙ୍ଗଳ କାମନା କରିଥିଲେ। ମନ୍ଦିର ଚତୁଃପାର୍ଶ୍ୱ ବୁଲି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ସୋମବାର ରାତି ୧୨ଟାରୁ ମାନସିକଧାରୀ ପିଲାଙ୍କ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମ ପାଳିରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମା'ଙ୍କ ମନ୍ଦିର ଭିତର ପୂଜାନୀତିକୁ ବାହାରେ ଥିବା ଭକ୍ତମାନେ ଦେଖିବା ଲାଗି ଚଳିତବର୍ଷ ପ୍ରଥମ ଥର ବିଭିନ୍ନ ସ୍ଥାନରେ ଏଲଇଡି ଲଗାଯାଇଥିଲା। କେତେକ ଭକ୍ତ ୯୯୯ ପାହାଚ ଚଢ଼ି ମା'ଙ୍କୁ ଦର୍ଶନ କରୁଥିବା ବେଳେ ଆଉ କେତେକ ସିଟି ବସ ଓ ରୋପୱେ ଯୋଗେ ପାହାଡ ଶିଖରରେ ଥିବା ମନ୍ଦିରକୁ ଯାଇଥିଲେ। ମନ୍ଦିର ପର୍ଯ୍ୟନ୍ତ ଯିବା ଲାଗି ୨୦ରୁ ଅଧିକ ସିଟି ବସର ବ୍ୟବସ୍ଥା କରାଯାଇଥିଲା। ପୁରୁଷୋତ୍ତମପୁର ଏସଡିପିଓ ଡ.ଦୀପକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ରାଜେଶ କୁମାର ନାୟକ ଓ ପୋଲିସ ଫୋର୍ସ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ବିଡିଓ ଶରତ କୁମାର ପାତ୍ର, ଏନ୍ଏସି ନିର୍ବାହୀ ଅଧିକାରୀ ତଥା ତହସିଲଦାର ଗୋବିନ୍ଦ ଡନସେନା ଓ ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀ ଯାତ୍ରା ପରିଚାଳନା କରିଥିଲେ।

# ପୋଖରୀରେ ବୁଡି ଯୁବକ ମୃତ

ସୋର, ୧୮।୩ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ମୁଳିସିଂ ପଞ୍ଚାୟତ ମାଙ୍ଗେଶ୍ୱରପୁର ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗ୍ରାମର ମହେଶ୍ୱର ବେହେରା (୪୫) ଚେନ୍ନାଇରେ ଏକ ଘରୋଇ ହୋଟେଲରେ କାମ କରୁଥିବା ବେଳେ ହୋଲି ପାଇଁ ଘରକୁ ଆସିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ସେ ଶୌଚ ହେବା ପାଇଁ ଯାଇଥିବା ବେଳେ ଘରକୁ ଫେରି ନ ଥିଲେ। ଦୀର୍ଘ ସମୟ ପରେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ଘର ନିକଟରେ ଥିବା ଏକ ପୋଖରୀ କଡ଼ରେ ତାଙ୍କ ଜୋତାକୁ ଦେଖି ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ରାତିରେ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉକ୍ତ ପୋଖରୀରେ ଖୋଜିବା ପରେ ୨ଫୁଟ ତଳୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି।

# ଜଙ୍ଗଲରେ ନିଆଁ ଲିଭାଇଲେ ବିଡିଓ



ଜଙ୍ଗଲରେ ବିଡିଓ ନିଆଁ ଲିଭାଉଛନ୍ତି ।

ଜଲେଶ୍ୱର, ୧୮।୩(ନବୀନ ସାହୁ)

## ଜାଣି ଅଜଣା ବନ ବିଭାଗ

ବନାଗ୍ନି ନେଇ ଏବେ ଚିନ୍ତା ବଢ଼ିଛି। ଖରାଦିନ ଆରମ୍ଭରୁ ଏବେ ଓଡ଼ିଶାର ଅଧା ଜଙ୍ଗଲ ଜଳୁଛି। ସେଥିରୁ ବାଦ୍ ପଡିନି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଜଙ୍ଗଲ। ଏହି ଅଞ୍ଚଳରେ ୧୩ଟି ଶାଳ ଜଙ୍ଗଲ ରହିଛି। ଏହି ଅଞ୍ଚଳରେ ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ଦିନ ଜଙ୍ଗଲ ଜଳୁଛି। ଏହାକୁ ନିୟନ୍ତ୍ରଣ କରିବାରେ ବନବିଭାଗ ବିଫଳ ହୋଇଛି। ଜଳେଶ୍ୱର ରେଞ୍ଜ ଅଧୀନ ବରଡିହା ବନ କାର୍ଯ୍ୟାଳୟ ଅଞ୍ଚଳରେ ସୋମବାର ଅପରାହ୍ନରେ ଭାଡ୍ରାପଦା ଜଙ୍ଗଲରେ ନିଆଁ ଜଳୁଥିବା ବେଳେ ସେହି ବାଟ ଦେଇ ଯାଉଥିବା ଜଳେଶ୍ୱର ବିଡିଓଙ୍କ ନଜର ପଡିଥିଲା। ସେ ସଙ୍ଗେ ସଙ୍ଗେ ଗାଡ଼ିରୁ ଓହ୍ଲାଇ ଯାଇ ଜଙ୍ଗଲରେ ଲାଗିଥିବା ନିଆଁକୁ ୧ ଘଣ୍ଟା ଧରି ଲିଭାଇଥିଲେ। ଏହାସହ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସ୍ଥାନୀୟ ଲୋକଙ୍କୁ ଅନୁରୋଧ ମଧ୍ୟ କରିଥିଲେ। ପ୍ରତ୍ୟେକ ଜଙ୍ଗଲ ପାଖ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ବାଲେଶ୍ୱର ଜିଲାପାଳ ଏବଂ ଜିଲା ଜଙ୍ଗଲ ସୁରକ୍ଷା ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ। ଏନେଇ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

# ବାଙ୍କେଶ୍ୱରୀ ଘାଟିରେ ଓଲଟିଲା ପିକ୍ଅପ୍ ଭ୍ୟାନ

## ୩୨ରୁ ଊର୍ଦ୍ଧ୍ୱ ଆହତ, ୧୮ ଗୁରୁତର

ଦିଗପହଣ୍ଡି,୧୮।୩ (ଅଶେଷ ନାଥ ମିଶ୍ର)



ଆହତମାନଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ନିକଟ ବାଙ୍କେଶ୍ୱରୀ ଘାଟିରେ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ଏକ ପିକ୍ଅପ୍ ଭ୍ୟାନ (ଓଡ଼ି ୦୭ଏସି -୩୧୬୫) ଓଲଟି ପଡିଛି। ଫଳରେ ୩୨ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଓ ଶିଶୁ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରମାନେ ହେଲେ ଜମ୍ବୁ ସେଠୀ, ପଞ୍ଚୁ ସେଠୀ, ବୁଲୁ ସେଠୀ, କୁନା ସେଠୀ, ତମାଳ ସେଠୀ, ଜାଗରା ସେଠୀ, ରାଣୀ ସେଠୀ, ସୁବାସିନୀ ସେଠୀ, ମିଳନ ସେଠୀ, ଭାସ୍କର ସେଠୀ, ସୀମାଞ୍ଚଳ ସେଠୀ, ଉଜ୍ଜ୍ୱଳ ସେଠୀ, ମଞ୍ଜୁ ସେଠୀ, ଟୁନା ସେଠୀ, ନାର୍ସୁ ସେଠୀ, ଦାସ ସେଠୀ, କୋରା ସେଠୀ ଓ ସୀମା ସେଠୀ। ସମସ୍ତ ଆହତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୧୮ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରରୁ ଜଣାପଡିଛି, ସାନଖେମୁଣ୍ଡି ବ୍ଲକ ଖଣ୍ଡଦୋଳି ଗ୍ରାମର ସୀମାଞ୍ଚଳ ସେଠୀଙ୍କ ନାତିର ବର୍ଷପୂରାଣି ଅବସରରେ ମୁଣ୍ଡନ ପୂଜାର୍ଚ୍ଚନା ପାଇଁ ଖଣ୍ଡଦୋଳି, ଚଷାନିମଖଣ୍ଡି, ନିମଖଣ୍ଡି ପେଣ୍ଠ, ସାହାସପୁର, ବି. ତୁରୁବୁଡ଼ି ଗ୍ରାମରେ ରହୁଥିବା ତାଙ୍କ ସମ୍ପର୍କୀୟ, ବନ୍ଧୁବାନ୍ଧବ ଓ ପରିବାର ଲୋକେ ବି. ତୁରୁବୁଡ଼ି ନିକଟସ୍ଥ କେରାଣ୍ଡିମାଳ ପର୍ବତ ଶିଖରରେ ଥିବା ମା' ବାଙ୍କେଶ୍ୱରୀ ଶକ୍ତି ପୀଠକୁ ପିକ୍ଅପ ଭ୍ୟାନ୍ ଯୋଗେ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ସାରି ଖାଇସାରି ଘରକୁ ଫେରୁଥିବା ବେଳେ ଚାଳକଙ୍କ ଅସାବଧାନତାରୁ ଭ୍ୟାନଟି ଘାଟି ରାସ୍ତାରେ ଓଲଟି ପଡ଼ିଥିଲା। ଖବରପାଇ ବି. ତୁରୁବୁଡ଼ି ସରପଞ୍ଚ ବି. ଲିଙ୍ଗରାଜ ଦୋରା ଏବଂ ବହୁ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଦିଗପହଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଭ୍ୟାନକୁ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭ୍ୟାନ ଚାଳକ ଫେରାର ହୋଇଯାଇଛନ୍ତି।


**CHILIKA DEVELOPMENT AUTHORITY**
Chilika Development Authority
Address : Plot No. - 493 (P), Palashpalli, Pokhariput Road, Bhubaneswar - 751020

**WALK-IN-INTERVIEW**

**Advertisement No. 522/CDA, Dated : 13.03.2025**

**No.CAD-2852** : Walk in interview for JRFs (2 Nos.) will be conducted on 26.03.2025 at 10 A.M. in CDA Office. For details and application procedure visit Advertisement section http://www.chilika.com/advertisement.php

Sd./- Chief Executive
Chilika Development Authority
OIPR-08138/11/0003/2425

**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
Email- eedklpwd@gmail.com
INVITATION FOR BIDS THROUGH e- Procurement
Invitation for Bids
1st Corrigendum
Bid Identification No.SE DKL (R&B) 50/2024-25
Name of the Work- 04 Nos. Building Works

**No.B-1080:** The following changes have been made in Bid Identification No.SE DKL (R&B). 50/2024-25.
1. Availability of Bid documents in Govt. Website i.e. www.tendersorissa.gov.in, during the period from **10.00 AM dt.18.03.2025 to 05.00 PM hours of dt.02.04.2025** instead of **10.00 AM. dt.12.03.2025 to 05.00 hours of dt.26.03.2025** for ONLINE BIDDING respectively. 2. **Online** bids shall be received till **05.00 PM Hours of dt.02.04 .2025** instead of **dt.26.03.2025**. 3. Date of opening of bid at **11.00 A.M. of dt.03.04.2025** instead of **dt.27.03.2025**. All other terms and conditions remain unchanged.

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0042/2425

**OFFICE OF THE BALASORE MUNICIPALITY, BALASORE**
No. 1525/ Date : 12.03.2025
E-Procurement Notice
Bid Identification No.BM_06_2024_25

**No.C-1877** : Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil works as mentioned in DTCN
2. No. of Works : 158 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 17.03.2025 to 26.03.2025
6. Last date and time for receipt : 26.03.2025 up to 5.00 P.M.
7. Bids received online shall be opened on : 27.03.2025 from 11.00 A.M. onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app

Sd./- Executive Officer
Balasore Municipality
OIPR-13154/11/0030/2425

**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କୋଣାର୍କ, ପୁରୀ**
ପତ୍ରାଙ୍କ ସଂଖ୍ୟା ୫୨୧/ ତାରିଖ ୧୭.୦୩.୨୦୨୫

**ନିଲାମ ଇସ୍ତାହାର**

No.C-1886:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଯଥା ତା.୦୧.୦୪.୨୦୨୫ ରିଖଠାରୁ ତା.୩୧.୦୩.୨୦୨୬ ରିଖ ମଧରାତ୍ର ପର୍ଯ୍ୟନ୍ତ ଦୁଇଚକିଆ ଯାନ ଆଦାୟ ଫି ଯଥା ମୋଟର ସାଇକେଲ, ସ୍କୁଟର ଇତ୍ୟାଦି (ଚନ୍ଦ୍ରଭାଗା ଗୋଲେଇ ଛକ ସମ୍ମୁଖସ୍ଥ ଓ ସୂର୍ଯ୍ୟମନ୍ଦିର ସମ୍ମୁଖସ୍ଥ ରାସ୍ତାପାର୍ଶ୍ୱ)ରୁ ନିଲାମ କରାଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା.୧୮.୦୩.୨୦୨୫ ରିଖଠାରୁ ତା.୨୬.୦୩.୨୦୨୫ ରିଖ ଦିବା ୧୦ ଘଟିକାଠାରୁ ଅପରାହ୍ନ ୩ ଘଟିକା ମଧ୍ୟରେ କାର୍ଯ୍ୟାଳୟରେ ଦେୟଯୁକ୍ତ ଉପଲବ୍ଧ ହେବ (ଟ.୫,୫୦୦/- ଙ୍କାର ରସିଦ/ ଡି.ଡି., ଯାହାକି ଫେରସ୍ତଯୋଗ୍ୟ ନୁହେଁ) । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ କ୍ରୟ କରି ତା.୧୮.୦୩.୨୦୨୫ ରିଖଠାରୁ ତା.୨୬.୦୩.୨୦୨୫ ରିଖ ଅପରାହ୍ନ ୩ ଘଟିକା ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚିତ ନିଲାମ ବାକ୍ସରେ ବନ୍ଦ ଲଫାପା କିମ୍ବା ପୋଷ୍ଟାଲରେ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ସହ ଦାଖଲ ଦେଇ ଟେଣ୍ଡରରେ ଭାଗ ନେଇପାରିବେ । ଉକ୍ତ ନିଲାମ ତା.୨୬.୦୩.୨୦୨୫ ରିଖ ଅପରାହ୍ନ ୪ ଘଟିକାରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ । ନିଲାମ ସଂପର୍କୀୟ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚିତ କରାଯାଇଅଛି । ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ । ଅଭିଜ୍ଞତା ଥିବା, ଏକକାଳୀନ ସର୍ବାଧିକ ନିଲାମ ମୂଲ୍ୟ ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ/ ଅନୁଷ୍ଠାନଙ୍କୁ ଅଗ୍ରାଧିକାର ଦିଆଯିବ ।

ନଗରପାଳଙ୍କ ଆଦେଶମତେ
ସ୍ୱା./-ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ
OIPR-13174/11/0010/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
No.O-1615
E-Mail:sencrwangul@yahoo.co.in, Ph:06764-236404
Tender Call Notice for Building Work in Odisha
Bid Identification No.Building Online AGL-26/2024-25
No.909// Dt.12.03.2025

1.Name of the Work : Building Work, 2. Total No. of Work: 1 No. 3. Estimated Cost: Rs.754.02 Lakh Approx. 4. Class of Contractor: 'A' & Special Class, 5. Period of Completion: 18 (Eighteen) Calendar Months. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building Online- AGL-26/2024-25 | 24.03.25 at 10.00 A.M. | 07.04.25 upto 5.00 P.M. | 05.04.25 upto 1.00 P.M. | 08.04.25 at 11.00 AM | Will be intimated later on |

(1) For detailed Notice inviting Tenders, Please visit to the website www.tendersorissa.gov.in

Sd./- Anup Kumar Behera
Chief Construction Engineer, Rural Works Circle, Angul
OIPR-25180/11/0041/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
No.O-1620
e-mail: serwsbd2003@yahoo.com
e-Procurement Notice for Road Works

1. Name of the Work: Construction of Road Works-(09 Nos.). 2. Class of Contractor: "B", "A", Special Class of (Odisha PWD) or relevant class of other licensing authority. 3. Estimated Cost: **Varies from Rs.76.38 Lakhs to Rs.1308.33 Lakhs (Approximately)**. 4. Details projects as per Annexure attached.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-23/2024-25 | 18.03.2025 at 11.00 A.M. | 28.03.2025 upto 5.00 P.M. | 27.03.2025 upto 2.00 P.M. | 29.03.2025 at 10.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Sunabeda
OIPR-25182/11/0042/2425

**Government of Odisha, "e"-Procurement Notice**
**WORKS DEPARTMENT**
No.B-1085
E-mail : ceroads.bbsr@gmail.com
Bid Identification No. CE-Roads-II-25/2024-25

1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below :
2. Nature of work : Road works
3. No. of work : 2 Nos.
4. Tender Paper cost : Rs. 10,000.00
5. Class of contractor : 'A' Class/Special Class/Super Class
6. Available of bid document the website : From 10.00 A.M. of 20.03.2025 to 5.30 P.M. of 08.04.2025
7. Date of opening of bid : Dt. 09.04.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer (Roads-II), Odisha
OIPR-34181/11/0012/2425

**PANCHAYAT SAMITI OFFICE, TARBHA**
Tender Call Notice No.03/2024-25, Dt.10.03.2025
No.i-552: **INVITATION OF BID**
Last date of receipt of Bid-10.04.2025
Date of Opening of Bid- 11.04.2025

The Block Development Officer, Tarbha invites percentage rate bid from the contractor/bidder for execution of following works.

| Sl. No | Name of the work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of KGBV Hostel Building at Atasingha | RMSA | 83,02,841/- | B |
| 2 | Construction of GPLF Office with Market Complex at Sibatula GP | Mission Shakti | 23,37,327/- | C |
| 3 | Construction of GPLF Office with Market Complex at Badbhainro GP | Mission Shakti | 23,37,327/- | C |
| 4 | Construction of GPLF Office with Market Complex at Pua GP | Mission Shakti | 23,37,327/- | C |
| 5 | Construction of GPLF Office with Market Complex at Maradugochha GP | Mission Shakti | 23,37,327/- | C |
| 6 | Construction of GPLF Office with Market Complex at Sargaj GP | Mission Shakti | 23,37,327/- | C |
| 7 | Construction of GPLF Office with Market Complex at Kamsara GP | Mission Shakti | 23,37,327/- | C |
| 8 | Construction of GPLF Office with Market Complex at Tulunda GP | Mission Shakti | 23,37,327/- | C |
| 9 | Construction of GPLF Office with Market Complex at Charvata GP | Mission Shakti | 23,37,327/- | C |
| 10 | Construction of GPLF Office with Market Complex at Menda GP | Mission Shakti | 23,37,327/- | C |
| 11 | Construction of GPLF Office with Market Complex at Paikbahal GP | Mission Shakti | 23,37,327/- | C |
| 12 | Construction of Additional class room at Bhaludunguri PS, GP- Badbhinro | SSA | 15,47,164/- | D |
| 13 | Construction of Additional class room at Pua PS, GP- Pua | SSA | 15,47,164/- | D |
| 14 | Construction of Additional class room at Ghatkaintara UPS, GP- Sibtula | SSA | 15,47,164/- | D |
| 15 | Construction of Additional class room at Dubula PS, GP- Dubula | SSA | 15,47,164/- | D |
| 16 | Construction of Additional class room at Katapali UGHS, GP- Katapali | SSA | 17,14,265/- | D |

For details visit our District website www.subarnapur.nic.in

Sd./- Block Development Officer
Tarbha
OIPR-19369/11/0003/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR**
E-Mail : serwcirclesbp@yahoo.com
No. 886 /RWCSBP //Dated. 12.03.2025
1st Corrigendum
Bid Identification No. Road Tender Online RwcSBP-20/2024-25

**No.O-1612 :** Following modifications are hereby made to the notice inviting tender vide this Office Bid ID No. Road Tender Online RWCSBP-20/2024-25 for the work " Construction of road from Kaudiapali to Badpati via Balbaspur road under MMSY-CMRL scheme in the dist. of Sambalpur for the year 2024-25."
1. The period of completion in calender month may be read as 09 months instead of 06 months.
All other terms and condition remain unchanged.

Sd./- Chief Construction Engineer
Rural Works Circle, Sambalpur
OIPR-25091/11/0046/2425

**ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବାଲୁଗାଁ, ଖୋରଧା**
ସ୍ଥାନ/ପୋ-ବାଲୁଗାଁ, ଜିଲ୍ଲା-ଖୋରଧା, ଇ-ମେଲ୍- eonac.balugaon2013@gmail.com
ନଂ.488 ତା.13.03.2025

**ବିଜ୍ଞାପନ**

No.C-1881:ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ୨୦୨୪-୨୫ (ତା.୨୬.୦୩.୨୦୨୫ରିଖରୁ ତା.୨୫.୦୩.୨୦୨୬ ରିଖ) ପର୍ଯ୍ୟନ୍ତ ୧ (ଏକ) ବର୍ଷ ନିମନ୍ତେ ପୁନଃ ନିଲାମ ନିମ୍ନଲିଖିତ ନିଲାମ/ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି । ନିଲାମ/ଟେଣ୍ଡରର ସମସ୍ତ ବିବରଣୀ/ତଥ୍ୟ NIC, Khordhaଙ୍କ ୱେବ୍‌ସାଇଟ୍ www.khordha.nic.in ଠାରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No.A ଏବଂ Price Bid Cover No. B ଏହିପରି ୨ଗୋଟି Envelopeକୁ ଅନ୍ୟଗୋଟିଏ ବଡ଼ Envelopeରେ Cover No.Cରେ ଜଉମୁଦ କରି ପୌର ପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ/ ସ୍ପିଡ୍‌ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୧୯.୦୩.୨୦୨୫ରିଖଠାରୁ ତା.୨୫.୦୩.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପକାଇବେ । ନିଲାମ ଫର୍ମ (Cost of Tender) ର ମୂଲ୍ୟ Cover No.Aରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟସୀମା ଭିତରେ Cover No.A ରେ ରଖିବା ବାଧ ଅଟେ । ଯେଉଁ ବ୍ୟକ୍ତି / ସଂସ୍ଥା ଓ ଅନୁଷ୍ଠାନଙ୍କର Commercial Bid Cover No.A ଯୋଗ୍ୟ ବିବେଚିତ ହେବ କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Price Bid Cover No.B ଖୋଲାଯିବ ।

| କ୍ର.ନଂ. | ନିଲାମ/ଟେଣ୍ଡର ନାମ | ସର୍ବନିମ୍ନ ଇଜରା/ ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (ନନ୍ ରିଫଣ୍ଡେବୁଲ) |
|---|---|---|---|
| ୧ | ୨ | ୩ | ୪ |
| ୧ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଯେ କୌଣସି ଯାନବାହନ ପାର୍କିଂ ଫି ଓ ବଜାର ଉଠା ଦୋକାନ ଫି ଆଦାୟ ନିମନ୍ତେ | ୩୦୦୦୦୦ | ୨୦୦୦ |
| ୨ | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେ କୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ୨୩୭୨୦୦ | ୨୦୦୦ |
| ୩ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ଚିଲିକା କୂଳଠାରେ ପାର୍କିଂ କରୁଥିବା ଯେକୌଣସି ଟୁରିଷ୍ଟ ଯାନ ପାର୍କିଂ ଫି ଓ ମାଛ ମାର୍କେଟ ଫି ଆଦାୟ ନିମନ୍ତେ । | ୨୦୦୨୫୫୦ | ୬୦୦୦ |
| ୪ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବସ୍‌ଷ୍ଟାଣ୍ଡଠାରେ ପାର୍କିଂ କରୁଥିବା ଯେକୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ | ୨୫୦୦୦୦ | ୨୦୦୦ |
| ୫ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଲାଗୁଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ | ୧୭୨୮୫୦ | ୬୦୦ |

- ନିଲାମ/ଟେଣ୍ଡରଧାରୀମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୨୦.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ ।
- ନିଲାମ/ଟେଣ୍ଡର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା.୨୫.୦୩.୨୦୨୫ ରିଖ ସମୟ ସକାଳ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ ।
- ନିଲାମ/ଟେଣ୍ଡର ଫର୍ମ ପକାଇବାର ଅନ୍ତିମ ତାରିଖ ତା.୨୫.୦୩.୨୦୨୫ ରିଖ ସମୟ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
- ନିଲାମ/ଟେଣ୍ଡର Commercial Bid Cover No. A ଖୋଲିବାର ତାରିଖ ତା.୨୬.୦୩.୨୦୨୫ ରିଖ ସମୟ ଅପରାହ୍ନ ୩.୦୦ ଘଟିକା ଅଟେ ।
- ନିଲାମ/ଟେଣ୍ଡର Price Bid Cover No.B ଖୋଲିବାର ତାରିଖ ତା.୨୬.୦୩.୨୦୨୫ ରିଖ ସମୟ ଅପରାହ୍ନ ୩.୩୦ ଘଟିକା ଅଟେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
OIPR-13148/11/0007/2425

**Government of Odisha, "e"-Procurement Notice**
**WORKS DEPARTMENT**
Bid Identification No. CCEKC-37/2024-25
E-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-1083 Letter No. 1047 dt. 13.03.2025

1. Name of the work : Construction of Police Out Post with 30 men Barrack in the Campus of DD Medical College at Keonjhar, Odisha
2. Eastimated cost : Rs. 122.84 Lakhs
3. Class of contractor : "B" Class & "A" Class
4. Period of completion : 08 (Eight) Calendar Months
5. Date and Time of availability of bid document in the portal : From 11.00 Hours of 21.03.2025 to 16.00 Hours of 07.04.2025
6. Last date / Time for receipt of bids in the portal : 16.00 Hours of 07.04.2025
7. Date of opening of bid from portal : 11.30 Hours on 08.04.2025
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal **"http://tendersodisha.gov.in"**

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0074/2425

**OFFICE OF THE SUPERINTENDING ENGINEER, POTTERU IRRIGATION DIVISION, BALIMELA**
At/PO - Balimela, Dist : Malkangiri (Odisha).
'e' mail id :- eepid78@gmail.com
QUOTATION CALL NOTICE NO.-04/2024-25

**No.A-1206** : Sealed quotations are invited from interested reputed Travel Agencies/ Tour operators / Private individuals having valid GST / GEM registration number, PAN card, fast tag banking facility etc. for providing Non-AC/AC diesel driven vehicle or BS-IV compliant petrol vehicle (TUV300 /Bolero /Sumo Gold/ Ertiga) having sitting capacity not more than ten including driver, which shall confirm to the Terms & Conditions of the quotation call notice for the official use of different offices of Potteru Irrigation Division, Balimela on monthly rent basis for the period from 04/2025 to 03/2026 (for the financial year 2025-26).
1. Date and time of availability of quotation documents for sale :- From dtd. 18/03/2025 to dtd. 26/03/2025 (during office hours and on working days only).
2. Date and time of receipt of quotation documents: -From dtd. 18/03/2025 to dtd. 26/03/2025 (during office hours and on working days only).
3. Date and time of opening of quotation documents: - On 27/03/2025 at 11.00 A.M. in the office chamber of the Superintending Engineer, Potteru Irrigation Division, Balimela.

Please visit the office of the undersigned or website http.//www.odisha.gov.in./ http.//www.dowrodisha.gov.in for details.

Sd./- Superintending Engineer,
Potteru Irrigation Division,
Balimela
OIPR-32052/11/0010/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଦର୍ଷିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିନିୟର ମହିଳା ହକି: ଓଡ଼ିଶା ବିଜୟୀ

**ରାଞ୍ଚି, ୧୮।୩ (ପି.ଟି.)**

ଓଡ଼ିଶା, ହରିୟାଣା ଓ ମଧ୍ୟପ୍ରଦେଶ ଏଠାରେ ଚାଲିଥିବା ଜାତୀୟ ମହିଳା ହକି ଚାମ୍ପିୟନଶିପ୍‌ରେ ବିଜୟ ହାସଲ କରିଛନ୍ତି। ଓଡ଼ିଶା ୧-୦ ଗୋଲ୍‌ରେ ବେଙ୍ଗଲକୁ ପରାସ୍ତ କରିଛି। ଦଳ ପକ୍ଷରୁ ଦୀପିକା ବାରୱା ୩ୟ ମିନିଟ୍‌ରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ହରିୟାଣା ୭-୧ ଗୋଲ୍‌ରେ ମଣିପୁରକୁ ହରାଇ ଦେଇଛି। ପୁଲ୍ 'ଏ'ର ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ସାବି(୩୨ତମ ଓ ୩୭ତମ ମିନିଟ୍) ଓ କୀର୍ତ୍ତି (୪୫ତମ ଓ ୫୬ତମ) ଦୁଇଟି ଲେଖାଏଁ ଗୋଲ ଦେଇଥିବା ବେଳେ ଖାସା ଶଶୀ (୧୧ଶ), ସୁପ୍ରିୟା (୫୪ତମ) ଓ କୀର୍ତ୍ତି (୫୮ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଶୁକ୍ରବାର ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୨-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି।

# ଡୋପ୍ ଟେଷ୍ଟ: ଅର୍ଚ୍ଚନା ଯାଦବ ୪ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୧୮।୩(ପି.ଟି.)**




ଭାରତର ଲଙ୍ଗ୍ ଡିଷ୍ଟାନ୍ସ ରନର ଅର୍ଚ୍ଚନା ଯାଦବଙ୍କୁ ମଙ୍ଗଳବାର ୪ ବର୍ଷ ବାସନ୍ଦ କରାଯାଇଛି। ଗତ ଜାନୁଆରୀରେ ହୋଇଥିବା ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ତାଙ୍କୁ ବାରମ୍ବାର ମନେପକାଇବା ସତ୍ତ୍ୱେ ସେ ତାଙ୍କ ଜବାବ ରଖି ନ ଥିଲେ। ଫଳତଃ ସେ ପରୋକ୍ଷରେ ନିଜକୁ ଦୋଷୀ ବୋଲି ସ୍ୱୀକାର କରିନେଇଥିବା ମନେକରି ୱାର୍ଲ୍ଡ ଆଥ୍‌ଲେଟିକ୍ସ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୱାର୍ଲ୍ଡ ଆଥ୍‌ଲେଟିକ୍ସର ଆଥଲେଟ୍ସ ଇଣ୍ଟିଗ୍ରିଟି ୟୁନିଟ୍(ଏଆଇୟୁ) ଗତବର୍ଷ ଡିସେମ୍ବରରେ ଅନୁଷ୍ଠିତ ପୁଣେ ହାଫ୍ ମାରାଥନ୍‌ରେ ଯାଦବଙ୍କଠାରୁ ସାମ୍ପଲ ସଂଗ୍ରହ କରିଥିଲା। ଏଥିରେ ନିଷିଦ୍ଧ ଦ୍ରବ୍ୟ ଓକ୍ସାଡ୍ରୋଲୋନର ମାତ୍ରା ଠାବ କରାଯାଇଥିଲା। ଏହି ସିନ୍ଥେଟିକ୍ ଆନାବୋଲିକ୍ ଷ୍ଟେରଏଡ୍ ଶରୀରକୁ ପ୍ରୋଟିନ୍ ଯୋଗାଇବା ସହ ମାଂସପେଶୀ ସୁଦୃଢ଼ କରିବାରେ ସହାୟକ ହୋଇଥାଏ। ଏହି ବାସନ୍ଦାଦେଶ ପିଛିଲା ଜାନୁଆରୀ ୭ରୁ କାର୍ଯ୍ୟକାରୀ ହେବ। ଏହି ସମୟ ମଧ୍ୟରେ ସେ ସାମୟିକ ବାସନ୍ଦ ହୋଇଥିଲେ। ଫେବୃଆରୀ ୨୫ରେ ଏଆଇୟୁକୁ ପଠାଇଥିବା ଏକ ଇ-ମେଲ୍‌ରେ ସେ ତାଙ୍କର ଏହି କାର୍ଯ୍ୟ ପାଇଁ ଦୁଃଖ ପ୍ରକାଶ କରିବା ସହ ତାଙ୍କ ବିରୋଧରେ ଯାହା ନିଷ୍ପତ୍ତି ହେବ ତାହାକୁ ସେ ଗ୍ରହଣ କରିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଏଆଇୟୁ କହିଛି, ଯାଦବ ଆଣ୍ଟି ଡୋପିଙ୍ଗ୍ ନିୟମ ଉଲ୍ଲଂଘନ କରିଥିବା ବିଷୟ ସ୍ୱୀକାର କରିବା ଲାଗି ତାଙ୍କୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ତରଫରୁ ମଧ୍ୟ ଏ ସମ୍ପର୍କରେ ଫେବୃଆରୀ ୨୮ ସୁଦ୍ଧା ସମୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଯାଦବ କୌଣସି ଜବାବ ଦେଇ ନ ଥିଲେ। ଏଥିରୁ ସ୍ପଷ୍ଟ ସୂଚିତ ହୋଇଥିଲା ଯେ, ଆଥ୍‌ଲେଟ ଜଣକ ଆଣ୍ଟି ଡୋପିଙ୍ଗ୍ ନିୟମ ଉଲ୍ଲଂଘନ କରିଛନ୍ତି। ବାସନ୍ଦ ଦଣ୍ଡ ବ୍ୟତୀତ ୨୦୨୪ ଡିସେମ୍ବର ୧୫ରୁ ଯାଦବଙ୍କ ସମସ୍ତ ଫଳାଫଳକୁ ଅଯୋଗ୍ୟ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ ସେ ଜିତିଥିବା ସମସ୍ତ ପୁରସ୍କାର, ପଦକ, ପଏଣ୍ଟ ଓ ଅର୍ଥ ହରାଇବାକୁ ପଡ଼ିବ।


## ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ.ସରସ୍ୱତୀ ପ୍ରଧାନ**
୩୪, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୧।୧୯୪୨ (କାର୍ତ୍ତିକ ପୂର୍ଣ୍ଣିମା)
ତିରୋଧାନ: ୨୬।୦୩।୨୦୦୮ (ଦୋଳ ପଞ୍ଚମୀ)
ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ତୁମର ହତଭାଗ୍ୟ: ଦିଅର-ଯାଆ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନବୃନ୍ଦ।
ଧ-୭୬୦୪୯




# Classified Everyday
0674-2580101, 9692975378


MATRIMONIAL

## GROOM WANTED

Forest departmentରେ ଚାକିରି, ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 51 ବୟସ୍କା ବିଧବା ବଙ୍ଗାଳୀ ଝିଅଙ୍କୁ ପୁଅ ଦରକାର। 7064113532. D-3268


## AUTOMOBILE SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339


## REAL ESTATE SALE

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**Duplex sale with gated society near AIIMS Hospital, Bhubaneswar. 9777433701.** D-76248

**ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- 7978676652, 9439087845.** D-76249

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332.** D-3206

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219




Full body massage by odia therapist in homely atmosphere. 9556498382. D-75365

All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 8984068077.** D-3288

**Full body massage experience, good looking therapist @999 (Bhubaneswar). 9078484455.** D-3280

## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## AFFIDAVIT

By virtue of an affidavit sworn before Executive Magistrate, Tihidi, I, Abhimanyu Gochhayat, S/o- Dushasan Gochhayat of Vill/P.O.- Kolha, P.S.-Tihidi, Dist.- Bhadrak, Odisha, PIN- 756130 declare by this affidavit No.- 2816, dt. 09.07.2024, that my name as per my son namely Deepak Kumar Gochhayat PASSPORT bearing No.-K5926559 has been recorded as Avimanyue Gochhayat, which is wrong. That Abhimanyu Gochhayat and Avimanyue Gochhayat is one and same person. D-3340

By virtue of an affidavit sworn before the Notary Public, Bhubaneswar, dtd. 17.03.2025, I, SOVAMAYEE BEHERA, W/o- Susanta Kumar Behera, permanent resident of At- Adarsha Basti, Niladri Vihar, PO- Sailashree Vihar, PS- Chandrasekharpur, Bhubaneswar, Dist.- Khordha, Odisha, Pin- 751021, declare that I have changed my name from SHOBHAMAYI BEHERA to SOVAMAYEE BEHERA. Henceforth, I shall be known as SOVAMAYEE BEHERA for all purposes. D-3326

I, Goutam Tappo, R/o- At- Nildunguri, P.O.- Kabarapali, P.S.- Sadar, Dist.- Sambalpur, Odisha-768112 declare that my son's name has been wrongly mentioned as Kumoda Tappo instead of Kundan Prasad Tappo in his Aadhaar Card bearing No.-xxxx xxxx 2470. That both the names is one and same person. By this affidavit No.-617, date 21.01.25, I want to change my son's name as Kundan Prasad Tappo in his Aadhaar Card for all purposes. D-3300

I, Prasant Kumar Behera, S/o of Gobinda Chandra Behera, At- MIG11, H.B. Colony, Shriram Nagar, Khordha, P.O./P.S./Dist.- Khordha-752055, I declare by this affidavit No.-768 dated on 17.3.2025 that now onwards I shall be known as Prasanta Kumar Behera for all purposes. D-73581

By virtue of affidavit No.- 463 & 464 sworn before Tahasildar Nishchintakoili Tahasil (Executive Magistrate), dated 17.03.2025, I BANASHREE DAS, D/o- PATANA DAS, address: Village- MANIKPUR, P.O.- ORIKANTA, P.S.- NEMALO, District.- CUTTACK, ODISHA, PIN- 754293 declare that I have changed my name from BABITA DAS to BANASHREE DAS. Henceforth, I shall be known as BANASHREE DAS for all purposes.
BANASHREE DAS D-3335

By virtue of an affidavit sworn before the Notary Public, Bhubaneswar, dated- 18.03.2025, I, Suhani Mohanty, Address: AT\P.O.- Chandbali, P.S.- Chandbali, Dist.- Bhadrak, Odisha, PIN.- 756133, declare that I have changed my name from Satyasarathi Mohanty to Suhani Mohanty. Henceforth, I shall be known as Suhani Mohanty for all purposes.
Suhani Mohanty D-3334

By virtue of an affidavit No.- 1659 sworn before Executive Magistrate, Bhadrak, dated 19.02.2025, I Rakesh Kumar Chowdhury(19 yrs), S/o- Nabakrushna Chowdhury, Vill/P.O.- Baralpokhari, P.S./ Dist.- Bhadrak, Odisha, PIN- 756101 declare that I have changed my name from Rahul Chowdhury to Rakesh Kumar Chowdhury. Henceforth, I shall be known as Rakesh Kumar Chowdhury for all purposes. D-3342


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

Issue No.-254/07.03.20

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ପ୍ରଦୀପ କୁମାର ନାୟକ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଆର୍.ପି. କେସ୍ ନଂ.- ୯୪୭/୨୦୧୪
ଶ୍ରୀମତୀ ସଞ୍ଜୁକ୍ତା ମହାପାତ୍ର .......ବାଦୀ
ବନାମ
ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏବଂ ଅନ୍ୟମାନେ ....ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍- ୨୦ ମୁତାବକ

୧। ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପିତା ସୋମନାଥ ପଟ୍ଟନାୟକ, ୩। ଦୁର୍ଗା ପ୍ରସନ୍ନ ପଟ୍ଟନାୟକ, ୪। କାଳି ପ୍ରସନ୍ନ ପଟ୍ଟନାୟକ, ୫। ଦେବୀ ପ୍ରସନ୍ନ ପଟ୍ଟନାୟକ
ପ୍ରତିବାଦୀ ନଂ. ୩ ଠାରୁ ୫ମାନଙ୍କର ପିତା କୈଳାଶ ଚନ୍ଦ୍ର ପଟ୍ଟନାୟକ
ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ସା-ଖୋଲାଦ୍ୱାର, ପୋଷ୍ଟ-ବଡ଼ତୋଟା, ଥାନା-ଜଟଣୀ, ଜିଲା-ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୨।୦୪।୨୦୨୫ରିଖ, ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ମୌଜା- ଖୋଲାଦ୍ୱାର, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା
ସାବକ
ଖାତା ନଂ.-୩୨୨, ପ୍ଲଟ୍ ନଂ.-୧୬୮, କିସମ-ବାରି, ରକବା- ଏ.୦.୧୪୫ଡି ସ୍ୱଧରୁ ଏ.୦.୦୪୮ଡି., ସ୍ୱତ୍ୱ- ସ୍ଥିତିବାନ୍
ହାଲ୍
ଖାତା ନଂ.- ୧୧୧, ପ୍ଲଟ୍ ନଂ.-୬୧୬, କିସମ- ଘରବାରି, ରକବା- ଏ.୦.୦୩୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା-
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୩୩୭

PR No.-36 (A)/11.03.2025

ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, ଭୁବନେଶ୍ୱରଙ୍କ ଇଜିଲାସ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର
ଆର୍.ପି. କେସ୍ ନଂ.-୨୮/୨୦୧୮
ଗୋକୁଳ ଆଲିଆସ୍ ଗୋକୁଳା ନନ୍ଦ ସାହୁ, ପିତା- ଜଗନ୍ନାଥ ସାହୁ, ସା- କୁଆପୁଟ, ଥାନା- ହଳଦିଆ, ଜି- ଖୋର୍ଦ୍ଧା ....ବାଦୀ
ବନାମ
ବୈକୁଣ୍ଠ ଲେଙ୍କା ଓଗେର ....ପ୍ରତିବାଦୀମାନେ
ନୋଟିସ
ଅର୍ଡର ୫ ରୁଲ୍ ୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.-୪ ଅଲେଖ ଲେଙ୍କା, ପି- ଶେଷଦେବ ଲେଙ୍କା, ସା- ହଳଦିଆ, ମହାବିଦ୍ୟାଳୟ କ୍ୟାମ୍ପସ, ସା/ପୋ- ହଳଦିଆ, ଥା/ଜି- ଖୋର୍ଦ୍ଧା ୧୧ (B) ଦୀପା ଲେଙ୍କା, ୧୧ (C) ପିଙ୍କି ଲେଙ୍କା, ୧୧ (D) ସଂସଦ ଲେଙ୍କା। ଏ ସମସ୍ତଙ୍କ ପିତା: ଖଗେଶ୍ୱର ଲେଙ୍କା ଓ ଠିକଣା- ବ୍ରାହ୍ମଣ ବେରଣୀ, ପୋ- ହଳଦିଆ, ଥାନା/ଜି- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରଲିଖିତ ଆର୍.ପି. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୨୧।୦୪।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବ।

ଜମିର ବିବରଣୀ
ମୌଜା- ବଘେଇ ଟାଙ୍ଗି, ଥାନା/ଜି/ତହସିଲ- ଖୋର୍ଦ୍ଧା
ସାବକ
ସାବକ ଖାତା ନଂ.-୧୩୦, ପ୍ଲଟ୍ ନଂ.-୪୦୩, ଏ୦.୩୫୫ଡି., ପ୍ଲଟ୍ ନଂ.-୪୦୯, ଏ୦.୨୬୫ଡି., ପ୍ଲଟ୍ ନଂ.-୪୧୧, ଏ୦.୧୦୫ଡି., ସ୍ୱତ୍ୱ- ସ୍ଥିତିବାନ୍
ହାଲ୍
ହାଲ୍ ଖାତା ନଂ.- ୨୨୭, ପ୍ଲଟ୍ ନଂ.-୪୭୫, ଏ୦.୩୫୫ଡି., ପ୍ଲଟ୍ ନଂ.-୪୮୧, ଏ୦.୧୦୫ଡି., ପ୍ଲଟ୍ ନଂ.- ୪୮୩, ଏ୦.୨୬୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ବଗାୟତ-୩

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ସ୍ୱା./- କୋର୍ଟ ଅଫିସର
ଧ-୩୩୩୬


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



## ଜନ୍ମଦିନ ଶୁଭେଚ୍ଛା



**ଦର୍ଷିତା**
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା: ଦିପକ ବାରିକ, ମାଆ: ଅପରାଜିତା ନାୟକ, ଜେଜେ: ମୋହନ ଚରଣ ବାରିକ, ଜେଜେମାଆ: ସୁଶୀଳା ବାରିକ
ଧ-୩୩୪୪


## କୃତିତ୍ୱ


ପାର୍ଥସାରଥୀ


ରୋଶନ

ଚଳିତ ଶିକ୍ଷାବର୍ଷର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ବାଗଡୁଙ୍ଗରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ୨ଜଣ ଛାତ୍ର ମେରିଟ୍ ବର୍ଗରେ ପାର୍ଥସାରଥୀ ଭୋଇ ପ୍ରଥମ ଓ ରୋଶନ ରାଉତ ଦ୍ୱିତୀୟ ସ୍ଥାନ ଅଧିକାରକରି କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀତାରାମ ଭୋଇ, ଶିକ୍ଷୟିତ୍ରୀ ପଙ୍କଜିନୀ ଧରୁଆଙ୍କ ବଳିଷ୍ଠ ଯୋଗଦାନ ଯୋଗୁ ଛାତ୍ର ଦ୍ୱୟ କୃତିତ୍ୱ ହାସଲ କରିଥିବାରୁ ଅଭିଭାବକ କୃତଜ୍ଞତା ଜଣାଇଛନ୍ତି। ଧ-୩୩୪୧


DHARITRI
## Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ୨୮ କୋଟିରୁ ଅଧିକ କାରବାର ଆକଳନ

## ଆଜିଠାରୁ ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା

**ଭୁବନେଶ୍ୱର,୧୮।୩ (ଅଭୟ ଦାଶ)**



ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ବିଭାଗୀୟ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ଜନତା ମଇଦାନରେ ଏକ ୧୩ ଦିନିଆ ପ୍ରଦର୍ଶନୀ ଏବଂ ୧୯ ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୦୨୫ ମାର୍ଚ୍ଚ ୧୯ ରୁ ୩୧ ପର୍ଯ୍ୟନ୍ତ ଏହି ମେଳା ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ରାଜ୍ୟ ଅତିଥି ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଖବରଦାତା ସମ୍ମିଳନୀକୁ ସମ୍ବୋଧନକରି କହିଛନ୍ତି, ଆଜିଠାରୁ ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ ହେଉଛି। ଏହି ମେଳା ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂସ୍କୃତିର ନିଦର୍ଶନ ହେବ। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଏହାର ଶୁଭ ଉଦ୍‌ଘାଟନ ହେବ।

ଭାରତୀୟ ପାରମ୍ପରିକ କଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତର ସଂରକ୍ଷଣ ସହ ବୁଣାକାର ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ନିମନ୍ତେ ଏହା ଏକ ବଜାର ଯୋଗାଇଦେବ। ଏପରିକି ଚଳିତ ବର୍ଷ ଏହି ମେଳାରେ ୩୦ ଲକ୍ଷ ଜନ ସମାବେଶ ସହିତ ୨୮କୋଟିରୁ ଅଧିକ ଟଙ୍କାର ସାମଗ୍ରୀ ବିକ୍ରି ହେବ ବୋଲି ଆକଳନ କରାଯାଉଛି। ପୂର୍ବ ବର୍ଷ ଏହି ମେଳାରୁ ପ୍ରାୟ ୨୫ କୋଟି ଟଙ୍କାର କାରବାର କରାଯାଇଥିଲା। ସେହିଭଳି ଚଳିତବର୍ଷ ଏହି ମେଳାରେ ୬୫୦ରୁ ଅଧିକ ଷ୍ଟଲର ଆୟୋଜନ ହୋଇଥିଲାବେଳେ ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୧୫୦ଟି ଷ୍ଟଲ, ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୫୦ଟି ଷ୍ଟଲ୍, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୨୫୦ଷ୍ଟଲ୍, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧୧୦ ଟି ଷ୍ଟଲ୍ ବ୍ୟବସ୍ଥା ହୋଇଛି। ଅପରପକ୍ଷରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପାଇଁ ୩୫ ଗୋଟି ଷ୍ଟଲ୍ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଭାରତ ତଥା ଓଡ଼ିଶା ସରକାରଙ୍କ ଅଧୀନ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଭିତ୍ତିକ ସଂସ୍ଥାଗୁଡ଼ିକ ବଳକା ଷ୍ଟଲ୍‌ରେ ଦର୍ଶକମାନଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଷୟରେ ଅବଗତ କରିବେ। ସେହିପରି ୨୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପ୍ରସ୍ତୁତ ଏକ ଥିମ ପାଭିଲିଅନ୍ 'ଶିଳ୍ପ ସୃଜନୀ' ହୋଇଛି। ଏହି ଷ୍ଟଲ୍ ଦିବା ୩.୦୦ ଘଟିକାଠାରୁ ରାତ୍ର ୧୦.୦୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଏପରିକି ପ୍ରତ୍ୟେକ ଦିନ ସନ୍ଧ୍ୟା ୬ ଘଟିକାରୁ ରାତ୍ର ୯.୩୦ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଫ୍ୟାଶନ ଶୋ'ର ମଧ୍ୟ ଆୟୋଜନ କରାଯିବ।

## ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୧୮।୩**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୧୧୩୧ (୧୧୩୧.୩୧) ପଏଣ୍ଟ ବୃଦ୍ଧି ଘଟି ୭୫,୩୦୧ (୭୫,୩୦୧.୨୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୨୫ (୩୨୫.୫୫) ପଏଣ୍ଟ ବଢ଼ି ୨୨,୮୩୪(୨୨,୮୩୪.୩୦) ଅଙ୍କରେ କାରବାର ଶେଷ ହୋଇଥିଲା।

## ଶାଲିମାର ରେଳଷ୍ଟେଶନର ଉନ୍ନତୀକରଣ




**ଭୁବନେଶ୍ୱର,୧୮।୩(ଅନୁରାଧା ମହାରଣା)**

ଦକ୍ଷିଣ-ପୂର୍ବ ରେଳପଥ ମଧ୍ୟରେ ଶାଲିମାର ରେଳଷ୍ଟେଶନ ଏକ ପ୍ରମୁଖ ଷ୍ଟେଶନ ହୋଇଥିବା ବେଳେ ଦୂରଗାମୀ ଟ୍ରେନ୍‌ର ଏହା ଏକ ଗୁରୁତ୍ୱପୂର୍ଣ୍ଣ ହବ୍। ଏହି ଷ୍ଟେଶନ ବିଶେଷକରି କୋଲକାତାରୁ ଦେଶର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଛି। ଉକ୍ତ ଷ୍ଟେଶନ ପୂର୍ବରୁ ଗୁଡ୍‌ସ ଟର୍ମିନାଲ ଭାବେ ନିର୍ମାଣ ହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ପାସେଞ୍ଜର ଷ୍ଟେଶନ ଭାବେ ଉନ୍ନତୀକରଣ କରାଯାଇଥିଲା। ଟ୍ରେନ୍ ଚଳାଚଳକୁ ସୁଗମ କରିବା ପାଇଁ ହାୱଡ଼ା ଜଙ୍କସନର ବିକଳ୍ପ ହୋଇଛି। ସମୟାନୁକ୍ରମେ ଏହି ଷ୍ଟେଶନର ଗୁରୁତ୍ୱ ବଢୁଥିବାବେଳେ ପୂର୍ବ ଭାରତର ପ୍ରମୁଖ ଷ୍ଟେଶନ ହୋଇପାରିଛି। ଉକ୍ତ ଷ୍ଟେଶନ୍ ଏକ୍ସପ୍ରେସ୍ ଓ ସୁପରଫାଷ୍ଟ ଟ୍ରେନ୍ ସେବା ପ୍ରଦାନ କରୁଥିବାବେଳେ କୋଲକାତାରୁ ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ, ବିଶାଖାପାଟନମ୍, ଉଦୟପୁର, ପୁରୀ ଓ ଭୁବନେଶ୍ୱରକୁ ସଂଯୋଗ କରୁଛି। ଷ୍ଟେଶନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ନୂଆଷ୍ଟେଶନ ବିଲ୍ଡିଂ, ନୂଆ ପ୍ଲାଟଫର୍ମ, ଫୁଟ୍ ଓଭରବ୍ରିଜ୍, ଲିଫ୍ଟ, ଏସ୍କାଲେଟର, ର୍‍ୟାମ୍ପ, ଟ୍ରାଭେଲେଟର ଆଦିର ବ୍ୟବସ୍ଥା କରାଯାଇଛି। ଏଥିସହ ସଂପୃକ୍ତ ଅଞ୍ଚଳରେ କଂକ୍ରିଟ୍ ରୋଡ୍, ପାର୍କିଂ ଏରିଆର ମଧ୍ୟ ଉନ୍ନତୀକରଣ କରାଯାଉଛି।

# ବ୍ୟବସାୟରେ ସ୍ୱଚ୍ଛତା, ଉତ୍ପାଦରେ ଶୁଦ୍ଧତା ଜରୁରୀ

**ମାତ୍ର ୩୫ବର୍ଷ ବୟସରେ ଜଣେ ସଫଳ ଯୁବ ଉଦ୍ୟୋଗୀର ପରିଚୟ ପାଇଛନ୍ତି ଜାଭେରୀ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଜୁଏଲର୍ସର ମ୍ୟାନେଜିଂ ପାର୍ଟନର୍ ସଞ୍ଜିବ କୁମାର ସାହୁ। ସଞ୍ଜିବ ରେଭେନ୍ସା କଲେଜରେ ଗ୍ରାଜୁଏଶନ୍ କରିବା ପରେ ଭୁବନେଶ୍ୱରରେ ଏମ୍‌ବିଏ ପଢ଼ିଥିଲେ। ପାଠପଢ଼ା ପରେ ପାରିବାରିକ ଗହଣା ବ୍ୟବସାୟରେ ଯୋଗଦେଇଥିଲେ। ଅଳଙ୍କାର ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାର ସ୍ୱତନ୍ତ୍ର କାରିଗରିକୁ ସାରା ଦେଶରେ ପରିଚିତ କରାଇବା ପାଇଁ ଯୋଜନା ରଖିଥିବା ସଞ୍ଜିବଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର- ବୃତ୍ତିଗତ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ- ଆମେ ଜାତିରେ ବଣିଆ। ମୋ ଜେଜେବାପା ଓ ବାପା ୯୦ ଦଶକରେ ଭୁବନେଶ୍ୱରରେ ଛୋଟ ଗହଣା ଦୋକାନରୁ ବ୍ୟବସାୟ ଆରମ୍ଭ କରିଥିଲେ। ଏହାପରେ ୩ରୁ ୪ଟି ଦୋକାନ କରିଥିଲେ। ସେମାନଙ୍କୁ କାରିଗରି ବିଦ୍ୟା ଜଣାଥିଲା। ମୁଁ ସେମାନଙ୍କ ବ୍ୟବସାୟରେ ରୁଚି ରଖୁଥିବାରୁ ସୁନା, ରୁପା ପରଖିବାର କଳା ମୋତେ ବେଶ୍ ଭଲ ଜଣାଥିଲା। ୨୦୧୩ରେ ଏମ୍‌ବିଏ ପାସ୍ କରିବା ପରେ ଦେଶ ବିଦେଶର ବିଭିନ୍ନ ବ୍ୟବସାୟସ୍ଥଳ ବୁଲି ଗହଣା ବ୍ୟବସାୟକୁ ଅନୁଧ୍ୟାନ କରୁଥିଲି। ୱେଷ୍ଟର୍ନ ଓ ପାରମ୍ପରିକ ଡିଜାଇନକୁ ନେଇ ଏକ ଗହଣା ପ୍ରତିଷ୍ଠାନ କରିବାକୁ ସ୍ଥିର କରିଥିଲି ଏବଂ ତାହା ହିଁ କଲି।

**ପ୍ର- ଓଡ଼ିଶା ବଜାରରେ ସୁନା ଓ ହୀରା ଗହଣାର ଚାହିଦା କିପରି ରହିଛି?**

ଉ- ଦେଶର ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକୁ ବାଦ୍ ଦେଲେ ଓଡ଼ିଶାରେ ସୁନା, ରୁପା ଓ ହୀରା ଗହଣାର ସବୁଠାରୁ ବେଶୀ ଚାହିଦା ରହିଛି। ଗ୍ରାମାଞ୍ଚଳ ହେଉ ବା ସହରାଞ୍ଚଳରେ ସୁନା ବିକ୍ରି ବଢ଼ୁଛି। ବାହାର ଦେଶରୁ ଆମ ଦେଶକୁ ସର୍ବାଧିକ ପରିମାଣରେ ଇନ୍ଧନ ଓ ସୁନା ଆମଦାନୀ ହେଉଛି। ଏଥିରେ ଆଇଏନ୍‌ଆର ଡଲାର ତୁଳନାରେ ଦୁର୍ବଳ ହେଉଛି। ଡଲାର ବିନିମୟରେ ସୁନା ସହ ଇନ୍ଧନ ବା ଅଶୋଧିତ ତୈଳ ଆମଦାନୀ କରାଯାଉଛି। ଅଶୋଧିତ ତୈଳ ପେଟ୍ରୋଲିୟମ ଆଦି ପରିଣତ ହେଉଛି, ଯାହା କେବଳ ଧୂଆଁ ଦେଉଛି। ଅନ୍ୟପଟେ ସୁନା ଆମକୁ ପ୍ରଚୁର ଲାଭ ଦେଉଛି। ମାତ୍ର ତାହା ଗତ ୧୦ ବର୍ଷରେ ସୁନାର ମୂଲ୍ୟ ପ୍ରାୟ ୧୦ଗୁଣା ବଢ଼ିଛି। ୧୦ ବର୍ଷ ତଳେ ୧୦ ହଜାରରେ କିଣିଥିବା ସୁନାର ମୂଲ୍ୟ ୧ଲକ୍ଷ ଟଙ୍କା। ଓଡ଼ିଶାର ଲୋକ ଏହି କଥାକୁ ଭଲ ଭାବେ ବୁଝିଛନ୍ତି। ତେଣୁ ସବୁବର୍ଗର ଲୋକ ସୁନାରେ ଅର୍ଥ ବିନିଯୋଗ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।



ସଞ୍ଜିବ କୁମାର ସାହୁ

**ପ୍ର- ସଫଳତାର ରହସ୍ୟ କ'ଣ, ଆଗକୁ କ'ଣ ଯୋଜନା ରହିଛି?**

ଉ- ବ୍ୟବସାୟରେ ସ୍ୱଚ୍ଛତା ଏବଂ ଉତ୍ପାଦରେ ଶୁଦ୍ଧତା ରକ୍ଷା କରିବା ଜରୁରୀ। ଏହା ହିଁ ଆମ ବ୍ୟବସାୟରେ ସଫଳତାର ମୂଳମନ୍ତ୍ର। ଘରେ ବୁଝାଉଥିଲେ ଅଳ୍ପରେ କିଛି କରିବା ପାଇଁ ଏବଂ ବହୁତ ବଡ଼ ଆଶାରେ ରିସ୍କ ନ ନେବା ପାଇଁ ପରାମର୍ଶ ଦେଉଥିଲେ। ମାତ୍ର ମୁଁ ସେତେବେଳେ ଚିନ୍ତା କରିଥିଲି ଏବେ ରିସ୍କ ନ ନେଲେ ଭବିଷ୍ୟତରେ କିଛି କରି ନ ପାରିବାର ପଶ୍ଚାତ୍ତାପ ରହିବ। ତେଣୁ ଏ ଦିଗରେ ଆଗକୁ ବଢ଼ିଥିଲି। ଜାଭେରୀ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡକୁ ସାରା ଦେଶରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟ ରହିଛି।

**ପ୍ର- ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କେଉଁ ସବୁ ପନ୍ଥା ଆପଣେଇଥା'ନ୍ତି?**

ଉ- ଗ୍ରାହକଙ୍କ ପାଇଁ ସବୁ ପ୍ରକାର ଗହଣା ଆମ ଶୋ'ରୁମ୍‌ରେ ଉପଲବ୍ଧ କରିବାକୁ ଚେଷ୍ଟା କରିଥାଏ। ଭିନ୍ନ ଭିନ୍ନ ମୂଲ୍ୟର ସ୍ୱତନ୍ତ୍ର ଡିଜାଇନର ଛୋଟ ବଡ଼ ଗହଣା ରହିଛି। କେହି ଜଣେ ବି ଗ୍ରାହକ ଯେମିତି ଖାଲି ହାତରେ ନ ଫେରନ୍ତି, ସେଥିପ୍ରତି ଆମ କର୍ମଚାରୀ ଗୁରୁତ୍ୱ ଦିଅନ୍ତି। ଗ୍ରାହକଙ୍କ ସହ କେହି ବୟସ୍କ ବା ଶିଶୁ ଥିଲେ ତାଙ୍କୁ ପରିବାର ଭଳି ବ୍ୟବହାର କରାଯାଇଥାଏ। ମୁଁ ରାଜ୍ୟ ବାହାରକୁ ଯେତେବେଳେ ଯାଏ, ସେଠାରେ ଗହଣା ପ୍ରତିଷ୍ଠାନ ବୁଲି ଦେଖେ। କେଉଁ ପ୍ରକାର ଗହଣାର ଅଧିକ ଚାହିଦା ଅଛି ବା ଓଡ଼ିଶାରେ ଆଦୃତ ହୋଇପାରିବ ତାହା ଜାଣିବାକୁ ଚେଷ୍ଟା କରେ। ସବୁବେଳେ ଗ୍ରାହକଙ୍କ ଚିନ୍ତାଧାରା ବୁଝି ଅନୁରୂପ ସେବା ଯୋଗାଇଦେବାକୁ ପ୍ରାଥମିକତା ଦିଏ।

**ପ୍ର- ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଯୁବୋଦ୍ୟୋଗୀମାନେ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ନ ଭାବି ପରସ୍ପର ସହ ବନ୍ଧୁତ୍ୱ ମନୋଭାବ ପୋଷଣ କରିବା ଦରକାର। ବିଶେଷକରି ଓଡ଼ିଆ କାରିଗର ହୁଅନ୍ତୁ ବା ବ୍ୟବସାୟୀ ସେମାନଙ୍କୁ କହିବାକୁ ଚାହିଁବି, ରାଜ୍ୟ ବାହାରୁ ଆସି ଆମ ରାଜ୍ୟରେ ଲାଭବାନ୍ ହେଉଛନ୍ତି। ଆମେ ବଡ଼ ବ୍ୟବସାୟ ପ୍ରତିଷ୍ଠାନର ସ୍ୱପ୍ନ ଦେଖୁନାହୁଁ। ଆମ କାରିଗରଙ୍କ ପାଖରେ ଯେଉଁ କଳା ଅଛି, ତାହା ଲୋକଲୋଚନକୁ ଆସିପାରୁ ନାହିଁ। ଯୁବ ଉଦ୍ୟୋଗୀମାନେ ଯେଉଁ ବି କ୍ଷେତ୍ରରେ ପାଦ ଦେଉଛନ୍ତି, ପ୍ରଥମେ ଭଲ ଭାବେ ଗବେଷଣା କରନ୍ତୁ ଓ ଉକ୍ତ କ୍ଷେତ୍ରର ସାମଗ୍ରିକ ଉନ୍ନତି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଓଡ଼ିଶାରେ ପର୍ଯ୍ୟାପ୍ତ କଞ୍ଚାମାଲ ରହିଛି। ଏହାକୁ ବିନିଯୋଗ କରି ଆମଦାନୀ ଅପେକ୍ଷା ରପ୍ତାନି ବୃଦ୍ଧି ପାଇଁ ଯୁବୋଦ୍ୟୋଗୀମାନେ ପ୍ରୟାସ କରିବେ। ଗହଣା କାରିଗର ବା ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ରତିଷ୍ଠାନ କରିବା ସରକାରଙ୍କ ପାଖରେ ମଧ୍ୟ ମୋର ଏକ ଅନୁରୋଧ ରହିବ। ଏଠାରେ କାରିଗରମାନେ ପରସ୍ପରକୁ ଭେଟି ଜ୍ଞାନକୌଶଳ ବିନିମୟ କରିପାରିବେ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

## ବଜାରରେ ଏଚ୍‌ପିର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧୮।୩**

ଏଚ୍‌ପିର ନୂତନ ଉତ୍ପାଦ ତଥା ନୂତନ ପିଢ଼ିର କମର୍ସିଆଲ ଏଆଇ ପିସିର ନୂଆ ଶୃଙ୍ଖଳାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଯାହାକୁ ବ୍ୟବସାୟ ଓ ପେସାଦାର ବ୍ୟକ୍ତିମାନଙ୍କ ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଶୃଙ୍ଖଳାରେ ଏଚ୍‌ପି ଏଲିଟ୍‌ବୁକ୍ ଅଲ୍‌ଟ୍ରା ଜି୧ଆଇ ୧୪-ଇଞ୍ଚ, ଏଚ୍‌ପି ଏଲିଟବୁକ ଏକ୍ସ ଜି୧ଆଇ ୧୪ ଇଞ୍ଚ୍ ଓ ଏଚ୍‌ପି ଏଲିଟବୁକ ଏକ୍ସ ଜି୧ଆଇ ଫ୍ଲିପ୍ ୧୪ ଇଞ୍ଚ୍ ମଡେଲ ସାମିଲ ରହିଛି। ଏହି ପିସିଗୁଡିକ ନୂଆ ଇଣ୍ଟେଲ କୋରଟିଏମ୍ ଅଲ୍‌ଟ୍ରା ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ ହେଉଛି। ଯେଉଁଥିରେ ଏକ ନ୍ୟୁରାଲ ପ୍ରୋସେସିଂ ୟୁନିଟ୍ (ଏନ୍‌ପିୟୁ) ରହିଛି। ଯାହା ପ୍ରତି ସେକେଣ୍ଡ ପିଛା ୪୮ଟ୍ରିଲିୟନ ପର୍ଯ୍ୟନ୍ତ ଅପରେଶନଗୁଡିକୁ (ଟପ୍‌ସ) ନିୟନ୍ତ୍ରଣ କରିପାରେ ବୋଲି କୁହାଯାଉଛି। ଏହାବ୍ୟତୀତ ଏଚ୍‌ପି ଭାରତରେ ଏଲିଟବୁକ ଏକ୍ସ ଜି୧ଏ ୧୪-ଇଞ୍ଚ୍ ନୋଟ୍‌ବୁକ୍‌ର ଶୁଭାରମ୍ଭ କରିଛି। ଯେଉଁଥିରେ ଏଏମ୍‌ଡି ରାଇଜେନ ପ୍ରୋସେସର ଏବଂ ଏକ ଏଚପି - ଏକ୍ସକ୍ଲୁସିଭ ଏନପିୟୁ ରହିଛି। ଯାହା ଶିଳ୍ପର ଅଗ୍ରଣୀ ୫୫ ଟିଓପିଏସ୍ ପ୍ରଦାନ ସହ ଏଆଇ ପ୍ରଦର୍ଶନରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଥାଏ। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ପର୍ସନାଲ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ବିନୀତ ଜିହାନି କହିଛନ୍ତି, ଆମର ଏଲିଟ୍‌ବୁକ ଶୃଙ୍ଖଳାକୁ ଦକ୍ଷତା ଓ ସୁରକ୍ଷା ବୃଦ୍ଧି କରିବା ପାଇଁ ନିର୍ମାଣ କରାଯାଇଛି ଏବଂ ଏହା ଭବିଷ୍ୟତର କାର୍ଯ୍ୟଗୁଡିକ ପାଇଁ ପର୍ସନାଲାଇଜ୍‌ଡ ଅନୁଭୂତି ପ୍ରଦାନ କରୁଛି। ଅତ୍ୟାଧୁନିକ ଏଆଇ, ଅଗ୍ରଗାମୀ ସୁରକ୍ଷା ଫିଚର ଓ ସ୍ଥାୟୀ ଉଦ୍ଭାବନଗୁଡିକୁ ଏକୀକୃତକରି ଏହି ଡିଭାଇସ୍‌ଗୁଡିକ ଶିଳ୍ପରେ ଏକ ନୂତନ ବେଞ୍ଚମାର୍କ ସ୍ଥାପନ କରିଛନ୍ତି।

## ପତଞ୍ଜଳି କୃଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର,୧୮।୩(ଅନୁରାଧା ମହାରଣା)**



ବାବା ରାମଦେବ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ ରାଷ୍ଟ୍ରୀୟ ଔଷଧୀୟ ପାଦପ ବୋର୍ଡ ପକ୍ଷରୁ ହରିଦ୍ୱାରସ୍ଥିତ ପତଞ୍ଜଳି ରିସର୍ଚ୍ଚ ଅନୁସନ୍ଧାନପରିସରରେ ଦୁଇଦିନିଆ କୃଷକ ପ୍ରଶିକ୍ଷଣ ଶିବିର ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଔଷଧୀୟ ବୃକ୍ଷ ଚାଷରେ ଉଦ୍ୟମିତା ବିକାଶ ପାଇଁ କ୍ଷେତ୍ରୀୟ ପ୍ରଶିକ୍ଷଣ ଶୀର୍ଷକ ଏହି ଶିବିରରେ ଔଷଧୀୟ ବୃକ୍ଷ ଚାଷ ତଥା ପ୍ରାକୃତିକ ଉପାୟରେ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. କୁନାଲ ଭଟ୍ଟାଚାର୍ଯ୍ୟ, ବକ୍ତା ଭାବେ ଡା. ଅରୁଣ ଚନ୍ଦନ, ମୀନାକ୍ଷୀ, ଶ୍ୱେତା, ଡା. ଜିତେନ୍ଦ୍ର ସିଂହ ବୁଟୋଲା, ପ୍ରଫେସର ଡା. ପ୍ରଦୀପ କୁମାର, ପବନ କୁମାର, କବିନ୍ଦ୍ର ସିଂହ, ଜ୍ଞାନ ପ୍ରକାଶ, ଅମିତ କାଲେ, ଭାନୁପ୍ରତାପ ସିଂହ, ପ୍ରଫେସର ମୟଙ୍କ କୁମାର ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଗୁରୁ ରାମଦେବ ଯୋଗଦେଇ କହିଥିଲେ, କୃଷି ଉଦ୍ୟମିତା ଚାଷର ଏପରି ଏକ ଦୃଷ୍ଟିକୋଣ ଯାହା ସାମାଜିକ, ଆର୍ଥିକ ଏବଂ ପର୍ଯ୍ୟାବରଣର ବିଭିନ୍ନ ପ୍ରକ୍ରିୟା ସହ ଜଡ଼ିତ। କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଯୋଗଦେଇଥିବା ବକ୍ତାମାନେ ସୁଚିନ୍ତିତ ମତାମତ ରଖିଥିଲେ। ଏଥିରେ ପତଞ୍ଜଳି ପରିବାରର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

## ଡିଜିଟାଲ ଇକୋସିଷ୍ଟମକୁ ପ୍ରୋତ୍ସାହନ

**ନୂଆଦିଲ୍ଲୀ,୧୮।୩**

ଭାରତର ଆଣ୍ଡ୍ରଏଡ୍ ଆପ୍ ମାର୍କେଟପ୍ଲେସ୍-ଇଣ୍ଡସ୍ ଆପ୍‌ଷ୍ଟୋର ପକ୍ଷରୁ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟାର ଅଗ୍ରଦୂତ ସାଓମି ଇଣ୍ଡିଆ ସହିତ ଏକ ବହୁବର୍ଷୀୟ ଭାଗୀଦାରି ସମ୍ପର୍କରେ ଘୋଷଣା କରିଛି। ଏହି ସହଯୋଗ ଭାରତୀୟ ଉପଭୋକ୍ତାଙ୍କ ପାଇଁ ପ୍ରସ୍ତୁତ ଏକ ସ୍ଥାନୀୟ ଡିଜିଟାଲ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଇଣ୍ଡସ୍ ଆପ୍‌ଷ୍ଟୋର ଏବଂ ସାଓମି ଇଣ୍ଡିଆର ମିଳିତ ପ୍ରତିବଦ୍ଧତାକୁ ସୂଚାଉଛି। ଭାରତରେ ସମସ୍ତ ନୂତନ ସାଓମି ସ୍ମାର୍ଟଫୋନରେ ଇଣ୍ଡସ୍ ଆପ୍‌ଷ୍ଟୋରକୁ ସମନ୍ୱିତକରି ଏବଂ ବର୍ତ୍ତମାନର ସ୍ମାର୍ଟଫୋନରେ ଗେଟ୍‌ଆପସକୁ ବଦଳାଇ, ଇଣ୍ଡସ୍ ଆପ୍‌ଷ୍ଟୋରର ଲକ୍ଷ୍ୟ ହେଉଛି ଉପଲବ୍ଧତା, ଆପ୍ ଆବିଷ୍କାର ଏବଂ ଏକ ନିରବଚ୍ଛିନ୍ନ ଉପଭୋକ୍ତା ଅଭିଜ୍ଞତାକୁ ପ୍ରୋତ୍ସାହିତ କରିବା।

ଏ ସମ୍ପର୍କରେ ଇଣ୍ଡସ୍ ଆପ୍‌ଷ୍ଟୋରର ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରିୟା ଏମ୍ ନରସିହ୍ମା କହିଛନ୍ତି, ଭାରତୀୟ ମୋବାଇଲ ୟୁଜର ଏବଂ ଡେଭଲପରମାନଙ୍କ ପାଇଁ ଏକ ହରାଇଜୋଣ୍ଟାଲ ଆପ୍ ଷ୍ଟୋର ନିର୍ମାଣ କରିବା ଲକ୍ଷ୍ୟରେ ସାଓମି ଇଣ୍ଡିଆ ସହିତ ଆମର ପାର୍ଟନରଶିପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ସାଓମି ଇଣ୍ଡିଆର ମୁଖ୍ୟ ପରିଚାଳନା ଅଧିକାରୀ ସୁଧୀନ ମାଥୁର କହିଛନ୍ତି, ସାଓମି ଇଣ୍ଡିଆରେ ଆମେ ସର୍ବଦା 'ମେକ୍ ଫର୍ ଇଣ୍ଡିଆ' ଉଦ୍ଭାବନକୁ ସମର୍ଥନ କରିଆସିଛୁ ଏବଂ ଇଣ୍ଡସ୍ ଆପ୍‌ଷ୍ଟୋର ସହିତ ଏହି ପାର୍ଟନରଶିପ ସେହି ଦିଗରେ ଏକ କୌଶଳଗତ ପଦକ୍ଷେପ । ଆମର ଇକୋସିଷ୍ଟମ ସହିତ ଇଣ୍ଡସ୍ ଆପ୍‌ଷ୍ଟୋରକୁ ଏକୀକୃତକରି ଆମେ ୟୁଜରମାନଙ୍କୁ ଏକ ନିରବଚ୍ଛିନ୍ନ ଏବଂ ସମୃଦ୍ଧ ଆପ୍ ଆବିଷ୍କାରର ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସୋସିଆଲ ଇମ୍ପାକ୍ଟ ପୁରସ୍କାର

**ନୂଆଦିଲ୍ଲୀ,୧୮।୩**



ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆକୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'ଆଇସିସି ସୋସିଆଲ ଇମ୍ପାକ୍ଟ ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଦ୍ୱାରା କୋଲକାତାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ମେଗା ଏଣ୍ଟରପ୍ରାଇଜ୍ ବର୍ଗରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସ୍ୱତନ୍ତ୍ର ଜୁରି ପ୍ରଶଂସା ପୁରସ୍କାର ହାସଲ କରିଛି।ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ପ୍ରକଳ୍ପ, ଡିଜିଟାଲ ପାଠଶାଳା' ପାଇଁ ଏହି ପ୍ରଶଂସା ଲାଭ କରିଛି। 'ଡିଜିଟାଲ ପାଠଶାଳା' ପ୍ରକଳ୍ପ ମାଧ୍ୟମରେ ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ର ୧୦୦ରୁ ଅଧିକ ସରକାରୀ ସ୍କୁଲରେ ଇ-ସ୍ମାର୍ଟ ଶ୍ରେଣୀଗୃହ ସ୍ଥାପନ କରାଯାଇଛି।

ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାର କରି ଏକ ଅଭିନବ ପଦ୍ଧତିରେ ଶିକ୍ଷଣ ଅଭିଜ୍ଞତାକୁ ଉନ୍ନତ କରାଇବା ସହ ଛାତ୍ରୀଛାତ୍ରମାନଙ୍କୁ ସଶକ୍ତ କରିବା ପାଇଁ ପଦକ୍ଷେପ ନେଇଛି। ଆଇସିସି ଦ୍ୱାରା ଆୟୋଜିତ ୭ମ ଆଇସିସି ସାମାଜିକ ପ୍ରଭାବ ପୁରସ୍କାର ୨୦୨୫ ଅବସରରେ ଆଇଟିସି ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଏବଂ ସାମାଜିକ ନିବେଶ ବିଭାଗ ମୁଖ୍ୟ ଏଲ୍. ପ୍ରଭାକର ଏବଂ କନ୍‌ସଲଟିଭୋର ସିଇଓ ସୈକତ ବାସୁଙ୍କଠାରୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

**ଭୁବନେଶ୍ୱର,୧୮।୩**



ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ 'ଶକ୍ତି ସେ ପ୍ରଗତି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହିଅଭିଯାନଅଂଶବିଶେଷଅନୁଯାୟୀ କମ୍ପାନୀର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ମହିଳା ଦିବସ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସପ୍ତାହ ମଧ୍ୟରେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ କମ୍ପାନୀର କାର୍ଯ୍ୟ ପରିସର ମଧ୍ୟରେ ଲିଙ୍ଗଗତ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡ଼ିକର ଏକ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା। ସେହିଭଳି ଏହି ପ୍ରୟାସଗୁଡ଼ିକ ଗୋଷ୍ଠୀର ବୃହତର ଅଭିଯାନ 'ଶକ୍ତି ସେ ପ୍ରଗତି'ର ଏକ ଅଂଶ ଥିଲା।

ଶକ୍ତି ସେ ପ୍ରଗତି ହେଉଛି ବେଦାନ୍ତର ପ୍ରତିବଦ୍ଧତା, ଯାହା ମହିଳାମାନଙ୍କୁ ପରିବର୍ତ୍ତନର ଉତ୍ପ୍ରେରକ ଭାବରେ ସେମାନଙ୍କ ଜୀବନ, କର୍ମକ୍ଷେତ୍ର, ଘର, ସମ୍ପ୍ରଦାୟକୁ ସଶକ୍ତ କରିବା। ଏହା ସେମାନଙ୍କର ଶକ୍ତି, ସ୍ଥିରତା ଏବଂ ଅସୀମ ସମ୍ଭାବନାର ଏକ ଉତ୍ସବ-ଏକ ଯାତ୍ରା ଯାହା ସେମାନଙ୍କୁ ଉଠିବା, ପ୍ରତିବନ୍ଧକ ଭାଙ୍ଗିବା ଏବଂ ସେମାନଙ୍କର ଭବିଷ୍ୟତକୁ ପୁନଃ ଲିଖନ କରିବାରେ ସାହାଯ୍ୟ କରିଥାଏ।

ସେହିଭଳି ଏହି ସପ୍ତାହର ମୁଖ୍ୟ ଆକର୍ଷଣ ଦକ୍ଷତା ବିକାଶ ଏବଂ ଏକ ଅନ୍ତର୍ଭୁକ୍ତ କର୍ମଚାରୀ ହ୍ୟାଣ୍ଡବୁକ୍ ଆରମ୍ଭ କରିବାଠାରୁ ଆରମ୍ଭକରି ଆର୍ଥିକ ସାକ୍ଷରତା ଏବଂ ଆତ୍ମରକ୍ଷା ତାଲିମ ପର୍ଯ୍ୟନ୍ତ।

ବେଦାନ୍ତର ମହିଳା ସପ୍ତାହ ପାଳନ ମହିଳା କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ପ୍ରେରଣା, ଉନ୍ନତି ଏବଂ ସମର୍ଥନ କରିବା ପାଇଁ ଡିଜାଇନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଭାବେ ମହିଳାମାନଙ୍କୁ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାରେ ପହଞ୍ଚିବା ପାଇଁ ସଶକ୍ତ କରିବାରେ ଦୃଢ଼ ବିଶ୍ୱାସ କରୁ। ଆମର ମହିଳା ସପ୍ତାହ ପାଳନ ଲିଙ୍ଗ ଅନ୍ତର୍ଭୁକ୍ତି ଏବଂ ସମସ୍ତ ସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବା ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ। ଅଭିବୃଦ୍ଧି, ଦକ୍ଷତା ବିକାଶ ଏବଂ ନେତୃତ୍ୱ ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନକରି ଆମେ ଆମର ସଙ୍ଗଠନ ଏବଂ ସମ୍ପ୍ରଦାୟ ମଧ୍ୟରେ ଥିବା ଅବିଶ୍ୱସନୀୟ ମହିଳାମାନଙ୍କୁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛୁ।

# ବୋଲିଂରେ କେକେଆର୍, ମୁମ୍ବାଇ, ଏସ୍‌ଆର୍‌ଏଚ୍ ଦୃଢ଼

**ଆଇପିଏଲ୍-୧୮**

ନୂଆଦିଲ୍ଲୀ,୧୮।୩(ପି.ଟି.)

ବ୍ୟାଟରଙ୍କ ଆଟାକିଂ ବ୍ୟାଟିଂ ଦେଖିବା ପାଇଁ ଦର୍ଶକ ଆଇପିଏଲ୍‌କୁ ପସନ୍ଦ କରନ୍ତି। କିନ୍ତୁ ବୋଲରମାନେ ହିଁ ଆଗାମୀ ଆଇପିଏଲ୍‌ରେ ମୁଖ୍ୟ ଭୂମିକା ଗ୍ରହଣ କରିବେ, ଯାହାକି ନୂଆ କଥା ନୁହେଁ। ଯଦି ବୋଲିଂ ୟୁନିଟ୍ ଦୃଷ୍ଟିରୁ ବିଭିନ୍ନ ଆଇପିଏଲ ଫ୍ରାଞ୍ଚାଇଜ୍‌କୁ ତୁଳନା କରିବା ତେବେ ଡିଫେଣ୍ଡିଂ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର), ୫ ଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ଗତ ଥରର ରନର ଅପ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ପାଖରେ ସବୁଠୁ ସନ୍ତୁଳିତ ବୋଲିଂ ଆକ୍ରମଣ ରହିଥିବା ଜଣାପଡ଼ିବ। ଇମ୍ପାକ୍ଟ ପ୍ଲେୟର ରୁଲ କାରଣରୁ ଅଲରାଉଣ୍ଡରଙ୍କ ବ୍ୟବହାର ହ୍ରାସ ପାଇଛି। ପ୍ରାୟତଃ ଦଳ ଏବେ ୫ ବିଶେଷଜ୍ଞ ବୋଲରଙ୍କୁ ଖେଳାଉଛନ୍ତି। ଟାର୍ଗେଟକୁ ଡିଫେଣ୍ଡ କଲା ବେଳେ କିଛି ଦଳ ୬ ବୋଲରଙ୍କୁ ଖେଳାଉଥିବାର ଦୃଷ୍ଟାନ୍ତ ରହିଛି।

କେକେଆର୍ ପାଖରେ ହର୍ଷିତ ରାଣାଙ୍କ ଭଳି ଭାରତୀୟ ଫାଷ୍ଟ ବୋଲିଂ ବିକଳ୍ପ ରହିଛି। ତାଙ୍କ ପାଖରେ ୧୪୦ କେଏମ୍‌ପିଚ ଗତି ସହ ଅତିରିକ୍ତ ବାଉନ୍ସ ପ୍ରାପ୍ତ କରିବାର ଦକ୍ଷତା ରହିଛି। ଗତ କିଛି ବର୍ଷରେ ଭାରତୀୟ ଟି୨୦ ଦଳର ଟ୍ରମ୍ପ କାର୍ଡ ପାଲଟିଥିବା ବରୁଣ ଚକ୍ରବର୍ତ୍ତୀ ତାଙ୍କୁ ସମର୍ଥନ କରିବେ। ଏଥିସହିତ ଦଳରେ ଅନରିଚ ନର୍ଜେଙ୍କ ଘାତକ ପେସ ଓ ସୁନୀଲ ନାରିନ ରହିଛନ୍ତି। ଏହାର ଅର୍ଥ ଦଳର ୧୬ ଓଭରରେ କୌଣସି ସମସ୍ୟା ନାହିଁ। ବଳକା ୪ ଓଭର ଲାଗି ଗତ ବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବୈଭବ ଆରୋରା ଓ ଆନ୍ଦ୍ରେ ରସେଲଙ୍କ ବିକଳ୍ପ ରହିଛି। ଏମାନଙ୍କ ଛଡ଼ା ଉପ ଅଧିନାୟକ ଭେଙ୍କଟେଶ ଆୟର ଓ ରମନଦୀପ ସିଂ ମଧ୍ୟ ବୋଲିଂ କରିପାରନ୍ତି। ଯଦି ନର୍ଜେ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି, ତାଙ୍କ ସ୍ଥାନରେ ଖେଳିବା ପାଇଁ ବାମହାତୀ ପେସର ସ୍ପେନସର ଜନସନ ରହିଛନ୍ତି। ଚେନ୍ନାଇ ଭଳି ଟ୍ରାକରେ ମୋଇନ ଅଲୀଙ୍କୁ ମଧ୍ୟ ଖେଳାଯାଇପାରେ।

ଗତ ୪ ବର୍ଷ ହେଲା ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ଖୁବ୍ ଖରାପ ପ୍ରଦର୍ଶନ କରିଛି। କିନ୍ତୁ ଫ୍ରାଞ୍ଚାଇଜ ତା'ର କୋର ବୋଲିଂ ଗ୍ରୁପ ବଜାୟ ରଖିଛି। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଦଳକୁ ମ୍ୟାଚ ଜିତାଇପାରୁଥିବା ବୋଲର ରହିଛନ୍ତି। ହେଲେ ଯଶପ୍ରୀତ ବୁମରା ଦଳରେ ଯୋଗ ଦେବା ପୂର୍ବରୁ ବୋଲିଂ ୟୁନିଟ ପ୍ରଦର୍ଶନ ଉପରେ ଏମ୍‌ଆଇର ଅଭିଯାନ ନିର୍ଭର କରିବ। ବୁମରା ଏପ୍ରିଲରେ ଦଳରେ ଯୋଗଦେବେ। ଦଳ ପାଖରେ ଦକ୍ଷ ସ୍ୱିଙ୍ଗ ବୋଲର ଭାବେ ଦୀପକ ଚହର ରହିଛନ୍ତି। ତାଙ୍କ ସହିତ ଟ୍ରେଣ୍ଟ ବୋଲ୍ଟ ଦଳ ପାଇଁ ନୂଆ ବଲରେ ବୋଲିଂ କରିବେ। ମିଚେଲ ସାଣ୍ଟନର, ମୁଜୀବ ଉର ରହମାନ ଓ କର୍ନ ଶର୍ମାଙ୍କ ଭଳି ଦକ୍ଷ ସ୍ପିନର ଅଛନ୍ତି। ଅନ୍ୟ ବୋଲିଂ ବିକଳ୍ପ ଭାବେ ଦଳରେ ରିସି ଟପଲି, କର୍ବିନ ବୋଶ୍‌ଙ୍କ ଭଳି ବୋଲର ରହିଛନ୍ତି।

ଉପଲ ଟ୍ରାକର ଫ୍ଲାଟ ପିଚରେ ବୋଲିଂ କରିବା ଏସ୍‌ଆରଏଚ୍‌ର ବୋଲରଙ୍କ ଲାଗି ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ। ଦଳ ପାଖରେ ଅଧିନାୟକ ପାଟ କୁମିନ୍ସ ଓ ମହମ୍ମଦ ଶାମି ରୂପେ ଦୁଇ ଦକ୍ଷ ପେସର ରହିଛନ୍ତି। ଏମାନଙ୍କ ବ୍ୟତୀତ ତୃତୀୟ ପେସର ଭାବେ ହର୍ଶଲ ପଟେଲ ରହିଛନ୍ତି, ଯିଏ କି ଜଣେ ଭଲ ଡେଥ୍ ଓଭର ବୋଲର। ରିଷ୍ଟ ସ୍ପିନର ଆଡମ ଝାମ୍ପା, ରାହୁଲ ଚହର ଓ ଅଭିଷେକ ଶର୍ମାଙ୍କ ଭଳି ବିକଳ୍ପ ରହିଛି।

ଆଶିଷ ନେହେରାଙ୍କ ଗୁଜରାଟ ଟାଇଟାନ୍ସ ପାଖରେ ବିଶ୍ୱର ନଂ-୧ ଟି୨୦ ବୋଲର ରଶିଦ ଖାନ, କାଗିସୋ ରାବାଡା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ବୋଲର ରହିଛନ୍ତି। ସ୍ପିନ ବିଭାଗରେ ଆର ସାଇ କିଶୋର ଓ ୱାଶିଂଟନ ସୁନ୍ଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ।

ରାଜସ୍ଥାନ ରୟାଲ୍ସ ପାଖରେ ୱାନିନ୍ଦୁ ହାସାରଙ୍ଗା ଓ ମହିଶ ଥିକସାନାଙ୍କୁ ନେଇ ଗଠିତ ଭଲ ସ୍ପିନ ବିଭାଗ ରହିଛି। ରିୟାନ ପରାଗ ମଧ୍ୟ ଜଣେ କାମଚଳା ଅଫ ସ୍ପିନର। ପେସ ବିଭାଗରେ ଜୋଫ୍ରା ଆର୍ଚ୍ଚରଙ୍କୁ ସନ୍ଦୀପ ଶର୍ମା, କ୍ୱେନା ମାଫାକା, କୁମାର କାର୍ତ୍ତିକେୟା, ଆକାଶ ମାଢ଼ୱାଲ, ତୁଷାର ଦେଶପାଣ୍ଡେ ରହିଛନ୍ତି। ଏଥିଯୋଗୁ ପେସ ବୋଲିଂ ୟୁନିଟରେ ଅଭିଜ୍ଞତା ରହିଛି।

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) କ୍ଷେତ୍ରରେ ମଧ୍ୟ ଅବସ୍ଥା ସମାନ କହିଲେ ଚଳିବ। ଦଳରେ ମଥିଶା ପାଥିରାଣା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଛାଡ଼ି ଦେଲେ ଅନ୍ୟ ବୋଲରଙ୍କ ନିକଟରେ ବିଶେଷ ଅଭିଜ୍ଞତା ନାହିଁ। ଜେମି ଓଭରଟନ, କମଲେଶ ନାଗରକୋଟି, ସାମ କୁରାନ, ନାଥନ ଏଲିସ, ମୁକେଶ ଚୌଧାରୀ, ଖଲିଲ ଅହମ୍ମଦଙ୍କ ସହିତ ନୁର ଅହମ୍ମଦ ରହିଛନ୍ତି, ଯିଏ କି ଚେନ୍ନାଇ ପିଚରେ ଘାତକ ସାବ୍ୟସ୍ତ ହୋଇପାରନ୍ତି।

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଖରେ ମୟଙ୍କ ଯାଦବଙ୍କ ରୂପେ ଜଣେ ଘାତକ ପେସର ରହିଛନ୍ତି। ହେଲେ ସେ କେବେ ଖେଳିବେ, ତାହା ସ୍ପଷ୍ଟ ହୋଇ ନାହିଁ। ରବି ବିଷ୍ଣୋଇ, ଆକାଶ ଦୀପ, ଶାହାବାଜ ଅହମ୍ମଦଙ୍କ ଭଳି ବୋଲିଂ ବିକଳ୍ପ ଦଳ ପାଖରେ ରହିଛି।

ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)ର ୨୦ରୁ ୧୨ଓଭର ବୋଲିଂ କରିବାରେ କୌଣସି ଅସୁବିଧା ହେବ ନାହିଁ। କାରଣ ଦଳ ପାଖରେ ଅଧିନାୟକ ଅକ୍ଷର ପଟେଲ, ମିଚେଲ ଷ୍ଟାର୍କ ଓ କୁଲଦୀପ ଯାଦବଙ୍କ ରୂପେ ଦକ୍ଷ ବୋଲର ରହିଛନ୍ତି। ଏମାନଙ୍କ ସହ ଟି ନଟରାଜନ, ମୁକେଶ କୁମାର, ମୋହିତ ଶର୍ମାଙ୍କ ଭଳି ଡେଥ ଓଭର ସ୍ପେଶାଲିଷ୍ଟଙ୍କ ଉପସ୍ଥିତି ରହିଛି।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ସର୍ବଦା ବୋଲିଂ ସମସ୍ୟାର କାରଣ ହୋଇରହିଛି। ଏଥର ଭୁବନେଶ୍ୱର କୁମାର, ଜୋଶ ଜାଜେଲଉଡ, ନୂଆନ ଥୁସାରା, ଲୁଙ୍ଗି ଏନଗିଡ଼ି, ଯଶ ଦୟାଲ, ସୂୟଶ ଶର୍ମା, କୃନାଲ ପାଣ୍ଡ୍ୟା ବୋଲିଂ ୟୁନିଟ ସମ୍ଭାଳିବେ।



ଦ୍ରୁତ ବୋଲର ସ୍ପେନସର ଜନସନଙ୍କ ସହ କେକେଆର କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତ।

# ଉଦିତା-ମନଦୀପ୍‌ଙ୍କ ନୂଆ ଇନିଂସ

**ମାର୍ଚ୍ଚ ୨୧ରେ ବିବାହ ବନ୍ଧନରେ ଆବଦ୍ଧ ହେବେ**



ମନଦୀପ ସିଂ ଓ ଉଦିତା।

ଜଳନ୍ଧର, ୧୮।୩

ଭାରତର ଦୁଇ ହକି ଅଲିମ୍ପିଆନ୍ ଉଦିତା ଓ ମନଦୀପ୍ ସିଂ ଜୀବନର ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଛନ୍ତି ଅର୍ଥାତ୍ ଚଳିତ ମାସ ୨୧ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବେ। ଉଦିତା ଭାରତୀୟ ମହିଳା ହକି ଦଳରେ ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ହୋଇଥିବାବେଳେ ପୁରୁଷ ହକି ଦଳରେ ମନଦୀପ୍ ଜଣେ ଦକ୍ଷ ଫର୍‌ୱାର୍ଡ। ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିଥିବା ଭାରତୀୟ ଦଳରେ ଦୁହେଁ ସାମିଲ ଥିଲେ। ଭାରତୀୟ ପୁରୁଷ ଦଳ ଐତିହାସିକ ବ୍ରୋଞ୍ଜ୍ ପଦକ ଜିତିଥିବାବେଳେ ମହିଳା ଦଳ ଅଳ୍ପକେ ବଞ୍ଚିତ ହୋଇ ୪ର୍ଥ ସ୍ଥାନ ହାସଲ କରିଥିଲା। ମନଦୀପ୍ ଜଳନ୍ଧର ମିଥାପୁର ଗ୍ରାମର ହୋଇଥିବାବେଳେ ଉଦିତା ହରିୟାଣାର ହିସାର ବାସିନ୍ଦା। ବିବାହ ପୂର୍ବରୁ ଏହି ଦମ୍ପତି ପ୍ରି-ୱେଡିଂ କର୍ମକର୍ମାଣି ସ୍ୱତନ୍ତ୍ର ମୁହୂର୍ତ୍ତର ଫଟୋ ଶେୟାର କରିଛନ୍ତି। ୨୦୨୪ ମାର୍ଚ୍ଚରେ ୩୦ ବର୍ଷୀୟ ମନଦୀପ୍ ପଞ୍ଜାବ ପୋଲିସରେ ଡିଏସ୍‌ପି ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ରେ ଜାତୀୟ ସିନିୟରରେ ଡେବ୍ୟୁ କରିଥିବା ଏହି ଫରୱାର୍ଡ ଖେଳାଳି ଏପର୍ଯ୍ୟନ୍ତ ୨୬୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୨୦ଟି ଗୋଲ ସ୍କୋର କରିସାରିଛନ୍ତି। ଅନ୍ୟପକ୍ଷରେ ଉଦିତା ୨୦୧୭ରେ ଜାତୀୟ ସିନିୟର କ୍ୟାରିୟର ଆରମ୍ଭକରି ୧୨୭ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୪ଟି ଗୋଲ ଦେଇଛନ୍ତି। ଭାରତୀୟ ଅଲିମ୍ପିଆନ୍ ଯୋଡ଼ି ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ-ପାରୁପଲ୍ଲୀ କାଶ୍ୟପ, ଆର୍ଚ୍ଚର ଦୀପିକା କୁମାରୀ-ଅତନୁ ଦାସ ଏବଂ ହକି ଖେଳାଳି ମୋନିକା ମଲିକ-ଆକାଶଦୀପ ସିଂଙ୍କ କ୍ଲବରେ ଏବେ ଉଦିତା-ମନଦୀପ୍ ସାମିଲ ହେବାକୁ ଯାଉଛନ୍ତି।

# ସାବିତ୍ରୀଙ୍କୁ ବ୍ରୋଞ୍ଜ



**ଭୁବନେଶ୍ୱର, ୧୮।୩(ତପନ ସ୍ୱାଇଁ):** ଉତ୍ତର ପ୍ରଦେଶର ଗ୍ରେଟର ନଏଡ଼ାରେ ଆରମ୍ଭ ହୋଇଥିବା ୨୨ତମ ଜାତୀୟ ସିନିୟର ପାରା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ସାବିତ୍ରୀ ବେହେରା ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ସେ ମହିଳା ୫୦ କେଜି ବର୍ଗରେ ୪୦ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାରାଷ୍ଟ୍ରର ପ୍ରତିମା ବୋନ୍ଦେ ୮୦ କେଜି ସହ ସ୍ୱର୍ଣ୍ଣ ଓ ତାମିଲନାଡୁର ଗୋମତି ୬୦ କେଜି ଉତ୍ତୋଳନ କରି ରୌପ୍ୟ ପଦକ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଜଣେ ମହିଳା ଓ ୩ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନିଜର କଠିନ ପରିଶ୍ରମ ଏବଂ କୋଚ୍/ଅଫିସିଆଲଙ୍କ ସହାୟତା ଯୋଗୁ ସାବିତ୍ରୀ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟକୁ ରୌପ୍ୟ

ଭୁବନେଶ୍ୱର, ୧୮।୩ (ତପନ ସ୍ୱାଇଁ)

ମଙ୍ଗଳବାର ଶେଷ ହୋଇଥିବା ପୂର୍ବାଞ୍ଚଳ ପୁରୁଷ ବିଶ୍ୱ ବିଦ୍ୟାଳୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ରୌପ୍ୟ ପଦକ ହାସଲ କରିଛି। ଏହି ପ୍ରତିଯୋଗିତାରେ ମୋଟ ୨୫ ବିଶ୍ୱବିଦ୍ୟାଳୟ ଦଳ ଭାଗ ନେଇ ଥିଲେ। ଉତ୍କଳ ବିଶ୍ୱ ବିଦ୍ୟାଳୟ ଫାଇନାଲରେ କାଶୀ ବିଶ୍ୱ ବିଦ୍ୟାଳୟଠାରୁ ପରାସ୍ତ ହୋଇ ପ୍ରଥମ ଥର ପାଇଁ ରୌପ୍ୟ ପଦକ ହାସଲ କରିଥିଲା। ଏଥିସହ ଉତ୍କଳ ସର୍ବ ଭାରତୀୟ ବିଶ୍ୱ ବିଦ୍ୟାଳୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛି। ଉତ୍କଳ ରୌପ୍ୟ ପଦକ ହାସଲ କରିବାରେ ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା।



ଆର୍ଯ୍ୟନ ବ୍ରାହ୍ମିନ

# କେକେଆରର ଇକୋ-ଫ୍ରେଣ୍ଡଲୀ ଜର୍ସି ଉନ୍ମୋଚିତ

କୋଲକାତା,୧୮।୩

କୋଲକାତା ନାଇଟ ରାଇଡର୍ସ (କେକେଆର) ପକ୍ଷରୁ ଆଗାମୀ ଆଇପିଏଲ ସିଜନ ପାଇଁ ନୂଆ ଜର୍ସି ଉନ୍ମୋଚିତ କରାଯାଇଛି। ସେମାନଙ୍କ 'ରନ୍ସ ଟୁ ରୁଟ୍ସ' ନାମକ ଏକ ଅଭିନବ ପରିବେଶ ସୁରକ୍ଷା ଭିତ୍ତିକ ଅଭିଯାନ ଅନୁଯାୟୀ, ନୂଆ ଜର୍ସିକୁ ବାୟୋଡିଗ୍ରେଡବଲ ସାମଗ୍ରୀରେ ପ୍ରସ୍ତୁତ କରାଯାଇଛି। ଏଥିରେ ବ୍ୟବହାର କରାଯାଇଥିବା ପଦାର୍ଥ ଶତ ପ୍ରତିଶତ ଜୈବବିଘଟନ ଯୋଗ୍ୟ, ଯାହାକି ପରିବେଶ ସୁରକ୍ଷା ପ୍ରତି ଦଳର ପ୍ରତିବଦ୍ଧତାକୁ ଦର୍ଶାଉଛି। ଦଳ ଏପର୍ଯ୍ୟନ୍ତ ୩ ଟାଇଟଲ ଜିତିଥିବାରୁ ନୂଆ ଜର୍ସିରେ ୩ ଷ୍ଟାର ସ୍ଥାନ ପାଇଛି। ଇକୋ-ଫ୍ରେଣ୍ଡଲୀ ଜର୍ସି ସହିତ ଫ୍ରାଞ୍ଚାଇଜ ପକ୍ଷରୁ ସ୍ଥାୟୀ ପ୍ୟାକେଜିଂ ବ୍ୟବସ୍ଥା କରାଯାଇଛି, ଯାହାକି ପାଣି ସହିତ ମାଟିରେ ମିଶିବା ପରେ ଗଛରେ ପରିଣତ ହୋଇଯାଏ।

**ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍**

# ଆୟୋଜନ କମିଟି ଗଠନ କରିବ ବିସିସିଆଇ

**ନୂଆଦିଲ୍ଲୀ, ୧୮।୩ (ପି.ଟି.):** ଚଳିତବର୍ଷ ପରବର୍ତ୍ତୀ ଭାଗରେ ଦେଶରେ ହେବାକୁଥିବା ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଏକ ଆୟୋଜନ କମିଟି ଗଠନ କରିବ। ଏଥିଲାଗି ମାର୍ଚ୍ଚ ୨୨ରେ କୋଲ୍‌କାତାଠାରେ ଜରୁରିକାଳୀନ ଆପେକ୍ସ କାଉନ୍‌ସିଲ ବୈଠକ ଡକାଯାଇଛି। ଏଥିରେ ଏହି ଆଇସିସି ଇଭେଣ୍ଟ ଲାଗି ଭେନ୍ୟୁ ଧାର୍ଯ୍ୟ କରାଯିବ। ଇଡେନ୍‌ଗାର୍ଡେନ୍ସଠାରେ ଗତଥରର ଚାମ୍ପିୟନ କୋଲ୍‌କାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଆଇପିଏଲ୍ ଓପନ୍ ପୂର୍ବରୁ ଏହି ବୈଠକ ବସିବ। ବିସିସିଆଇ ପୂର୍ବରୁ ୨୦୧୩ରେ ମହିଳା ଦିନିକିଆ ବିଶ୍ୱକପ୍ ଅୟୋଜନ କରିଥିଲା। ଏଥର ଅକ୍ଟୋବରରେ ଟୁର୍ନାମେଣ୍ଟ ଖେଳାଯିବାକୁଥିବା ବେଳେ ଏପର୍ଯ୍ୟନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇପାରିନାହିଁ। ଆପେକ୍ସ କାଉନ୍‌ସିଲ ଆହୁରି ମଧ୍ୟ ୨୦୨୫-୨୬ ଘରୋଇ ସିଜନ ପାଇଁ ଢାଞ୍ଚା ଚୂଡ଼ାନ୍ତ କରିପାରିନାହିଁ। ଘରୋଇ ସିଜନର ଅଂଶବିଶେଷ ସ୍ୱରୂପ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ଲାଗି ଭେନ୍ୟୁ ଧାର୍ଯ୍ୟ କରିବାକୁ ପଡ଼ିବ। ସରକାରଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ଯାଇ ବିସିସିଆଇ ତମାଖୁ ସ୍ପନ୍‌ସରଶିପ୍‌କୁ ବନ୍ଦ କରିଦେବା ଲାଗି ନିଷ୍ପତ୍ତି ନେବ। ଚଳିତ ମାସ ଆରମ୍ଭରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଚ୍ଚ ୨୨ରୁ ଆରମ୍ଭ ହେଉଥିବା ଆଇପିଏଲ୍ ବେଳେ ସରୋଗେଟ୍ ବିଜ୍ଞାପନ ସମେତ ସମସ୍ତ ପ୍ରକାର ତମାଖୁକୁ ବାରଣ କରିବା ଲାଗି ନିର୍ଦ୍ଦେଶ ଦେଇଥିଲା। ଆପେକ୍ସ କାଉନ୍‌ସିଲ ବୈଠକରେ କ୍ରିପ୍ଟୋ କରେନ୍ସି ସମେତ ତମାଖୁ ସମ୍ପର୍କିତ ସ୍ପନ୍‌ସରଶିପ୍ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଆଯିବ।

# କଳାହାଣ୍ଡି କପ୍ ଆରମ୍ଭ



ସୂର୍ଯ୍ୟକାନ୍ତ ପ୍ରଧାନ



ରାମଚନ୍ଦ୍ର ବେହେରା



ପ୍ରମୋଦ ବେହେରା

ଭୁବନେଶ୍ୱର, ୧୮।୩(ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସମ୍ମାନ୍‌ଜନକ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟ ମଙ୍ଗଳବାର ୯ଟି ଭେନ୍ୟୁରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଗ୍ରୁପ୍-ଏ, ବି ଓ ସି'ର ମୋଟ ୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଇକୋର୍ସା ୧୨୧ ରନ୍‌ରେ କୋରାପୁଟକୁ ହରାଇଥିବାବେଳେ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ନବରଙ୍ଗପୁର ୧ ଉଇକେଟରେ ମୟୂରଭଞ୍ଜକୁ, ସନ୍‌ସାଇନ୍ ପଡ଼ିଆରେ ଯାଜପୁର ୩ ଉଇକେଟରେ କନ୍ଧମାଳକୁ ଓ ବାରବାଟୀ ଷ୍ଟାଡିୟମରେ କଟକ-ଏ ୭୧ ରନ୍‌ରେ କେନ୍ଦୁଝରକୁ ପରାସ୍ତ କରିଛି। ସେହିପରି ଅଡ଼ଶପୁର ଗ୍ରାଉଣ୍ଡରେ ବୌଦ୍ଧ ୭ ଉଇକେଟରେ ନୂଆପଡ଼ାକୁ, ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖୋର୍ଦ୍ଧା ୯୯ ରନରେ ଜଗତ୍‌ସିଂହପୁରକୁ, କିଟ୍ ଷ୍ଟାଡିୟମରେ ଭୁବନେଶ୍ୱର ବି' ୭ ଉଇକେଟରେ ନୟାଗଡ଼କୁ, ଖୋର୍ଦ୍ଧା ଗ୍ରାଉଣ୍ଡରେ ପାରାଦୀପ ୬୦ ରନ୍‌ରେ ଗଜପତିକୁ ଓ ଜଟଣୀ ରେଲ୍‌ୱେ ପଡ଼ିଆରେ ସୁନ୍ଦରଗଡ଼ ୮ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଇକୋର୍ସାର ସୂର୍ଯ୍ୟକାନ୍ତ ପ୍ରଧାନ ଶତକ (୧୦୩) ହାସଲ କରିଥିବାବେଳେ ମୟୂରଭଞ୍ଜର ମାରି ଲୋକନାଥ ୯୩, ପାରାଦୀପର ଅମିତ ରାଉତ ୯୦ ଓ ଗଜପତିର ରମଣି ରଞ୍ଜନ ଜେନା ୯୦ ରନ୍ ସ୍କୋର କରିଛନ୍ତି। କଟକ-ଏ'ର ରାମଚନ୍ଦ୍ର ବେହେରା ଓ ପାରାଦୀପର ପ୍ରମୋଦ ବେହେରା ୫ ଉଇକେଟ ସଫଳତା ପାଇଛନ୍ତି।

# ପଡ଼ିଆରେ ସଂଜ୍ଞାହୀନ କ୍ରିକେଟରଙ୍କ ମୃତ୍ୟୁ

**ଆଡିଲେଡ୍, ୧୮।୩ (ପି.ଟି.):** ସ୍ଥାନୀୟ କନକୋର୍ଡିଆ କଲେଜ ଖେଳପଡ଼ିଆରେ ଏକ କ୍ଲବ୍‌ସ୍ତରୀୟ ମ୍ୟାଚ୍ ଚାଲିଥିବାବେଳେ ଜଣେ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଜୁନେଲ ଜାଫର ଖାନ୍ ସଂଜ୍ଞାହୀନ ହୋଇ ତଳେ ପଡ଼ିଯିବା ପରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ପ୍ରିନ୍ସ ଆଲଫ୍ରେଡ୍ ଓଲ୍ଡ କଲେଜିଆନ୍ସ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚରେ ୪୦ ବର୍ଷୀୟ ଖାନ୍ ଓଲ୍ଡ କନ୍କର୍ଡିଆନ୍ସ କ୍ରିକେଟ କ୍ଲବ ତରଫରୁ ଖେଳୁଥିଲେ। ମ୍ୟାଚ୍‌ରେ ୪୦ ଓଭର ଫିଲ୍ଡିଂ କରିବା ପରେ ସେ ୭ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ଖାନ୍ ଅଷ୍ଟ୍ରେଲୀୟ ସମୟାନୁସାରେ ଅପରାହ୍ନ ୪ଟା ବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପାଣିପାଗ ବିଭାଗ ତଥ୍ୟ ଅନୁସାରେ, ସାଉଥ୍ ଅଷ୍ଟ୍ରେଲିଆରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ବର୍ତ୍ତମାନ ଏହି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍‌ଠାରୁ ଅଧିକ ରହିଛି। ଆଡିଲେଡ୍ ଟର୍ଫ କ୍ରିକେଟ ଆସୋସିଏଶନର ପ୍ରଚଳିତ ନିୟମାନୁସାରେ, ଯଦି ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ଉପରକୁ ଯାଏ ତେବେ ମ୍ୟାଚ୍‌କୁ ବାତିଲ କରିଦିଆଯାଇଥାଏ। ସୂଚନାଯୋଗ୍ୟ, ଖାନ୍ ୨୦୧୩ରୁ ଆଡିଲେଡ୍‌ରେ ଅବସ୍ଥାନ କରୁଥିଲେ। ସେ ସେଠାରେ ଏକ ଆଇଟି କମ୍ପାନୀରେ କାର୍ଯ୍ୟ ମଧ୍ୟ କରୁଥିଲେ।

# ରାଜସ୍ଥାନ ରୟାଲ୍ସ ପ୍ରାକ୍ଟିସ୍ ସେସନରେ ସାମ୍‌ସନ

ଜୟପୁର,୧୮।୩(ପି.ଟି.)

ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଅଧିନାୟକ ସଞ୍ଜୁ ସାମ୍‌ସନ ଆଙ୍ଗୁଠି ଅସ୍ତ୍ରୋପଚାରରୁ ରିକଭର କରିବା ପରେ ନିଜ ଆଇପିଏଲ ଦଳରେ ଯୋଗଦେଇଛନ୍ତି। ଗତମାସରେ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟି୨୦ ମ୍ୟାଚ୍‌ରେ ଜୋଫ୍ରା ଆର୍ଚ୍ଚରଙ୍କ ଏକ ବାଉନ୍ସର ତାଙ୍କ ଆଙ୍ଗୁଠିରେ ବାଜିଥିଲା। ଅସ୍ତ୍ରୋପଚାର ପରେ ଏହି ୩୦ ବର୍ଷୀୟ କ୍ରିକେଟର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରିହାବିଲିଟେଶନ ଶେଷ କରିଥିଲେ। ସେ ରାଜସ୍ଥାନ ଦଳର ପ୍ରଥମ ପ୍ରାକ୍ଟିସ୍ ସେସନରେ ଯୋଗଦେଇଛନ୍ତି।

ସଞ୍ଜୁ ବିମାନବନ୍ଦରରୁ ସିଧାସଳଖ ଆମର ପ୍ରଥମ ପ୍ରାକ୍ଟିସ୍ ମ୍ୟାଚ୍‌ରେ ଯୋଗଦେଇଛନ୍ତି ବୋଲି ଆର୍‌ଆର୍ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ପୋଷ୍ଟ କରାଯାଇଛି। ଯଦିଓ ସାମ୍‌ସନ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି, ତେବେ ସେ ଆଇପିଏଲ୍‌ରେ ଆରମ୍ଭରୁ ଉଇକେଟ୍ କିପିଂ କରିବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ଯଦି ସେ ଉଇକେଟ୍ କିପିଂ ଲାଗି ଫିଟ୍ ନ ହୁଅନ୍ତି, ତେବେ ଧ୍ରୁବ ଜୁରେଲ ଉଇକେଟ ପଛରେ ରହି କିପିଂ ଦାୟିତ୍ୱ ସମ୍ଭାଳିବେ। ସୂଚନାଯୋଗ୍ୟ, ରାଜସ୍ଥାନ ଦଳ ଆସନ୍ତା ୨୩ ତାରିଖରେ ହାଇଦ୍ରାବାଦଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରୁ ତା'ର ଅଭିଯାନ ଆରମ୍ଭ କରିବ।



ରାଜସ୍ଥାନ ରୟାଲ୍ସର ଟ୍ରେନିଂ ଅବସରରେ ସଞ୍ଜୁ ସାମସନ ଓ ଯଶସ୍ୱୀ ଜୟସ୍ୱାଲ।

# ନ୍ୟୁଜିଲାଣ୍ଡ ବିଜୟୀ

**ଡୁନେଡିନ୍, ୧୮।୩ (ଏପି):** ଟିମ୍ ସିଫର୍ଟ ଓ ଫିନ୍ ଆଲେନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ନ୍ୟୁଜିଲାଣ୍ଡ ମଙ୍ଗଳବାର ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରିଛି। ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ପାକିସ୍ତାନ ଦ୍ୱାରା ଧାର୍ଯ୍ୟ ୧୩୬ ରନ୍‌ର ଟାର୍ଗେଟ୍‌କୁ ନ୍ୟୁଜିଲାଣ୍ଡ ୧୩.୧ ଓଭରରେ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ଯୋଗୁ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୨-୦ ବ୍ୟବଧାନରେ ଆଗରେ ରହିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୨୧ ତାରିଖରେ ଅକ୍‌ଲାଣ୍ଡରେ ଖେଳାଯିବ।

# କର୍ଣ୍ଣାଟକକୁ ହରାଇଲା ଓଡ଼ିଶା

**ସର୍ବଭାରତୀୟ ସିଭିଲ ସର୍ଭିସ୍ କ୍ରିକେଟ**

ଭୁବନେଶ୍ୱର, ୧୮।୩(ତପନ ସ୍ୱାଇଁ)

ଦିଲ୍ଲୀରେ ଚାଲିଥିବା ସର୍ବଭାରତୀୟ ସିଭିଲ ସର୍ଭିସ୍ କ୍ରିକେଟ ଟୁର୍ନାମେଣ୍ଟ (ନକ୍‌ଆଉଟ)ରେ ଓଡ଼ିଶା ମଙ୍ଗଳବାର କର୍ଣ୍ଣାଟକକୁ ୧୨ ରନ୍‌ରେ ପରାସ୍ତ କରିଛି। ସର୍ବଭାରତୀୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରାୟ ଏକ ଦଶନ୍ଧି ପରେ ଏହି ବିଜୟ ସ୍ୱାଦ ଚାଖିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୧୫୬ ରନ୍ କରିଥିଲା। ଦଳ ପକ୍ଷରୁ ଅବିନାଶ ଖଣ୍ଡୁଆଳ ୨୬ ଓ ଶୁଭାଶିଷ ଜେନା ୨୫ ରନ୍ କରିଥିଲେ। ଜବାବରେ ସିନ୍ଧୁ ପୂଜାରୀଙ୍କ ୪୨ ରନ୍ ସତ୍ତ୍ୱେ କର୍ଣ୍ଣାଟକ ଦଳ ୨୦ ଓଭରରେ ୧୪୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅନୁରାଗ ପୃଷ୍ଟି ୩ଟି ଓ ଲେନିନ୍ କେ. ବଳ ୨ ଉଇକେଟ ନେଇ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।



ସର୍ବଭାରତୀୟ ସିଭିଲ ସର୍ଭିସ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ ଓଡ଼ିଶା ଦଳ।



## ଫଳ ଚାଷ

ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପି ଓଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନପରେ ଥରେ ସଲ୍‌ଫର (୮୫% ସେଚିତ ଦାନାଦାର) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାକୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ମଟର ଦାନା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟ ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଢିବାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ। ବଢିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀସ୍‌ର ଲେପ କିମ୍ବା ମସୃଣ ସିଟ ବ୍ୟାଣ୍ଡ (୪ରୁ ୬ ଇଞ୍ଚ ଓସାର) ଭୂମି ପଉନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ।

## ନଳିତା ବୁଣିବା ସମୟରେ...



ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ଚଳିତ ମାସ ତୃତୀୟ ସପ୍ତାହ ଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇ ପାରିବ। ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ। ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୋସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ। ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛାଟବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି ଓ ଶ୍ରାବନ୍ତୀ।

## ବିହନ ବ୍ୟବହାର ପୂର୍ବରୁ...

ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ତିନି ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।



# ପ୍ରାଣୀଙ୍କୁ ଅଂଶୁଘାତ ଓ ପ୍ରତିକାର



ଡା. ବୀରକିଶୋର ପରଡ଼ା

ଜଳବାୟୁର ପରିବର୍ତ୍ତନ ଯୋଗୁ ବାୟୁ ମଣ୍ଡଳରେ ଉତ୍ତାପ କ୍ରମଶଃ ବୃଦ୍ଧି ପାଉଛି। ଜଙ୍ଗଲରେ ଗଛକଟା ଓ ଖରାଦିନେ ଜଙ୍ଗଲରେ ନିଆଁ ପୋଡ଼ି, ଜନସଂଖ୍ୟା ବୃଦ୍ଧି, କଂକ୍ରିଟ ସହର, ବ୍ୟବସାୟିକ ଭଟାଭାଟି ପୋଡ଼ା, ପ୍ରାକୃତିକ ପାଣି ଉପର ବିନିଯୋଗରେ ଅସମାନତା, କଳକାରଖାନା ଓ ଯାନବାହନଦ୍ୱାରା ନିର୍ଗତ ଉତ୍ତପ୍ତ ଧୂଆଁ ଏବଂ ଦୂଷିତ ବାୟୁମଣ୍ଡଳ ଯୋଗୁ ଉତ୍ତାପ ବୃଦ୍ଧି ପାଉଅଛି। ଫଳରେ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ଅଂଶୁଘାତର ଶିକାର ହେଉଛନ୍ତି। ସଙ୍କର ଜାତୀୟ ଗୋରୁ ଓ ବ୍ରଏଲର କୁକୁଡ଼ା ଅଂଶୁଘାତରେ ଅଧିକ ଆକ୍ରାନ୍ତ ହେଉଛନ୍ତି।

**ଅଂଶୁଘାତ କ'ଣ**


ପ୍ରାଣୀମାନେ ବହୁ ସମୟ ଧରି ବାହ୍ୟ ଜଳବାୟୁର ଅତ୍ୟଧିକ ଉତ୍ତାପ ସଂସ୍ପର୍ଶରେ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପନିୟନ୍ତ୍ରଣ କେନ୍ଦ୍ରରେ କ୍ଷତ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ। ଫଳରେ ଶରୀରରେ ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ। ସେଣୁ ପ୍ରାଣୀ ଏବଂ ମନୁଷ୍ୟ ଅକ୍ଲେଶରେ ଅଂଶୁଘାତର ଶିକାର ହୋଇଥାନ୍ତି।

**ଅଂଶୁଘାତ କେଉଁ ପ୍ରାଣୀଙ୍କୁ ହୋଇଥାଏ**

କୁକୁରଙ୍କର ଉତ୍ତାପ ନିୟନ୍ତ୍ରଣ ରୋଧ କରିବା ଶକ୍ତି ଏବଂ ବିରାଡ଼ିଙ୍କର ସୀମିତ ଉତ୍ତାପ ନିୟନ୍ତ୍ରଣ ଶକ୍ତି ଯୋଗୁ ଅଂଶୁଘାତ ସଙ୍ଗଠିତ ହୋଇଥାଏ। କୁକୁର ପାଗଳା ପରି ଧାଇଁ ଏଣେତେଣେ ବୁଲନ୍ତି ଏବଂ ଭୁକିବା ସହିତ କାମୁଡ଼ିବାକୁ ଗୋଡ଼ାନ୍ତି। ମେଣ୍ଢାର ଚମଡ଼ା ମୋଟା ଥିବାରୁ ଶରୀରରେ ଉତ୍ତାପ ଠିକ୍ ଭାବେ ନିୟନ୍ତ୍ରିତ ହୋଇପାରେ ନାହିଁ। ଫଳରେ ଅଂଶୁଘାତର ଶିକାର ହୁଅନ୍ତି। ଘୁଷୁରିଙ୍କର ଫୁସ୍‌ଫୁସ୍ ଜରିଆରେ ଶ୍ୱାସକ୍ରିୟା ସମୟରେ ସୀମିତ ତାପ ବିକିରଣ ଯୋଗୁ ଶରୀର ଉତ୍ତାପ ବୃଦ୍ଧି ପାଇଥାଏ। ଘୋଡ଼ାଙ୍କର ଅତ୍ୟଧିକ ଶାରୀରିକ ପରିଶ୍ରମ ଯୋଗୁ ଅଂଶୁଘାତ ହୋଇଥାଏ। ସଙ୍କରଜାତୀୟ ଗୋରୁଙ୍କର (ହଲ୍‌ଷ୍ଟିନ୍, ଜର୍ସି) ସୂକ୍ଷ୍ମ ପତଳା ଚମଡ଼ା ଏବଂ ଜିନୀୟ ବା ଗୁଣସୂତ୍ର ଧର୍ମ ଯୋଗୁ ଅଂଶୁଘାତର ସମ୍ମୁଖୀନ ହୁଅନ୍ତି। ସାଧାରଣତଃ, ଗୋରୁଙ୍କଠାରେ ଦୁଇ ପ୍ରକାର ଅଂଶୁଘାତ ପରିଲକ୍ଷିତ ହୁଏ। ପ୍ରଥମଟି ହେଲା - ପତଳା ଚମଡାବିଶିଷ୍ଟ ପଶୁପକ୍ଷୀ ବା ସଙ୍କରଜାତୀୟ ଗୋରୁଙ୍କ ମୁଣ୍ଡ ଉପରେ ସୂର୍ଯ୍ୟକିରଣ ପ୍ରଖର ରୌଦ୍ରତାପ ରଶ୍ମି ସିଧାସଳଖ ପଡ଼ିଲେ ମସ୍ତିଷ୍କରେ ଥିବା ସେରିବ୍ରାଲ୍ ରକ୍ତନଳୀଗୁଡ଼ିକ ସମ୍ପ୍ରସାରିତ ହେବାଦ୍ୱାରା ରକ୍ତସ୍ରାବ ସୃଷ୍ଟି ହୋଇ ପାରାଲିସିସ୍ ବା ପକ୍ଷାଘାତ ସୃଷ୍ଟି ହୁଏ ଏବଂ ପ୍ରାଣୀ ମୃତ୍ୟୁମୁଖରେ ପଡ଼ନ୍ତି। ପ୍ରାଣୀର ଏହି ଅବସ୍ଥାକୁ ସୂର୍ଯ୍ୟାଘାତ କହନ୍ତି।

ଦ୍ୱିତୀୟଟି ହେଲା - ପଶୁପକ୍ଷୀଙ୍କ ଶରୀର ବହୁ ସମୟ ଧରି ବାହ୍ୟ ଜଳବାୟୁର ଅତ୍ୟଧିକ ଉତ୍ତାପ ସଂସ୍ପର୍ଶରେ ଆସିଲେ ଶରୀରରେ ଉତ୍ତାପ ବୃଦ୍ଧି ଘଟିଥାଏ। ଫଳରେ ଶରୀର ତାପ ନିୟନ୍ତ୍ରଣ ଶକ୍ତିର ଦକ୍ଷତା ହରାଇ ବସେ ଏବଂ ପଶୁପକ୍ଷୀ ମୃତ୍ୟୁବରଣ କରନ୍ତି। ଅତ୍ୟଧିକ ପରିଶ୍ରମ ଏହି ସମୟରେ କରାଇଲେ ଏହି ଅବସ୍ଥା ସାଙ୍ଘାତିକ ଆଡ଼କୁ ଗତିକରେ। ଉପଯୁକ୍ତ ବାୟୁ ଚଳାଚଳର ଅବ୍ୟବସ୍ଥା, କମ୍ ଓ ଅନିୟମିତତା ପିଇବା ପାଣିର ଯୋଗାଣ, ଅତ୍ୟଧିକ ମୋଟା ହୋଇଥିବା ପଶୁପକ୍ଷୀ, ଖରାଦିନେ ପଶୁପକ୍ଷୀଙ୍କୁ ନିଷ୍ଠୁରତା ପ୍ରଦାନ ଆଦି ଯୋଗୁ ମୁଖ୍ୟତଃ ଏହି ଅବସ୍ଥା ଉପୁଜିଥାଏ।

"କୁକୁରଙ୍କର ଉତ୍ତାପ ନିୟନ୍ତ୍ରଣ ରୋଧ କରିବା ଶକ୍ତି ଏବଂ ବିରାଡ଼ିଙ୍କର ସୀମିତ ଉତ୍ତାପ ନିୟନ୍ତ୍ରଣ ଶକ୍ତି ଯୋଗୁ ଅଂଶୁଘାତ ସଙ୍ଗଠିତ ହୋଇଥାଏ। କୁକୁର ପାଗଳା ପରି ଧାଇଁ ଏଣେତେଣେ ବୁଲନ୍ତି ଏବଂ ଭୁକିବା ସହିତ କାମୁଡ଼ିବାକୁ ଗୋଡ଼ାନ୍ତି। ମେଣ୍ଢାର ଚମଡ଼ା ମୋଟା ଥିବାରୁ ଶରୀରରେ ଉତ୍ତାପ ଠିକ୍ ଭାବେ ନିୟନ୍ତ୍ରିତ ହୋଇପାରେ ନାହିଁ। ଫଳରେ ଅଂଶୁଘାତର ଶିକାର ହୁଅନ୍ତି। ଘୁଷୁରିଙ୍କର ଫୁସ୍‌ଫୁସ୍ ଜରିଆରେ ଶ୍ୱାସକ୍ରିୟା ସମୟରେ ସୀମିତ ତାପ ବିକିରଣ ଯୋଗୁ ଶରୀର ଉତ୍ତାପ ବୃଦ୍ଧି ପାଇଥାଏ। ଘୋଡ଼ାଙ୍କର ଅତ୍ୟଧିକ ଶାରୀରିକ ପରିଶ୍ରମ ଯୋଗୁ ଅଂଶୁଘାତ ହୋଇଥାଏ। ସଙ୍କରଜାତୀୟ ଗୋରୁଙ୍କର (ହଲ୍‌ଷ୍ଟିନ୍, ଜର୍ସି) ସୂକ୍ଷ୍ମ ପତଳା ଚମଡ଼ା ଏବଂ ଜିନୀୟ ବା ଗୁଣସୂତ୍ର ଧର୍ମ ଯୋଗୁ ଅଂଶୁଘାତର ସମ୍ମୁଖୀନ ହୁଅନ୍ତି।"



**ଅଂଶୁଘାତର କାରଣ**

ଗ୍ରୀଷ୍ମଋତୁର ଦିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି ଘଟିବା, ଜଳବାୟୁର ଆର୍ଦ୍ରତା ବୃଦ୍ଧି ପାଇବା, ପଶୁପକ୍ଷୀଙ୍କୁ ମୁକ୍ତ ବାୟୁ ଚଳାଚଳର ସୁବିଧା ନ ଥାଇ ଆବଦ୍ଧ ଘରେ ରଖିବା, ପଶୁପକ୍ଷୀଙ୍କୁ ଗହଳିରେ ରଖିବା, ସାଧାରଣତଃ ୫ଶହ କେ.ଜି. ଓଜନର ଗାଈ ୨୪ ଘଣ୍ଟାରେ ୧୨୦୦ ୱାଟ୍ ତାପଶକ୍ତି ଶରୀରରୁ ଉତ୍ପନ୍ନ କରିବା, ପଶୁପକ୍ଷୀଙ୍କୁ ପରିବହନ ବା ସ୍ଥାନାନ୍ତର ସମୟରେ ଜଳବାୟୁ ପରିବର୍ତ୍ତନ ସଂସ୍ପର୍ଶରେ ଆସିବା, ଖରାଦିନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରାଇବା କିମ୍ବା ବିକ୍ରି କରାଇବା, ଗରମ ଦିନରେ ସୀମିତ ପିଇବାପାଣି ଯୋଗାଇବା, ପ୍ରାଣୀଙ୍କ ଶରୀରକୁ ଅଧିକ ସମୟ ଗରମସ୍ଥଳରେ ଲୁଗା ଘୋଡ଼ାଇ ରଖିବା, ପୋଷା ପଶୁପକ୍ଷୀଙ୍କୁ ନିୟୁକ୍ତ ଗାଡ଼ି କିମ୍ବା ନିୟୁକ୍ତ ଜେଟ୍ ମଧ୍ୟରେ ରଖି ନେବାଆଣିବା କରିବା ଏବଂ ଅଳ୍ପବୟସ୍କ ତଥା ବୟସ୍କ ପ୍ରାଣୀଙ୍କଠାରେ ବାହ୍ୟ ଉତ୍ତାପ ସହିବା ଦକ୍ଷତା କମିବା ପ୍ରାଣୀଙ୍କଠାରେ ଅଂଶୁଘାତର ଲକ୍ଷଣଗୁଡ଼ିକ ମଧ୍ୟରେ ଅନ୍ୟତମ।

**ଅଂଶୁଘାତରେ ଶରୀରରେ ଘଟୁଥିବା ବିଭିନ୍ନ ପ୍ରକ୍ରିୟା**

ପ୍ରାଣୀଙ୍କ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀରେ କ୍ଷତ ସୃଷ୍ଟି, ଫୁସ୍‌ଫୁସ୍‌ର ସ୍ପନ୍ଦନ ସହିତ ଶ୍ୱାସକ୍ରିୟାର ବେଗ ବୃଦ୍ଧି, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥାନ୍ତି। ସେମାନଙ୍କର ଶରୀରରେ କମ୍ପ ସୃଷ୍ଟି ସହିତ ଜଳଚର ହେବା, ଚେତାଶୂନ୍ୟ ହୋଇ ନିସ୍ତେଜ ହେବା ବ୍ୟତୀତ ଶ୍ୱାସକ୍ରିୟା ବନ୍ଦ ହୋଇଯିବାର ଆଶଙ୍କା ରହିଛି। ଏପରିକି ଶେଷରେ ସେମାନଙ୍କର ମୃତ୍ୟୁ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

**ଅଂଶୁଘାତର ଲକ୍ଷଣ**

ଅଂଶୁଘାତର ଲକ୍ଷଣ ମଧ୍ୟରେ ରହିଛି- ପଶୁପକ୍ଷୀ କିଛି ଖାଆନ୍ତି ନାହିଁ; କ୍ଷୀଣ, ଦୁର୍ବଳ ବା ଅବସନ ଦେଖାଯାନ୍ତି। ଶ୍ୱାସକ୍ରିୟା ଏବଂ ନାଡ଼ିର ବେଗ ବଢ଼ିଥାଏ। ପାଟିବାଟେ ନିଃଶ୍ୱାସ ନେବା ସହିତ ଧକେଇ ହୁଅନ୍ତି। ଜିଭ ପଦାକୁ ସମୟେ ସମୟେ ବାହାରି ଆସେ। ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ନିର୍ଗତ ହୁଏ। ଆଖିର ଶ୍ଳେଷ୍ମା ଝିଲ୍ଲୀ ଲାଲ୍ ପରି ଦିଶେ। ଫୁସ୍‌ଫୁସ୍‌ର ଗତି ବଢ଼ିଯାଏ। ଶରୀରର ଉତ୍ତାପ ୧୦୭-୧୧୦ ଡିଗ୍ରୀ ଫାରେନହିଟ୍‌କୁ ବୃଦ୍ଧି ଘଟି ସ୍ଥିର ରୁହେ। ହୃତ୍‌ପିଣ୍ଡର ବେଗ ବା ସ୍ପନ୍ଦନରେ ଅନିୟମିତତା ଦେଖାଯାଏ। ପଶୁପକ୍ଷୀଙ୍କ ଶରୀରରେ କମ୍ପ ସୃଷ୍ଟି ହୁଏ। ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସିସ୍ ଘଟେ। ଶେଷ ଆଡ଼କୁ ଶରୀରର ଉତ୍ତାପ କମିଯାଏ। ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି। ଯଦି ସଙ୍କ୍ଷେପ୍ତଜନିତ ଅଂଶୁଘାତ ଘଟେ, ତା'ହେଲେ ପ୍ରଥମରୁ ପଶୁପକ୍ଷୀଙ୍କଠାରେ ଅତ୍ୟଧିକ ଉତ୍ତେଜନା ଓ ଅସ୍ଥିରତା ପରି ଲକ୍ଷଣ ପ୍ରକାଶ ପାଇଥାଏ। ଏହାର ଉତ୍କଟ ରୂପ ଦେଖାଗଲେ, ଶରୀରରେ କେତେକ ମାଂସପେଶୀରେ ପକ୍ଷାଘାତ ସୃଷ୍ଟି ହୁଏ। ଫଳରେ ପ୍ରାଣୀମାନେ ଶ୍ୱାସକ୍ରିୟା ହରାଇ ମୃତ୍ୟୁବରଣ କରନ୍ତି। (କ୍ରମଶଃ...)

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ: ୯୪୩୭୦୬୦୬୩୧୨

# ପନିପରିବା ଚାଷ



ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାକୁଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ। ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅବିହିନ୍ନ ପନିପରିବା ଯଥା:- ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାରର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବର ଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସାଇନୋଟ୍ରୋମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।

## ଆଖୁ ଚାଷରେ ସାର ପ୍ରୟୋଗ



ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ। ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାହଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଉପାଡ଼ି କିଆରି ବାହାରେ ପୋଡ଼ିଦିଅନ୍ତୁ। ଆକ୍ରାନ୍ତ କିଆରିରେ କାର୍ବେଣ୍ଡାଜିମ୍ ୩୭.୫% x ଥିରାମ୍ ୩୭.୫% ୩ ଗ୍ରାମ୍, ୪ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ।



## ଡାଲୁଅ ଧାନରେ ରୋଗପୋକ ପରିଚାଳନା

ଧାନଜମିରେ କାଣ୍ଡ ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରାପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଏକ-ଦୁଇ ଦିନ ଶୁଖିଲା ରଖି ପୁଣି କିଆରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଦୁଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମଞ୍ଜିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲକୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ।

## ଚାଷୀଙ୍କ ପାଇଁ

➤ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛକୁ ଖାଇବାକୁ ଦିଅନ୍ତୁ।

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିୟୁଦିଅନ୍ତୁ। ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତ୍ୟେକଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ। ଜର୍ସି, ହୋଲଷ୍ଟିନ୍ ବା ସଙ୍କର ଜାତୀୟ ଗାଈକୁ ଦିନକୁ ଦୁଇଥର ଗାଧୋଇ ଦିଅନ୍ତୁ।

➤ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ। ସେଣୁ ଛେଳି ଓ ମେଣ୍ଢାଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.